
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ଜାନୁଆରୀ ୨୦୨୦
ମୂଲ୍ୟ : ୨୫ ଟଙ୍କା

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ପଞ୍ଚମ ବର୍ଷର ଦଶମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# 'ପ୍ରାଚୀ'ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।<br>କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକିଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-5, January 2020, Issue No. X
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :

ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**

ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**

ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**
**ପ୍ରସନଜିତ୍ ସାହୁ**

ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**

ଡିଟିପି :
**ପ୍ରଶାନ୍ତି ସାଇଁ**

ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**

ଅଳଙ୍କରଣ :
**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**

ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**

**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheevoice.in**

## ଏଇ ସଂଖ୍ୟାରେ...

**ଦଙ୍ଗା**
- ଶ୍ରୀ ମହେଶ୍ୱର ସାହୁ ୦୭

**ପ୍ରିୟସାଥୀ ମୋର**
- ଅଙ୍କିତା ପାଢ଼ୀ ୧୧

**ଗ୍ରୀନ୍ ଟି**
- ପ୍ରିୟଦର୍ଶିନୀ ମହାନ୍ତି ୧୫

**ଏକଶ୍ଚନ୍ଦ୍ର ସ୍ତମୋହନ୍ତି**
- ଛବିରାଣୀ ପତି ୧୭

**ପୁନର୍ଜନ**
ମୂଳରଚନା - ରୋଜାଲିନ୍ ମିଶ୍ର ୨୦

**ପୁଣ୍ୟାତ୍ମା ଗୋପବନ୍ଧୁଙ୍କ କବିତାରେ ଗାନ୍ଧୀ**
- ଅଧ୍ୟାପକ ପବିତ୍ର ମୋହନ ବାରିକ ୨୩

**ଗାନ୍ଧିଜୀଙ୍କ ମତରେ ଖଦିର ଜନ୍ମ**
- ଅଶ୍ୱିନୀ କୁମାର ସେଠୀ ୨୬

**ପ୍ରଜାପତି**
- ସୁଧାଂଶୁ ଶେଖର ଦ୍ୱିବେଦୀ ୨୮

**ମୁଁ ଏଠି କାହିଁକି**
- କୁନଲତା ତ୍ରିପାଠୀ ୩୦

**ଚିନ୍ତାଧାରା**
- ସାଜିଆ ବେଗମ ୩୧

**ଭଣ୍ଡବାବା ଷଣ୍ଢ ମହାରାଜ**
- ବନଲତା ସିଂହ ୩୨

**ସନ୍ଥକବି ଭୀମଭୋଇ**
- ପ୍ରମୋଦିନୀ ବିଶ୍ୱାଳ ୩୪

**ଛୁରି**
- ଶରତ କୁମାର ସାହୁ ୩୬

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..............................................................................................
ଠିକଣା ............................................................ ପିନ୍‌କୋର୍ଡ଼ ..................................
ମୋବାଇଲ୍ ନମ୍ବର ......................................... ଇ-ମେଲ୍ .........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................... ତାରିଖ......................................
ବ୍ୟାଙ୍କ୍......................................... ସ୍ଥାନ.................................................................
ତାରିଖ........................................ ଦସ୍ତଖତ...............................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**
ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧
E-mail : pracheepatrika@rediffmail.com, Web. : www.pracheevoice.in

# ଦଙ୍ଗା

- ମହେଶ୍ୱର ସାହୁ

ସକାଳର ମୃଦୁ ପବନ ସାଙ୍ଗରେ ଭାସି ଆସୁଥିଲା ଝରା ସେଫାଳିର ଭୁରୁ ଭୁରୁ ବାସ୍ନା । ଗାଇ ଉଠୁଥିଲେ ବିହଙ୍ଗ ନିଜର କିଚିରି ମିଚିରି ଶବ୍ଦରେ ନାନା ବାଇଆ ଗୀତ । ପୂରୁବ ଦିଗରେ ଶୀତଳ କିରଣ ଧରି ବାଙ୍କ ଚାହାଣୀରେ ହସି ଦେଉଥିଲେ ଦିବାକର । ଚାରିଆଡ଼ ଶାନ୍ତ, ନିରବ ଓ ସ୍ତବ୍ଧ ଭିତରେ ଭଦ୍ରକ ଜିଲ୍ଲା ତିହିଡ଼ିର ବିକାଶ ବାବୁ ନିଜ ଧନ୍ଦାକୁ ଯାଆନ୍ତି । ନିଜର ମାଛ ବେପାର ଜୀବିକା କିହଲେ ଚଳେ । ମାଛ କିଣି ଭଦ୍ରକ ବଜାରରେ ନେଇ ବିକିଥାନ୍ତି । ଏମିତି ଦୈନିକ ନିଜ ଧନ୍ଦା ଚାଲୁ ରଖିଥାନ୍ତି । ବିକାଶ ବାବୁ ପାଠ ପଢ଼ି ନଥିଲେ ବି ତାଙ୍କର ମାନବିକତା ଓ ପରୋପକାର ଗୁଣ ତାଙ୍କୁ ସବୁବେଳେ ବାବୁ ପଦରେ ପଦ୍ମାନ୍ୱିତ କରିଥାଏ ।

ବିକାଶ ବାବୁ ଆଜି ସକାଳେ ମାଛ କିଣି ଆଣିଛନ୍ତି ନେଇ ବଜାରରେ ବିକ୍ରି କରିବେ, ହେଲେ ଯେ କ'ଣ ? ସକାଳ ଠାରୁ ବଜାରରେ ଘୋ ଚୋ ଚାଲିଛି । ଲୋକମାନେ ଠୁଳ ହୋଇ ଫୁଟୁରୁ ଫାଟର ହେଉଥାନ୍ତି । ସେ ବଜାରରେ ବସିଛନ୍ତି ହେଲେ କେହି ବି ଆଜି ମାଛ କିଣୁ ନାହାନ୍ତି । ବଜାର ପୁରା ବେପାର ପାଇଁ ମାନ୍ଦା ଦେଖାଯାଉଛି । କ'ଣ ଗୋଟାଏ ହୋଇଛି ବୋଧେ । ଆଜି ଟିକେ ମାଛ ଶସ୍ତା ଥିଲା ବୋଲି ଅଧିକ କିଣି ଆଣିଲି ହେଲେ, ଜଣେ ଦୁଇଜଣ ଦାମ ପଚାରି ଚାଲି ଗଲେ । ଏମିତି ଭାବି ଭାବି ବସିଥାନ୍ତି । ଅନ୍ୟ ଦୋକାନୀମାନେ ମଧ୍ୟ ନିଜର କାରବାର ମାନ୍ଦା ଥିବାରୁ ବହୁତ ଦୁଃଖିତ ଅନୁଭବ କରୁଥାନ୍ତି । ଠିକ୍ ଏହି ସମୟରେ ଦୂରରୁ ଏକ ଶବ୍ଦ ଶୁଣାଗଲା । ଶବ୍ଦ କହିଲେ ଲୋକ ମାନଙ୍କର କୋଳାହଳ ଶବ୍ଦ । କୁଆଡ଼େ ଦଙ୍ଗା ଆରମ୍ଭ ହୋଇ ଯାଇଛି । ହିନ୍ଦୁ ଆଉ ମୁସଲମାନଙ୍କ ମଧ୍ୟରେ । ଆଖ ପାଖରେ ହିନ୍ଦୁ ଅଧିକ ଥିଲେ ମୁସଲମାନ ମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଛନ୍ତି ଓ ମୁସଲମାନ ଅଧିକ ଥିଲେ ହିନ୍ଦୁମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଥାନ୍ତି । ଏମିତି ପରିସ୍ଥିତିରେ ବିକାଶ ବାବୁଙ୍କର ମାଛ ଉପରୁ ଧ୍ୟାନ ଯାଇ ନିଜ ଜୀବନ ଉପରେ ଧ୍ୟାନ ଆସିଯାଇ ଥିଲା ।

ମୋ ପିଲା ଛୁଆ ମୋ ପାଇଁ ଅପେକ୍ଷା କରିଥିବେ । ବଜାର ଠାରୁ ତିହିଡ଼ି ନିଜ ଘର ଯେ କି ପନ୍ଦର ରୁ କୋଡ଼ିଏ କିଲୋମିଟର ହେବ । ସାଇକେଲରେ ଆସନ୍ତି ପ୍ରାୟ ପଚାଶ କିଲୋ ମାଛ ବୋହି ଆଣିଥାନ୍ତି । ଆଜି ମାଛ ଗୋଟେ କିଲୋ ବି ବିକ୍ରି ନାହିଁ ହେଲେ ଏଇ ଭଳି ଦଙ୍ଗା ଶୁଣି ଚମକି ପଡ଼ିଥିଲେ ବିକାଶ ବାବୁ । ପୂର୍ବରୁ ଥରେ ହିନ୍ଦୁ ସମ୍ପ୍ରଦାୟ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ଦଙ୍ଗା ହୋଇଥିଲା । ସେଥିରେ ଉଭୟ ପକ୍ଷରୁ ବହୁତ ଜନ ଓ ଧନ ହାନି ହୋଇଥିଲା । ପୁଣି ସେମିତି ପରିସ୍ଥିତି ଉପୁଜିଲେ ବଞ୍ଚିବା କଷ୍ଟକର ହେଇଯିବ କିଛି ଦିନ ପାଇଁ । ବିକାଶ ବାବୁ ପୁରୁଣା ମାଛ ବେପାରୀ । ବଜାରରେ ତାଙ୍କର ଖାତିରି ଅଛି । ଛୋଟ ପିଲାଠାରୁ ବଡ଼ ଲୋକ ସମସ୍ତେ ତାଙ୍କୁ ଜାଣନ୍ତି । ସମସ୍ତଙ୍କର ବିଶ୍ୱାସ ଥାଏ ବଜାରକୁ ଗଲେ ନିଶ୍ଚୟ ବିକାଶ ବାବୁଙ୍କ ପାଖରେ ମାଛ ମିଳିବ । ବିକାଶ ବାବୁ ଏତେ ପଇସା ଲୋଭି ନୁହେଁ । ତେଣୁ ଲୋକମାନେ ତାଙ୍କୁ ବିକାଶ ବାବୁ ବୋଲି ଜାଣନ୍ତି । ବହୁତ ସରଳ ହୃଦୟ । ଗରିବ ଲୋକଟିଏ ମାଛ ଖାଇବାର ଆଶା କଲେ ଯାଚି ଯାଚି ମାଛ ଦେଇ ଦିଅନ୍ତି ଆଉ କୁହନ୍ତି "ଆଜି ନେଇ ଖାଇବୁ ଯାଆ, ଆଉ ଯେତେବେଳେ ଆସିବୁ ପଇସା ଦେଇଦେବୁ" । ଏମିତି ହୃଦୟବାନ ଲୋକର ପଇସା କେହି ବି ଲୋକ ବୁଡ଼ାଇ ନାହାନ୍ତି ।

ଭାରି ଭୋକ ଲାଗିଲାଣି । ହେଲେ ଦୋକାନୀ ସମସ୍ତେ ଭୟରେ ବଜାର ବନ୍ଦ କରି ପଳେଇ ଯିବାକୁ ବସିଲେଣି । ମକ୍ଷୀ ନାନୀର ଗୁଲୁଗୁଲା ଆଉ ଆଳୁଦମ ଦୋକାନ ଖୋଲା ଅଛି । ବିକାଶ ବାବୁ ନିଜ ଦୋକାନ ବାନ୍ଧି ମାଛ ଗୁଡ଼ାକ ବରଫ ଦେଇ ନିଜ ସାଇକେଲରେ ବାନ୍ଧି ମକ୍ଷୀ ନାନୀ ପାଖରେ ପହଁଚିଲେ ।

କହଲେ "ମକ୍ଷୀ ନାନୀ କ'ଣ ଅଛି ଦିଇଟା ଦେଲୁ ଖାଇ ଦିଏ । ଆଉ ନାନୀ କ'ଣ ଦଙ୍ଗା ହେଇଛି ବୋଧେ, ଦୋକାନ ଗୁଡ଼ାକ ବନ୍ଦ କରି ସମସ୍ତେ ପଳେଇ ଗଲେଣି ।

ଆଜି ଗରାଖ କେହି ଦେଖା ଯାଉ ନାହାଁନ୍ତି । କ'ଣ ହେଇଛି ମକ୍ଷୀ ନାନୀ" ?

ମକ୍ଷୀ ନାନୀ "ହଁ ରେ ବିକାଶ । ସେଇ ମୁସଲମାନ ବସ୍ତିର ଗୋଟେ ପିଲା କୁଆଡ଼େ ସୀତା ମାଆଙ୍କ ଫଟୋ ତଳେ ଇଆଡୁ ସିଆଡୁ ଲେଖି ଦେଇଛି ଆଉ ସେଇଥିପାଇଁ ପରା ପୁରା ଭଦ୍ରକ ଏବେ ରକ୍ତ ମୁଖା ହେଇ ଯାଇଛି" ।

ବିକାଶ ବାବୁ "ହଉ ତୁ ଆଗେ ଖାଇବାକୁ ଦେ ତା' ପରେ ଆମେ କଥା ହେବ । ଆଉ ନାନୀ ମୋ ପାଖରେ ପଇସା ନାହିଁ ତେଣୁ ତୋ ପାଇଁ ଇଲିସ ମାଛ ଗୋଟେ ରଖୁଛି ନେଇ ଖାଆ, ପୁଣି ଆସିଲେ ହିସାବ କରିଦେବା" ।

ମକ୍ଷୀ ନାନୀ "ତୋ ପାଖରେ କ'ଣ ନାସ୍ତା ପାଇଁ ପଇସା ନାହିଁ । ତୁ ପୁଣି ଘରେ ଚଳିବୁ କେମିତି ?"

ବିକାଶ ବାବୁ "ହଁ ଲୋ ନାନୀ ସେଇଆ ଭାବୁଛି । ଯାହା ପଇସା ଥିଲା ଆଜି ଅଧିକ ମାଛ କିଣି ଆଣିଥିଲି । ଆଗରୁ ଥରେ ଏମିତି ଦଙ୍ଗା ହୋଇଥିଲା ଆଉ ଆମ ଭଦ୍ରକ ପୁରା ଜଳି ଯାଇଥିଲା । ସମସ୍ତଙ୍କର ସେଇ ଗୋଟିଏ କଥା ଥିଲା, ଆମେ ଯଦି ସମସ୍ତେ ଗୋଟିଏ ରଙ୍ଗର ରକ୍ତ ଓ ଗୋଟିଏ ପ୍ରଜାତିର ମଣିଷ ତେବେ ଆମ ମଧ୍ୟରେ ଏପରି ବିଭିନ୍ନତା ଆସୁଛି କୁଆଡୁ ? ଯେଉଁ ସୁଜଳା ଓ ସୁଫଳା ଧରଣୀର ବକ୍ଷରେ ଆମେ ସମସ୍ତେ ନିଜର ଖାଦ୍ୟ, ବସ୍ତ୍ର ଓ ପାନୀୟ ଗ୍ରହଣ କରନ୍ତି, ସେଇ ମାଟି ମାଆ ଉପରେ କ'ଣ ବିଭିନ୍ନତାର ଆଲୋକ ବୁଣିବା ଯଥାର୍ଥ କି ନାନୀ ?"

ମକ୍ଷୀ ନାନୀ "ହଉରେ ବିକାଶ ତୁ ଯେତେ ପାରୁଛୁ ନାସ୍ତା ଖାଇ ତୋର ଇଲିସି ପଇସା ନେଇକି ଯାଆ ଆଉ ଦେଖିବା କ'ଣ ଘଟୁଛି ଘଟୁ । ଏଇ ଲୋକ ଗୁଡ଼ାକ ଅର୍ଥ ପାଗଳ । ଏମାନଙ୍କୁ ସବୁବେଳେ ହିଂସା ଦ୍ୱେଷ ଓ ଜାତି ଧର୍ମ ପାଗଳ କରି ରଖିଛି । ତା' ସହିତ ଏଇ ଯେଉଁ ଆଧୁନିକ ଯୁଗ କହୁଛନ୍ତି ତା' ସହିତ କମ୍ପ୍ୟୁଟର ଯୁଗ କହୁଛନ୍ତି ଏଇଟା ମଣିଷକୁ ଅନ୍ଧ କରିଦେଉଛି । ତେଣୁ ସେମାନେ ଫେସ୍‌ବୁକ୍‌ରେ ଅନ୍ଧ ହୋଇ ମନ୍ତବ୍ୟ ଦେଉଛନ୍ତି ଓ ନିଜ ନିଜ ଭିତରେ ଶତ୍ରୁର କାରଣ ହେଉଛନ୍ତି । ଆମେ ଜାଣୁ ଯେ ଈଶ୍ୱର ହୁଅନ୍ତୁ କି ଆଲ୍ଲା ହୁଅନ୍ତୁ କି ଭଗବାନ ହୁଅନ୍ତୁ ସବୁ ଏକ ପରା । କିନ୍ତୁ ଲୋକଙ୍କର ଭାବନା ଅଲଗା ରହୁଥିବାରୁ ଉପାସନା ଗୃହ ଅଲଗା ହୋଇଛି ଓ ଏଇଟା ବିଭିନ୍ନତା ଆଡ଼କୁ ନେଇ ଯାଉଛି । ହଉ ତୁ ଆରାମରେ ଖାଇ ଘରକୁ ପଳା ।"

ବିକାଶ ବାବୁ "ମକ୍ଷୀ ନାନୀ ମୋତେ ବହୁତ ଡର ଲାଗୁଛି ଲୋ । ଲୋକମାନେ ବୁଝି ପାରୁନାହାନ୍ତି ଯେ ଆମେ କାହା ଉପରେ ଆକ୍ରମଣ କରିବା ପୂର୍ବରୁ ତା'ର ପରିବାର ଓ ପିଲା ଛୁଆଙ୍କ କଥା ଚିନ୍ତା କରିବା ଦରକାର । ହେଲେ ନିଜର ଅହମିକା ଓ ଆତ୍ମଗର୍ବ ସେମାନଙ୍କୁ ଅନ୍ଧ କରିଦେଉଛି । ହଉ ମକ୍ଷୀ ନାନୀ ମୋର ଖାଇବା ସରିଲା ଆଉ ଯାହା ଦେବୁ ଦେ ମୁଁ ଘରକୁ ଯିବି । ଭଦ୍ରକରୁ ଇଚ୍ଛାପୁର ରାସ୍ତାରେ ଗଲେ ତିହିଡ଼ିରେ ପହଞ୍ଚିବାକୁ ପଡ଼ିବ ।"

ବିକାଶ ବାବୁ ନିଜ ସାଇକେଲ ଧରି ଭଦ୍ରକରୁ ଘର ଅଭିମୁଖେ ଚାଲିଲେ । କିଛିବାଟ ଆସିଛନ୍ତି ଦଳେ ଲୋକ ଟଣା ଟଣି ଲାଗିଛନ୍ତି । କିଏ କହୁଛି ମାର ବେ ତାକୁ ଧର ବେ ତାକୁ ଏମିତି ଘୋ ଘା ତୁ ତାକର ଚାଲିଛି । ବିକାଶ ବାବୁ ବହୁତ ଡରି ଯାଇଥିଲେ ହେଲେ ଅଧୈର୍ଯ୍ୟ ନହୋଇ ରାସ୍ତାର କଡ଼େ କଡ଼େ ଆଗକୁ ଚାଲିଲେ । ବୋଧହୁଏ ସେଠାରେ ହିନ୍ଦୁ ଲୋକମାନଙ୍କ ସଂଖ୍ୟା ଅଧିକ ଥିଲା ସେଥିପାଇଁ ବିକାଶ ବାବୁଙ୍କ କିଛି ଚିହ୍ନା ଲୋକ କହିଲେ ଜଲ୍‌ଦି ଘରକୁ ପଳାଅ । ବିକାଶ ବାବୁ ସେଇ ଜାଗାରୁ ପାର ହୋଇ କିଛି ବାଟ ଆସିଛନ୍ତି ଦେଖିଲେ ପୁରା ବଜାର ଯାହାକି କଚେରୀ ବଜାରର ଦୋକାନ ଗୁଡ଼ିକ ଜଳୁଛି । ଅଧିକାଂଶ ହିନ୍ଦୁ ଆଉ ମୁସଲମାନମାନଙ୍କ ଦୋକାନରେ ନିଆଁ ଲଗାଯାଇଛି । କିଏ କୁଆଡ଼େ ଦଉଡି ପଳାଇ ଯାଉଛି । ବିକାଶ ବାବୁ ଯିବେ କୁଆଡ଼େ । ଜୀବ ଥିବା ଯାଏ ଲୋଭ ରହିଛି ତେଣୁ ଏକରେ ପୁରା ଷାଠିଏ କିଲୋ ମାଛର ବୋଝ ସହିତ ନିଜ ସାଇକେଲ । ଛାଡ଼ି ଦୌଡ଼ିବାର ବାଟ ନାହିଁ । ହଉ ଭଗବାନ କ'ଣ କରୁଛନ୍ତି ଦେଖିବା । ଯାହା ହେଉ ପୋଲିସ ଭାଇମାନେ ଘଟଣାସ୍ଥଳରେ ପହଞ୍ଚି ଆୟତ୍ତ କରିବାକୁ ଚେଷ୍ଟା କରୁଛନ୍ତି ହେଲେ ଯେଉଁଠାରେ ପୋଲିସ କର୍ମୀ ରହିଛନ୍ତି ସେଇଠାରେ ଦଙ୍ଗା ନାହିଁ ହେଲେ ଅନ୍ୟ ସ୍ଥାନରେ ଦୋକାନ ଜଳା ଯାଉଛି । ବିକାଶ ବାବୁଙ୍କୁ ଏହି ଦୃଶ୍ୟ ଅତ୍ୟନ୍ତ ଦୁଃଖଦ ହୋଇଥିଲା । କୋଟି କୋଟି ଟଙ୍କାର ସମ୍ପତ୍ତି ଜାଳି ଦିଆଯାଇଛି । ହେଲେ ସେମାନେ କାହିଁକି ମୁଖ୍ୟ ଦୋଷୀକୁ ଧରିବାକୁ ଚେଷ୍ଟା କରୁନାହାନ୍ତି । ଦୋଷୀକୁ ନ ଧରି ଏଇ ଦୋକାନ ବଜାର ଜଳେଇ ସୁନ୍ଦର ଓ ଧନାଢ଼୍ୟ ଭଦ୍ରକ ସହରଟାକୁ ଶ୍ରୀହୀନ କରି ଦେଉଛନ୍ତି ଯେ । ସିଏ ହିନ୍ଦୁ ହୁଅନ୍ତୁ

କି ମୁସଲମାନ ହେଲେ ନଷ୍ଟ ତ ଆମ ଭଦ୍ରକ ସହରର ହେଉଛି । ହେ ଭଗବାନ ଆମ ସହରକୁ ରକ୍ଷା କର । ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରି ରାତି ଦିନ ଦୋକାନ ଜଗି ରହିଲେ ଦୁଇ ପଇସା ମିଳେ । ହେଲେ ଏମିତିରେ ନିଜର ଜୀବିକା ହରେଇ ଲୋକମାନେ ବଞ୍ଚିବେ କେମିତି । ଏମିତି ଭାବି ଭାବି ବିକାଶ ବାବୁ ଆଗେଇ ଚାଲିଛନ୍ତି ।

କିଛି ବାଟ ପୁଣି ଆସିଲା ପରେ ସାଳନ୍ଦୀ ନଈର ପୋଲ ଉପରେ ଜଣେ ମୁସଲମାନ ଦାଢ଼ି ଓ ଟୋପି ପିନ୍ଧା ଚାଚା ଆସି ବିକାଶ ବାବୁଙ୍କ ସାଇକେଲରେ ବାଡ଼େଇ ଗଲେ । ଚାଚା ଜଣକ ରକ୍ତାକ୍ତ ଶରୀର । ସେ ବିକାଶ ବାବୁଙ୍କୁ ଚିହ୍ନି ପାରିଲେ ଓ କହିଲେ ମୋତେ ବଞ୍ଚେଇ ଦିଅ ବିକାଶ ବାବୁ । ମୋ ଦେହ ସାରା ଆଘାତ ଲାଗିଛି । କେହି ତାକୁ ମାରିଛି ତ କେହି ଲାଠିରେ ବାଡ଼େଇଛନ୍ତି । ବିକାଶ ବାବୁ ନିରୁପାୟ ହେଇଗଲେ । ଏହି ବଜାର ସାରା ଲୋକ ବିକାଶ ବାବୁଙ୍କ ମାଛ ନେଇଥାନ୍ତି । ସବୁ ଗରାଖ ଦେବତା ତାଙ୍କ ପାଇଁ । ମାଛ ପେଟିରୁ କିଛି ବରଫ କାଢ଼ି ଓ ମାଛ ଘୋଡ଼ା କପଡ଼ା ଖଣ୍ଡେ କାଢ଼ି ବିକାଶ ବାବୁ ସେଇ ଚାଚାଙ୍କ ମୁଣ୍ଡରେ ବାନ୍ଧି ଦେଇଥିଲେ । ଚାଚା ଜଣକ ଟିକିଏ ସୁସ୍ଥ ଲାଗିବାରୁ ବିକାଶ ବାବୁ କହିଲେ ଚାଚା ତମେ ଏଇ ଗଳି ଭିତର ଦେଇ ଡାକ୍ତର ଖାନାକୁ ପଳେଇ ଯାଅ ଆଉ ସେଠାରେ ପୋଲିସ ଅଛନ୍ତି । ତମକୁ ଡାକ୍ତରୀ ଚିକିତ୍ସା ମିଳିଯିବ ଆଉ ତମେ ସୁସ୍ଥ ହୋଇଯିବି । ଚାଚା ଜଣକ ଆଲ୍ଲା ତୁମକୁ ଦୀର୍ଘାୟୁ କରନ୍ତୁ କହି ଧୀରେ ଧୀରେ ଡାକ୍ତରଖାାନାକୁ ଚାଲିଲେ । ବିକାଶ ବାବୁ ଏଥର ନିଜର ସାଇକେଲର ବେଗ ବଢ଼ାଇବାରେ ଲାଗିଲେ । କିଛି ବାଟ ଆସିଲା ପରେ ସେ ବାଇପାସରେ ପହଞ୍ଚିଲେ ଓ ସେଠାରେ ଦୋକାନ ଗୁଡ଼ିକ ଜଳୁଥିବାରୁ ଧୂଆଁରେ ପୁରା ବାଟ ଅନ୍ଧକାର ଦେଖା ଯାଉଥିଲା । ପୋଲିସ ଭାଇମାନେ ବିକାଶ ବାବୁଙ୍କୁ କହିଲେ ଜଲ୍‌ଦି ଜଲ୍‌ଦି ପଳାଅ । ଆମେ ଘଟଣାକୁ ଆୟତ୍ତ କରୁଛୁ । ବିକାଶ ବାବୁ ପୋଲିସମାନଙ୍କୁ ସ୍ୱାଗତ କରି ସେଠାରୁ ଇଚ୍ଛାପୁର ରାସ୍ତାରେ ଆଗେଇ ଚାଲିଲେ ।

କିଛି ବାଟ ଆସିଛନ୍ତି ଦେଖିଲେ କିଛି ମୁସଲମାନ ଟୋକା ଏକତ୍ରିତ ହୋଇ ହୋ ହାଲ୍ଲା କରୁଛନ୍ତି । ବିକାଶ ବାବୁ ଦେଖି ଜଣେ ଟୋକା କୁଆଡୁ ଦଉଡ଼ି ଆସି ଗୋଟିଏ ମୋଟା ଦଣ୍ଡାରେ ମୁଣ୍ଡକୁ ଜୋରରେ ପାହାରେ ଦେଲା । ମୁଣ୍ଡରୁ ନାଲି ରକ୍ତ ଡବ ଡବ ହୋଇ ବୋହିଆସିଲା । କିଛି ସମୟ ଅନ୍ଧକାର ଦେଖା ଦେଲା । ସେଇ ଟୋକାଟି ଆଉ ଏକ ପାହାର ଦେବା ପୂର୍ବରୁ କିଛି ହୃଦୟବାନ ମୁସଲମାନ ଲୋକ ତାକୁ ଧରି ନେଇଥିଲେ । ବିକାଶ ବାବୁ ମାଡ଼ ଖାଇ ମଧ୍ୟ ନିଜ ସାଇକେଲ ଛାଡ଼ି ନଥିଲେ ।

ବିକାଶ ବାବୁ ମୁଣ୍ଡ ବୁଲେଇ ଦେଉଥାଏ । ତଣ୍ଟି ଶୁଖି ଯାଉଥାଏ । ପାଣି ପାଣି ବୋଲି କହିବାରୁ କେହିଜଣେ ଗୋଟିଏ ବୋତଲରୁ ପାଣି ପିଇବାକୁ ଦେଇଥିଲେ । ସେଇ ସମୟରେ ପୋଲିସ ଭାଇମାନେ ଆସିଯିବାରୁ କିଏ କୁଆଡ଼େ ଦଉଡ଼ି ପଳେଇ ଯାଇଥିଲେ । ବିକାଶ ବାବୁ ପାଣି ପିଇ ଟିକେ ବସି ଯାଇଥିଲେ । ପୋଲିସ ଭାଇମାନେ ତାଙ୍କ ମୁଣ୍ଡରେ ମଲମ ଲଗେଇ ବାନ୍ଧି ଦେଇଥିଲେ । ଯନ୍ତ୍ରଣା ବଢ଼ିବାକୁ ଲାଗିଲା । ପୋଲିସ ଭାଇମାନେ ତାଙ୍କର ମାଛ ପେଟିକୁ ନିଜ ଘରକୁ ପଠେଇ ଦେଇ ବିକାଶ ବାବୁଙ୍କୁ ଭଦ୍ରକ ଜିଲ୍ଲା ଡାକ୍ତରଖାନାକୁ ପଠେଇ ଦେଇଥିଲେ ।

ଡାକ୍ତରଖାନାରେ ବିକାଶ ବାବୁଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା । ତା' ପରେ ତାଙ୍କୁ କିଛି ଦିନ ସେଠାରେ ରିହ ନିଜର ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ପାଇଁ ବିଛଣା ଦିଆ ଯାଇଥିଲା । ବିଛଣା ସଂଖ୍ୟା ସାତରେ ଶୋଇଥାନ୍ତି ସେଇ ଚାଚା ଜଣକ ଓ ଏପାଖ ବିଛଣା ସଂଖ୍ୟା ଅଠରର ଶୋଇଥାନ୍ତି ବିକାଶ ବାବୁ । ସରକାର ଭଦ୍ରକ ଦଙ୍ଗାକୁ ଆୟତ୍ତ କରି ସାରିଥିଲେ । ସହର ଓ ବଜାର ଧୀରେ ଧୀରେ ଶାନ୍ତ ହେବାକୁ ଲାଗିଲା ।

ବିକାଶ ବାବୁଙ୍କୁ ଦେଖି ସେଇ ଚାଚା ଜଣକ କହିଲେ ଆରେ ବିକାଶ ବାବୁ ତମର ଏହି ଅବସ୍ଥା । ତମେ ସେଦିନ ମୋତେ ବଞ୍ଚେଇ ନଥିଲେ । ଆଜି ମୋ ଶବ କବରି ସ୍ଥାନରେ ରହିଥାନ୍ତା । ଆପଣ ମୋ ପାଇଁ କେତେ ପରିଶ୍ରମ କଲେ, ମୁଁ ବଞ୍ଚିଥିବା ଯାଏ ଆପଣଙ୍କର ଏହି ଋଣ ସୁଝି ପାରିବିନି । ବିକାଶ ବାବୁଙ୍କର ପୂରା ପରିବାର ଆସି ଯାଇଥିଲେ । ଚାଚାଙ୍କର ପରିବାର ମଧ୍ୟ ଆସିଯାଇଥିଲେ । ଚାଚାଙ୍କର ପୁଅ ସେଇଠାରେ ଉପସ୍ଥିତ ଥିଲେ ।

ଯେ କ'ଣ ଚାଚାଙ୍କର ପୁଅ ସଙ୍ଗେ ସଙ୍ଗେ ଉଠିଯାଇ ବିକାଶ ବାବୁଙ୍କ ପାଦ ଧରି କାନ୍ଦିବାକୁ ଲାଗିଲା । ମୋର ଭୁଲ ହୋଇ ଯାଇଛି ମଉସା । ମୋର ବହୁତ ବଡ଼ ଭୁଲ ହୋଇଯାଇଛି ।

ବିକାଶ ବାବୁ " ତମେ ଏଇ ଚାଚାଙ୍କ ପୁଅ କି ?" ସଲିମ "ହଁ ମଉସା ମୋତେ ମାଫ କରିଦିଅ । ମୁଁ ସେଇ ଲୋକ ଯିଏ ହିନ୍ଦୁ ମୁସଲମାନ ଦଙ୍ଗାରେ ବଶବର୍ତ୍ତୀ ହୋଇ ତୁମକୁ ବାଡ଼େଇ ଥିଲି । ମଉସା ଏବେ ମୁଁ ଅନୁଭବ କରୁଛି ତୁମର ଏଇ ଛୋଟ ଛୋଟ ପିଲାମାନଙ୍କୁ ଦେଖି ମୋ ହୃଦୟ ଫାଟି ଯାଉଛି ମଉସା । ସେଦିନ ଯଦି କିଛି ଅଘଟଣ ଘଟି ଯାଇଥାନ୍ତା ତେବେ ତୁମ ପରିବାର କ'ଣ କରିଥାନ୍ତେ ? କେମିତି ଚଳି ଥାନ୍ତେ ?"

"ମୁଁ ଦୋଷୀ ମଉସା । ମୁଁ ଦଣ୍ଡ ପାଇବା ଯୋଗ୍ୟ । ମୋତେ ଅଭିଶାପ ଦିଅ ମଉସା ମୋତେ ଦଣ୍ଡ ଦିଅ । ଯିଏ ମୋ ବାପାଙ୍କୁ ବଞ୍ଚେଇ ପାରିଲେ ଧର୍ମ ଜାତିର ବିଭିନ୍ନତା ନ ରଖି ମୁଁ ଏମିତି ଅପଦାର୍ଥ ସେଇ ମହାତ୍ମାଙ୍କୁ ଆଘାତ ଦେଲି" ।

ସଲିମ ନିଜକୁ ନିଜେ କାନ୍ଦିବାକୁ ଲାଗିଲେ । ଆଖିରୁ ଝରି ଯାଉଥାଏ ଅନୁତାପର ଲୋତକ । ଜାବୁଡ଼ି ଧରିଥାନ୍ତି ବିକାଶ ବାବୁଙ୍କ ଗୋଡ଼ । କ୍ଷମା ଭିକ୍ଷା ପାଇଁ ଆତୁର କଣ୍ଠରେ କ୍ରନ୍ଦନ କରୁଥାନ୍ତି ସଲିମ । କହୁଥାନ୍ତି ହେ ଆଲ୍ଲା ରେହମ କର । ହେ ଆଲ୍ଲା ରେହମ କର । ଏମିତି କହି ହେଉଥାନ୍ତି ।

ବିକାଶ ବାବୁ ଜାତିରେ ମଳିକ ଓ ବ୍ୟବସାୟରେ ମତ୍ସ୍ୟଜୀବୀ ହେଲେ ମଧ୍ୟ ତାଙ୍କ ମଧ୍ୟରେ ଏମିତି ଏକ ପ୍ରତିମା ରହିଥିଲା ଯାହାକି ବାବୁ ପଦରେ ମଣ୍ଡିତ କରୁଥିଲା । ଆଉ କହି ଉଠିଲେ 'ସଲିମ ଭୁଲ ତୋର ନାହିଁରେ । ଭୁଲଟା ଏଇ ସମାଜର । ଯିଏ ଆମମାନଙ୍କୁ ଜାତି ଧର୍ମ ଭଳି ସୁତାରେ ବାନ୍ଧି ବିବିଧତା ସୃଷ୍ଟି କରିଛି । ତୁ ସେଇ ପରିସ୍ଥିତିରେ ଥିଲୁ ଯାହାକି ତୋ ଜାତି ଓ ତୋ ଧର୍ମ ପାଇଁ ତୋତେ ଅମାନୁଷିକ କାର୍ଯ୍ୟରେ ଲୁପ୍ତ କରିବାକୁ ବାଧ କରିଥିଲେ । ହେଲେ ଥରେ ଭାବିଦେଖ ତୋ ବାପା ମରିଯାଇଥିଲେ ତୁମ ପରିବାର କେମିତି ଚଳିଥାନ୍ତେ । ତୁ ପାଠ ପଢୁଛୁ ଆଉ ତୋର ସାତ ଭାଇଭଉଣୀ କେମିତି ଚଳିଥାନ୍ତେ । ମୁଁ ମଧ୍ୟ ଆଜି ମରିଯାଇଥିଲେ ମୋ ସ୍ତ୍ରୀ ଓ ପିଲାମାନେ ଭୋକ ଉପାସରେ ଡହଳ ବିକଳ ହୋଇଥାନ୍ତେ । ତେଣୁ କୌଣସି ଘଟଣାର ଆମେ ବିଚାର କରିବା ଉଚିତ । ସିଏ ଯେଉଁ ଜାତି ହେଉ କି ଧର୍ମ ସମସ୍ତଙ୍କର ସମାନ ଅଧିକାର ଅଛି ଏହି ଦୁନିଆରେ ବଞ୍ଚିବା ପାଇଁ । ସମସ୍ତଙ୍କୁ ସମାନ ନ୍ୟାୟ ମଧ୍ୟ ମିଳିବା ଦରକାର । ତେଣୁ ଆମେ ସମସ୍ତେ ଭାଇ ଭାଇ ହୋଇ ଏଇ ଦୁନିଆର କର୍ମ ଭୂମିରେ ନିଜର ସୀମିତ ଜୀବନ ଦୀପକୁ ଜଳେଇ ଖୁସିରେ ନିଜର ଜୀବନ ଅତିବାହିତ କରିବା ଆବଶ୍ୟକ । ବୁଝିଲୁ ସଲିମ ତେଣୁ ପାଠ ପଢ଼ିଦେଲେ ହୁଏ ନାହିଁ । ପାଠର ମୁଖ୍ୟ ଠିକଣା ପ୍ରମାଣ ପତ୍ର ନୁହେଁ । ପାଠର ମୁଖ୍ୟ ଠିକଣା ହେଉଛି ମାନବିକତା । ଯାହାକି ସେଇଟା ମୁଁ ଜାତି ଧର୍ମ ନ ଦେଖି ତୋ ବାପା ପାଇଁ ପରିପ୍ରକାଶ କରିଥିଲି । ହେଲେ ମୁଁ ପାଠ ପଢ଼ି ନାହିଁ । ମୁଁ କେବଳ ପଇସା ହିସାବ କରିପାରେ । ହେଲେ ମାନବିକତା ଗୁଣ ନ ରହିଥିଲେ ତୋ ବାପା ମୁସଲମାନ ବୋଲି କହି ମୁଁ ମଧ୍ୟ ତାଙ୍କୁ ଆଘାତ ଦେଇ ମୃତ୍ୟୁ ମୁଖକୁ ଠେଲି ଦେଇଥାନ୍ତି । ତେଣୁ ବିଦ୍ୟା ସହିତ ମାନବିକତା ଗୁଣ ହିଁ ମହାନ୍" ।

ବିକାଶ ବାବୁ ସଲିମକୁ କ୍ଷମା କରି ଦେଇଥିଲେ ଓ ସଲିମ ମଧ୍ୟ କଥା ଦେଇଥିଲା ବିକାଶ ବାବୁଙ୍କୁ ମଉସା ଆଉ ଏମିତି ସମୟ ଆସିବ ନାହିଁ ଆମ ଭଦ୍ରକରେ ପୁଣି ଦଙ୍ଗା ହେବ ତେଣୁ ଆମେ ଉଭୟ ହିନ୍ଦୁ ମୁସଲମାନ ମିଳିତ ଭାବରେ ଏଥିପାଇଁ ଧ୍ୟାନ ଦେବୁ । ସେଇଦିନଠାରୁ ସଲିମ ଉଭୟ ହିନ୍ଦୁ ଓ ମୁସଲମାନ ଉଭୟଙ୍କ ମଧ୍ୟରେ ଶାନ୍ତି ଶୃଙ୍ଖଳା ରହିବା ପାଇଁ କାର୍ଯ୍ୟ କରିଥିଲେ । ଭାରତ ମାତା କି ଜୟ ଗାନ କରି ନିଜର ଜୀବନ ପଥରେ ଆଗେଇ ଚାଲିବା ହେଉଛି ଆମର ଧର୍ମ । ଜୟ ହିନ୍ଦ......ବନ୍ଦେ ମାତରଂ ।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ, ବାଲେଶ୍ୱର ।

# ପ୍ରିୟ ସାଥୀ ମୋର

**- ଅଙ୍କିତା ପାଢ଼ୀ**

ନଦୀ କୂଳରେ ଗୋଟିଏ ଛୋଟିଆ ଗାଁ'ରେ ରୁହନ୍ତି ଅଂଶୁ ନାମରେ ଜଣେ ସରଳ ଓ ଶାନ୍ତ ପିଲା । ସେ ନିଜର ପଢ଼ା ଦଶମ ପାଖରୁ ବନ୍ଦ ହୋଇ ଯାଇଥିଲେ କାରଣ ତାଙ୍କ ପରିବାରର ଆର୍ଥିକ ଅବସ୍ଥା ଶିଥିଳ ଥିଲା । ତେଣୁ ଅଂଶୁ ଘର ପରିସ୍ଥିତି ସୁଧାରିବା ପାଇଁ ଗୋପାଳନ କଲେ । ଗୋ ପାଳନ କରିବାକୁ ସେ ବ୍ୟାଙ୍କ ଋଣ ସଦୃଶ କୋଡ଼ିଏ ହଜାର ଟଙ୍କା ଉଠାଇଥିଲେ । ଦୁଇଟି ଗାଈ କିଣିଥିଲେ ଓ ହୃଦୟ ଦେଇ ତା'ର ହେପାଜତ କରିଥିଲେ । ଗାଈ ଦୁଇଟିଙ୍କୁ ନିଜ ପରିବାର ସଦସ୍ୟ ଭଳି ଭାବି ନେଇଥିଲେ ଅଂଶୁ ।

ରାତି ପାହିଲେ ଉଠି ପଡ଼ି ଗାଈ ଦୁଇଟିଙ୍କର ସେବାରେ ଲାଗି ଯାଆନ୍ତି । ସେମାନଙ୍କର ସମସ୍ତ ଅଳିଆ ଯେପରିକି ଗୋବର, ମୂତ୍ର ଆଦି ସମ୍ପୂର୍ଣ୍ଣ ରୂପେ ସଫା କରନ୍ତି । ତା'ପରେ ଗାଈ ଦୁଇଟିଙ୍କୁ ଚାରା ଦିଅନ୍ତି । ପେଜ ତୋରାଣୀ ଦେଇ ପଡ଼ିଆ କିଆରୀକୁ ଘାସ କାଟିବାକୁ ପଳେଇ ଯାଆନ୍ତି । ଏମିତି କିଛି ଦିନ କରିବା ପରେ ଦୁଇଟି ଯାକ ଗାଈ ଗର୍ଭବତୀ ହୋଇଥିଲେ । ସେମାନଙ୍କର ଦୁଇଟି ମାଈ ପିଲା ଜନ୍ମ ହୋଇଥିଲେ । ଅଂଶୁ ବହୁତ ଖୁସି ହୋଇ ଯାଇଥିଲେ । ନିଜର ଗୋପାଳନ ସାର୍ଥକ ସ୍ୱରୂପ ଏବେ ଅଂଶୁ ଦୁଗ୍ଧ ଦୁହିଁ ବିକିବା ଆରମ୍ଭ କଲେ । ଦୈନିକ ପାଞ୍ଚ ଶହ ଟଙ୍କା ଭଳି ସେ ରୋଜଗାର କରି ପାରୁଥିଲେ ।

ଅଂଶୁର ବାପା ଭାସ୍କର ବାବୁ ଓ ମାଆ ଲକ୍ଷ୍ମୀ ଦେବୀ ଅଂଶୁ ଉପରେ ବହୁତ ପ୍ରସନ୍ନ ଥିଲେ । ଅଂଶୁ ବୟସର ପିଲାମାନେ ପାଠ ପଢୁଛନ୍ତି । ହେଲେ ଅଂଶୁ ଏବେ ମାସିକ ପନ୍ଦର ରୁ କୋଡ଼ିଏ ହଜାର ଟଙ୍କା ରୋଜଗାର କରୁଛନ୍ତି ଦେଖି ବାପା ଭାସ୍କର ବାବୁ ବହୁତ ଖୁସି ହେଲେ । ଏବେ ନିଜର ଆବଶ୍ୟକୀୟ ଉପାଦାନ କିଣିବାରେ ସକ୍ଷମ ହୋଇ ପାରିଥିଲେ ଅଂଶୁ । ଏଥି ସହିତ ଅଂଶୁ ନିଜର ଗୋଶାଳା ମଧ୍ୟ ଭଲଭାବେ ସଜାଡ଼ି ଦେଲେ । ଦୁଇଟି ଗାଈରୁ ଅଂଶୁ ପାଖରେ ଏଇନେ ଦଶ ଗୋଟି ଗାଈ ହୋଇ ଯାଇଥିଲେ । ଧୀରେ ଧୀରେ ରୋଜଗାର ବଢ଼ି ଚାଲିଲା । ଅଂଶୁ କିଛି ଜମି କିଣି ସେଥିରେ ଘାସ ଚାଷ କଲେ । ଦୈନିକ ଗାଈମାନଙ୍କୁ ଆବଶ୍ୟକ ପରିମାଣରେ ଘାସ ସେହି ଜମିରୁ ପାଇ ପାରୁଥିଲେ ।

ନିଜର ରୁଗୁଣା ବାପାଙ୍କୁ ଡାକ୍ତରୀ ଚିକିତ୍ସା କରିବାକୁ ଅଂଶୁ ଭଲ ଡାକ୍ତର ଦେଖାଇଥିଲେ । ନିଜର କର୍ମ ବଢ଼ି ଚାଲିଥିଲା ଏଥି ସହିତ ନିଜ ବାପାଙ୍କୁ ସୁସ୍ଥ କରି ପାରିଲେ ନିଜ କର୍ମରେ ସେ ସାହାଯ୍ୟ କରିପାରିବେ ।

ଅଂଶୁର ସାଙ୍ଗମାନେ ଆଜି କାଲି ଅଂଶୁ ଉପରେ ବହୁତ ଇର୍ଷୁକ ହୋଇଯାଇଛନ୍ତି । ଅଂଶୁ ଏକ ସୁନ୍ଦର ବାଇକ କିଣି ରାଜା ଭଳି ବୁଲୁଥାଏ ଏପଟ କାମରୁ ସେପଟ କାମ । ଆଜି କାଲି ତାଙ୍କର ଖାତିରି ବଢ଼ି ଯାଇଥାଏ । ପରିଶ୍ରମୀ ଲୋକର କୌଣସିରେ ଅଭାବ ଭଗବାନ ରଖନ୍ତି ନାହିଁ । ତେଣୁ ଭଲ ପାଠ ପଢ଼ି ଭଲ ରୋଜଗାର କରିବା ଠାରୁ ଅଧିକରେ ଥିଲେ ଅଂଶୁ । ସମସ୍ତେ ବହୁତ ପ୍ରଶଂସା କରନ୍ତି ଅଂଶୁର ।

ଏବେ ମାସିକ ଲକ୍ଷ ଲକ୍ଷ ଟଙ୍କା ଦୁଗ୍ଧ ବ୍ୟବସାୟରୁ ଅଂଶୁ ପାଖକୁ ଆସୁଥିଲା । ବାପା ଭାସ୍କର ବାବୁ ମଧ୍ୟ ଏବେ ଟିକେ ସୁସ୍ଥ ଜଣା ପଡୁଛନ୍ତି । ସେ ମଧ୍ୟ ଅଂଶୁ କାମରେ ସାହାଯ୍ୟ କରିବାକୁ ଆଗେଇ ଆସିଲେ । ଧନ୍ଦା ସୁରୁଖୁରୁରେ ଚାଲିଲା ।

ଅଂଶୁଙ୍କ ସାଥୀରେ ପଢୁଥିଲେ ଚନ୍ଦୁ । ଚନ୍ଦୁ ଭଲ ପାଠ ପଢ଼ନ୍ତି ହେଲେ ବହୁତ ଇର୍ଷାଳୁ ପରାୟଣ । ଅନ୍ୟ ସାଙ୍ଗଙ୍କ ଅପେକ୍ଷା ଅଂଶୁର ଅତି ପ୍ରିୟ ସାଙ୍ଗ ଥିଲେ ଚନ୍ଦୁ । ଚନ୍ଦୁ ଯେତେବେଳେ ଦେଖିଲେ ଅଂଶୁ ଏବେ ପାଠ ପଢ଼ା ଛାଡ଼ି ବ୍ୟବସାୟ କରି ବହୁତ ଆଗକୁ ବଢ଼ି ଚାଲିଛି ସେ ବହୁତ ଇର୍ଷା କରିଥିଲେ । ସବୁବେଳେ ଅଂଶୁ ପାଖକୁ ଆସନ୍ତି ଆଉ କୁହନ୍ତି ଅଂଶୁ ତୁ ତ ମୂର୍ଖ ହେଲୁ ଦେଖ ମୁଁ ବିଏ ରେ ପ୍ରଥମ ହେଇଛି । ହେଲେ ଅଂଶୁ କୁହନ୍ତି ହଁ ରେ ଚନ୍ଦୁ ତୋ ବାପାଙ୍କର ତୋତେ ପଢ଼େଇବାକୁ ପଇସା ଥିଲା ତେଣୁ ପଢ଼ି ପାରିଲୁ ଓ ମୋ ବାପା ତ ରୁଗୁଣା ଥିଲେ । ସେ କେଉଁଠୁ ମୋତେ ପଢ଼ିବାକୁ ପଇସା ଦେଇଥାନ୍ତେ କହିଲୁ ।

ପୁଣି ଅଂଶୁ କୁହନ୍ତେ "ମୋ ସାଙ୍ଗ ଜଣେ ଭଲ ପଢ଼ି ଭଲ ମଣିଷଟିଏ ହେଲେ ଗୌରବର କଥା । ମୁଁ ବହୁତ ଖୁସି ହେବି ।" ଚନ୍ଦୁ ପଳେଇ ଯାଆନ୍ତି କିଛି ନକହି । ହେଲେ ଉପରେ

ପାଣିଛିଞ୍ଚି ନିଆଁ ଲଗେଇବା ଉଦ୍ଦେଶ୍ୟରେ ଥାଆନ୍ତି ଚନ୍ଦୁ । ସବୁବେଳେ ସୁଯୋଗ ଖୋଜନ୍ତି କ'ଣ କଲେ ଅଂଶୁ ବରବାଦ ହବ । ମନେ ମନେ ଜଳି ଯାଇଥାନ୍ତି ଚନ୍ଦୁ ଅଂଶୁ ଉପରେ । ଦିନେ ଚନ୍ଦୁ ଆସି ଦେଖିଲେ ଜଣେ ଦୁଗ୍ଧ ବେପାରୀ ଆସି ଅଂଶୁଙ୍କୁ ପାଞ୍ଚ ଲକ୍ଷ ଟଙ୍କା ଦେଇଗଲେ ଯାହାକି ଚନ୍ଦୁଙ୍କ ସାମନାରେ । ଅଂଶୁ କହିଲେ ଚନ୍ଦୁ କିଛି କିଣି ଖାଇବୁ ଯଦି ନେଇ ଯାଆ ଏହି ଶହେ ଟଙ୍କା । ଆଉ ଗୋଟେ କଥା ଜାଣିଛୁ ଏହି ବେପାରୀ ଜଣକ ଛଅମାସ ହୋଇ ଗଲାଣି ଦୁଗ୍ଧ ନେଇ ପଇସା ବାକି ରଖିଥିଲେ ଆଉ ଆଜି ସବୁ ପଇସା ଦେଇଗଲେ । ବେପାର କରିଲେ ଧର୍ଯ୍ୟ ରହିବା ଦରକାର ତା' ସହିତ ବିଶ୍ୱାସ ରହିବା ଦରକାର ତେଣୁ ମୁଁ ତାଙ୍କୁ ବିଶ୍ୱାସ କରେ ଆଉ ପରିଶ୍ରମର ପଇସା କେହି ଗୋଟେ ଟଙ୍କା ଖାଇ ପାରିବେ ନାହିଁ ଚନ୍ଦୁ ।

ଚନ୍ଦୁ କହିଲେ "ଆଚ୍ଛା ସେଇ ଲୋକ ଯଦି ତୋତେ ପଇସା ଦେଇ ନଥାନ୍ତେ ତେବେ ତୁ କ'ଣ କରିଥାନ୍ତୁ ?

ଅଂଶୁ "ଜାଣିଲୁ ସେଇ ଲୋକ ଜଣକ ମୋ ସହିତ ତିନି ବର୍ଷ ଧରି ବେପାର କରୁଛନ୍ତି । ଆଉ ତାଙ୍କର ସୁବିଧା ଦେଖି ସେ ପାଉଣା ପଇଠ କରନ୍ତି । କେବେ କାହାର ଗୋଟେ ଟଙ୍କା ବୁଡେଇବେ ନାହିଁ ।

ମଣିଷର ପରିସ୍ଥିତି ରହିଛି ଓ ଆମକୁ ବ୍ୟବସାୟରେ ପରିସ୍ଥିତି ବିଷୟରେ ବୁଝିବା ଦରକାର । ତେଣୁ ମୁଁ ତାଙ୍କୁ ବିଶ୍ୱାସ କରେ । ବୁଝିଲୁ ଚନ୍ଦୁ ଏମିତି ବ୍ୟବସାୟ କରାଯାଏ । ତୁ ତ ଭଲ ପଢୁଛୁ ଚାକିରି କରିବୁ । ହେଲେ ମୋ ଭାଗ୍ୟ କାହିଁ । ଚନ୍ଦୁ " ଆଉ କହନାରେ ଅଂଶୁ । ତୁ ଏଇନେ ଯେତିକି ରୋଜଗାର କରିପାରୁଛୁ ସେତିକି ଜଣେ ମୁଖ୍ୟମନ୍ତ୍ରୀଙ୍କର ଦରମା ନଥିବ । ହଉ ମୁଁ ଆସୁଛି ତୋ ପଇସା ରଖ" କହି ପଳେଇ ଯାଇଥିଲେ ଚନ୍ଦୁ । ମନେ ମନେ ବହୁତ ଜଳି ଯାଉଥିଲେ । କାରଣ ନିଜ ସାଙ୍ଗ ଅଂଶୁ । ନିଜ ଗାଁ ପିଲା । ନିଜ ସହପାଠୀ ମଧ୍ୟ । ଏବେ ଆଖ ପାଖରେ ଜଣେ ବଡ଼ ଦୁଗ୍ଧ ବେପାରୀ । କାହାରି ଦୁଗ୍ଧ ଆବଶ୍ୟକ ପଡ଼ିଲେ ଅଂଶୁ ଯୋଗେଇ ଦିଅନ୍ତି । ଚନ୍ଦୁଙ୍କୁ ରାତି ସାରା ନିଦ ହେଲା ନାହିଁ । ମୋ ଜନ୍ମରୁ ମୁଁ ଲକ୍ଷେ ଟଙ୍କା କେବେ ଦେଖିନି ହେଲେ ଅଂଶୁ ମୋର ସାଙ୍ଗ ଖାଇବାକୁ ପାଏ ନାହିଁ । ଛିଣ୍ଡା ଗୁନ୍ଥା ପିନ୍ଧିକରି ଆସିଥାଏ ବିଦ୍ୟାଳୟ । ଆଜି ସେ କୋଟିପତି ହେବାକୁ ଯାଉଛି । ଏମିତି ବହୁତ ଭାବୁଥାନ୍ତି ଚନ୍ଦୁ । ରାତି ପାହି ସକାଳ ହେଲା । ସେ ସିଧା ଆସି ପହଞ୍ଚିଲେ ଅଂଶୁ ପାଖରେ ଆଉ ଦେଖିଲେ ଅଂଶୁ ଘାସ କିଆରୀରେ ବିଷ ଦେବାକୁ ପ୍ରସ୍ତୁତ ହେଉଛନ୍ତି ଓ ଲୋକମାନେ ଦୁଗ୍ଧ ଦୁହିଁବାରେ ବ୍ୟସ୍ତ । ଏଇ ସୁଯୋଗରେ ଚନ୍ଦୁ ବିଷ ବୋତଲରେ ଥିବା ବିଷରୁ କିଛି ଦୁଗ୍ଧ ହାଣ୍ଡିରେ ଢାଳି ଦେଇଥିଲେ । ପୁରା ହାଣ୍ଡି ବିଷାକ୍ତ ହୋଇ ଯାଇଥିଲା । ଚନ୍ଦୁ ଆଉ କିଛି କାହାରିକୁ ନ କହି ସିଧା ଘରକୁ ପଳେଇଗଲେ । ଘରେ ଯାଇ ପ୍ରସ୍ତୁତ ହୋଇ କଲେଜ ଚାଲିଗଲେ ।

କଲେଜରେ ପଢ଼ା ପଢ଼ିରେ ବ୍ୟସ୍ତ ଥାଆନ୍ତି ଘରୁ ଫୋନ ଆସିଲା ଯେ କି ବାପାଙ୍କ ଅବସ୍ଥା ବହୁତ ଖରାପ ଓ ସେ ଏବେ ଡାକ୍ତର ଖାନାରେ ଅଛନ୍ତି । ଜୀବନ ମରଣ ସହିତ ସଂଗ୍ରାମ କରୁଛନ୍ତି । ତାଙ୍କ ପାଟିରୁ ଗରଳ ବାହାରି ପଡ଼ିଲାଣି । ଚନ୍ଦୁ ଏଇ କଥା ଶୁଣି ତାଙ୍କର ମୁଣ୍ଡରେ ଚଡ଼କ ପଡ଼ିଗଲା । ତାଙ୍କୁ ଚାରିଆଡ଼ ଅନ୍ଧକାର ଦେଖାଗଲା । ସେ ସଙ୍ଗେ ସଙ୍ଗେ କଲେଜରୁ ଡାକ୍ତରଖାନା ଅଭିମୁଖେ ଯାତ୍ରା ଆରମ୍ଭ କରିଦେଲେ । ଡାକ୍ତରଖାନାରେ ପହଞ୍ଚି ଜାଣିଲେ ତୁମ ବାପା ବିଷ ପିଇ ଦେଇଛନ୍ତି ।

ବାପା କାହିଁକି ବିଷ ପିଇଲେ ଭାବି ଚାଲିଲେ ଓ ମାଆଙ୍କୁ ପଚାରିଲା ବାପା କାହିଁକି ବିଷ ପିଇଲେ ? ମାଆ କହିଲେ ସେ ସୁସ୍ଥ ମଣିଷ ବିଷ କାହିଁକି ପିଇବେ । ସକାଳେ ଉଠି ଦୋକାନରୁ ଦୁଗ୍ଧ ନେଇ ଆସିବି କହି ଚାଲିଗଲେ । ଆଉ ଅଂଶୁ ଦୋକାନରେ ଦୁଗ୍ଧ ବିନା ମୂଲ୍ୟରେ ଯାଚି ଯାଚି ଦେଇଥିଲା । ତୋ ବାପା ଆଜି ରାବିଡ଼ି ଚାହା ପିଇଥିଲେ । ସେ ଚାହା ପିଇ ସାରିବା ପରେ ତାଙ୍କୁ ବାନ୍ତି ହୋଇଥିଲା । ଆମେ ଡାକ୍ତରଖାନା ନେଇ ଆସିଲୁ ।

ଚନ୍ଦୁ ନିଜର ଭୁଲ ବୁଝି ପାରିଥିଲେ । ଯିଏ ଯାହା ପାଇଁ ଗାତ ଖୋଳେ ସେ ସେଇ ଗାତରେ ପଡ଼େ । ତେଣୁ ଚନ୍ଦୁ ପାଇଁ ନିଜ ବାପା ହେଉଛନ୍ତି ଭଗବାନ । ରୋଜଗାର କହିଲେ ବାପା ହିଁ ମୁଖ୍ୟ । ଜଣେ ସରକାରୀ ବିଦ୍ୟାଳୟର ଶିକ୍ଷକ । ବାପାଙ୍କର କିଛି ଯଦି ହେଇଯାଏ ତେବେ ଆମ ପରିବାର ପେଟକୁ ଦାନା ପାଇବୁ ନାହିଁ । ପାଠ ପଢ଼ିବା ତ ଦୂରର କଥା ଦାନା ହୀନ ହେଇଯିବୁ । ଚନ୍ଦୁ ମନରେ ଏକ ଅଜଣା ଭୟ ଖେଳି ଯାଇଥିଲା ଓ ସେ ସଙ୍ଗେ ସଙ୍ଗେ ନିଜ ମାଆଙ୍କୁ କହି ଦେଇଥିଲେ ମାଆ ମୁଁ ଆଜି ସକାଳେ ଅଂଶୁ ଘରକୁ ଯାଇଥିଲି ଓ ସେ ଭଲ ରୋଜଗାର କରୁଛି ଦେଖି ମୋର ବହୁତ ଇର୍ଷା ହେଉଥିଲା । ସେ ମୋଟା ଅଙ୍କରେ ପଇସା ଗଣୁଥିବାର ଦେଖି ମୋ ଦେହ ଜଳିଯାଏ ତେଣୁ ଅଂଶୁ ଘାସ ବିଷ ଦେଉଥିବାର

ଦେଖି ସେଇ ବିଷରୁ କିଛି ଲୁଚେଇ ତା' କ୍ଷୀର ହାଣ୍ଡିରେ ଢାଳି ଦେଇଥିଲି । ତାକୁ ବଦନାମ କରି ତା' ବେପାର ବନ୍ଦ କରିବି ଭାବିଥିଲି । ତାକୁ ବରବାଦ କରିଦେବି ଭାବିଥିଲି । ତାକୁ ଜେଲରେ ରଖିଦେବି ଭାବିଥିଲି ହେଲେ ମାଆ ମୋ ଭୁଲ କ'ଣ ମୋ ଉପରେ ପଡ଼ିଗଲା । ମାଆ ମୁଁ ବହୁତ ବଡ଼ ଭୁଲ କରିଛି । ସେଇ ଦୁଗ୍ଧ ପାନ କରି ହଜାର ହଜାର ଲୋକ ମରିଯିବେ । ଏବେ କ'ଣ କରିବି ମାଆ ?

ଠିକ ସେଇ ସମୟରେ ଅଂଶୁ ଶୁଣିପାରି ସେଇ ଡାକ୍ତରଖାନାରେ ପହଞ୍ଚି ଯାଇଥିଲେ । ଆଉ କହିଥିଲେ "ଚନ୍ଦୁ ଜାଣିଛୁ ତୋ ବାପା ବିଷାକ୍ତ ଦୁଗ୍ଧ ପିଇଛନ୍ତି । ମୋର କୌଣସି ଭୁଲ ପାଇଁ ଆଜିର ଦୁଗ୍ଧ ବିଷାକ୍ତ ହୋଇଯାଇଛି ମୁଁ ଜାଣିପାରି ଏଠାକୁ ଆସିଛି ଆଉ ଯାହା ଖର୍ଚ୍ଚ ହେବ ମୁଁ ଦେବି ଓ ତୁମ ବାପାଙ୍କୁ ଭଲ କରିବି । ତୁମେ କୌଣସି ଆଇନର ସରଣ ନିଅ ନାହିଁ କି ଥାନାକୁ ଯାଅନାହିଁ । ମୁଁ ନଥିଲି ଓ ସେଇଥିପାଇଁ ମୋ ଲୋକମାନେ ତୁମ ବାପାଙ୍କୁ ଦୁଗ୍ଧ ଦେଇ ଦେଇଛନ୍ତି । କାରଣ ତୁମ ବାପା ଆଜି ବାଧ କରି ଦୁଗ୍ଧ ନେଇଛନ୍ତି ତେଣୁ ମୁଁ ଦୁଃଖିତ୍ । ଜାଣିଛୁ ଚନ୍ଦୁ ମୁଁ ଆଜି ଘାସ ବିଲକୁ ଯିବାର କାରଣ ଘାସ ବିଲରେ ପୋକ ଲାଗି ଯାଇଥିଲେ । ପୋକ ଲଗା ଘାସ ଖାଇ ଗାଈମାନେ ବେମାର ପଡ଼ିବେ । ତେଣୁ ମୁଁ ଆଜି ସକାଳେ କୌଣସି ବେପାରୀଙ୍କୁ ଦୁଗ୍ଧ ନଦେବାକୁ କହି ବିଲକୁ ଚାଲି ଯାଇଥିଲି । ଲୋକମାନେ ମୁଁ ଦୁଗ୍ଧ ପରୀକ୍ଷା ନ କରିବା ଯାଏ କାହାରିକୁ ଦୁଗ୍ଧ ଦିଅନ୍ତି ନାହିଁ । ହେଲେ ତୋ ବାପା ମୋ ସାଙ୍ଗର ବାପା ଭାବି ମୋ ଲୋକମାନେ ଦୁଗ୍ଧ ଦେଇଦେଇଛନ୍ତି । ତେଣୁ ମୁଁ ଦୁଃଖିତ ।"

ଚନ୍ଦୁ "ଆଚ୍ଛା କହିଲୁ ତୁ ସେଇଟା ବିଷାକ୍ତ କି ଭଲ ଦୁଗ୍ଧ ବୋଲି କେମିତି ଜାଣିଥାନ୍ତୁ ?

ଅଂଶୁ "ମୋର ଚାରୋଟି ବିଲେଇ ଅଛନ୍ତି । ସେମାନଙ୍କୁ ମୁଁ ପେଟପୁରା ଦୁଗ୍ଧ ପ୍ରଥମେ ପିଆଏ । ତା'ପରେ ବେପାରୀଙ୍କୁ ଦିଏ । ଆଜି ଯେତେବେଳେ ମୁଁ ଗୋଟେ ବିଲେଇକୁ ଦୁଗ୍ଧ ପିଆଇଲି ସେ ହଠାତ ପିଇ ଦେଇ ଅଜବ ପ୍ରକାର ହେଲା । ତା'ପରେ ବେହୋସ ହୋଇଗଲା । ପୁଣି ଆଉ ଗୋଟେ ବିଲେଇକୁ ଦୁଗ୍ଧ ପିଆଇଲି ସେ ମଧ୍ୟ ସେମିତି ହେଇ ବେହୋସ ହୋଇଗଲା ଆଉ ସେମାନେ କହିଲେ ହଁ ଚାନ୍ଦୁବାବୁଙ୍କ ବାପାଙ୍କୁ ଦୁଇ ଲିଟରର ଯାଚଯାଚି ଦେଇଛୁ ଓ ସେ ପଇସା ଯାଚିବାରୁ ନେଲୁନାହିଁ କାଳେ ଆପଣ ରାଗିବେ । ସେଇଠୁ ମୁଁ ତୁମ ଘରକୁ ଆସିଲି ଓ ତୁମ ଘରେ ମୋତେ ଲୋକମାନେ ଏଇ ଅଘଟଣ ବୋଲି କହିଲେ । ମୁଁ ଡାକ୍ତରଖାନାକୁ ଧାଇଁ ଆସିଲି ଚନ୍ଦୁ । ତୁ ଯାହା ମାଗିବୁ ନେଇଯା ହେଲେ ମୋ ନାଁରେ ଥାନାରେ କି ପୋଲିସିକୁ କିଛି କହିବୁ ନାହିଁ ଚନ୍ଦୁ ।"

ଏମିତି କହି ଅଂଶୁ ଚନ୍ଦୁ ଓ ତା' ମାଆଙ୍କର ଗୋଡ଼ ଧରି କାନ୍ଦି ପକେଇଲା ଅଂଶୁ । ତୁମେ ଯାହା ଚାହିଁବ ଦେବି । ମଉସାଙ୍କ ଭଲ ହେବା ପର୍ଯ୍ୟନ୍ତ ମୁଁ ଚେଷ୍ଟା କରିବି । ବଡ଼ ଡାକ୍ତରଖାନାରେ ଚିକିତ୍ସା ଦେବି । ମୋତେ କ୍ଷମା କରିଦିଅ କହି କାନ୍ଦିବାକୁ ଲାଗିଲା ଅଂଶୁ । ଡାକ୍ତରଖାନାରେ ବେଡ଼ ଉପରେ ଶୋଇଥାନ୍ତି ଚନ୍ଦୁଙ୍କର ବାପା । ପାଇପ ଲଗାଯାଇ ପେଟ ସଫା କରାଯାଉଛି । ଏଇ ସମୟରେ ଏମିତି ଏମାନଙ୍କ ଭିତରେ କଥାବାର୍ତ୍ତା ଚାଲିଛି । ଚନ୍ଦୁଙ୍କ ମାଆ ହଠାତ ଚନ୍ଦୁ ଆଡ଼କୁ ଅନେଇ ବିଶ୍ୱାସଘାତକ କହି ଗାଲ ମୂଳିକୁ ଦୁଇ ଜବଡ଼ା ଦେଇ କହିଲେ "ନାଇଁରେ ଅଂଶୁ ପ୍ରକୃତ ଦୋଷୀ ମୋ ପୁଅ ଚନ୍ଦୁ । ତୋ ଭଳି ଚାଲାକ ପୁଅ ଭାଗ୍ୟରେ ଥିଲେ ମିଳେ । ଏଇ କୁଳାଙ୍ଗାର ତୋ ଉପରେ ଈର୍ଷାଲୁ ହୋଇ ତୋ ପାଖକୁ ଯାଇ ତୋ ଦୁଗ୍ଧ ହାଣ୍ଡିରେ ବିଷ ଢାଳିଛି । ସାଙ୍ଗ ନାଆଁରେ ଯେ ହିଁ କଳଙ୍କ । ହେଲେ ତୁ ବହୁତ ଚାଲାକ ବୋଲି ଲୋକମାନଙ୍କୁ ବଞ୍ଚେଇ ପାରିଲୁ । ତୁ ହିଁ ଜୀବନର ଚଲା ପଥରେ ଜଣେ ସୁସ୍ଥ ଓ ଶକ୍ତ ବେପାରୀ ପୁଅ ହୋଇ ଦୁନିଆକୁ ଓ ନିଜ ବାପା ମାଆଙ୍କର କୁଳ ମଣ୍ଡନ କରିପାରିବୁ ।"

ଚନ୍ଦୁ କାନ୍ଦି ପକେଇଥିଲେ ଓ ଅଂଶୁର ପାଦତଳେ ପଡ଼ି ଯାଇଥିଲେ ଆଉ କହିଥିଲେ ମୋତେ ଗୋଟିଏ ଉଚିତ ଶିକ୍ଷା ମିଳିଲାରେ ଅଂଶୁ । ମୁଁ ସିନା ପାଠ ପଢ଼ିଛି ହେଲେ ମୋ ଭିତରେ ମାନବିକତା ନଥିଲା । ମୋ ଅନ୍ତରାତ୍ମା ଅନ୍ଧ ହୋଇ ଯାଇଥିଲା ଈର୍ଷା ଓ ଅହମିକାରେ । ସାମ୍ବାଦିକ ସହିତ ପୋଲିସ ଘଟଣା ସ୍ଥଳକୁ ଆସିଯାଇଥିଲେ ଓ ସେମାନଙ୍କ ସାମ୍ନାରେ ସମ୍ପୂର୍ଣ୍ଣ ସତ କହି ଚନ୍ଦୁ ନିଜକୁ ଦୋଷୀ ପ୍ରମାଣ କରିଥିଲେ । ପ୍ରତ୍ୟେକ ଖବର କାଗଜର ପୃଷ୍ଠାରେ ଛାପି ଯାଇଥିଲା ଅବିଶ୍ୱାସୀ ଓ ଈର୍ଷାଲୁ ସାଥି ।

ଅଂଶୁ ଚନ୍ଦୁକୁ କୁଣ୍ଢେଇ ପକେଇ କହିଥିଲେ ମୋ ପୋଷା ବିଲେଇ ବେହୋସ ହୋଇ ଯାଇଥିଲା ସେତେବେଳେ ମୁଁ ଜାଣିଥିଲି ମୋ ଦୁଗ୍ଧ ହାଣ୍ଡିରେ ଚନ୍ଦୁ ଛଡ଼ା ବିଷ ମିଶେଇବାର ଆଉ କାହାରି ହିଁ ସାହସ ହେବନି । ଆଉ ମୁଁ ମଧ୍ୟ ମୋ ନିଜକୁ ସବୁବେଳେ ନ୍ୟୁନ ମନେ କରେ ମୁଁ ପାଠ ଭଲ ପଢ଼େନାହିଁ ।

ହେଲେ ତୋ ସାମ୍ନାରେ ମୁଠା ମୁଠା ଟଙ୍କା ଗଣୁଛି ଓ ତୋତେ ବହୁତ ବାଧୁଥିବ । କାରଣ ଆମେ ଦୁହେଁ ସାଥିରେ ପଢ଼ନ୍ତି, ଖେଳନ୍ତି ଓ ନିଜର ଦୁଃଖ ସୁଖ ବାଣ୍ଟନ୍ତି । ତେଣୁ ତୁ ଏଇ କାମ କରିବା ଦ୍ୱାରା ତୋ ହୃଦୟରେ ଏକ ନୂତନ ଆଲୋକ ସୃଷ୍ଟି ହୋଇପାରିଛି । ଏବେ ମୋର ବିଶ୍ୱାସ ମୋ ସାଙ୍ଗ ନିଶ୍ଚୟ ଜଣେ ଭଲ ମଣିଷ ହେବ । ତେଣୁ କଥାରେ ଅଛି ଭାତ ଛାଡ଼ି ହୁଏ ହେଲେ ସାଙ୍ଗ ଛାଡ଼ି ହୁଏନି । ତୁ ମୋର ଯେତେ ବି ଅନିଷ୍ଟ କର ହେଲେ ମୁଁ ତୋ ସହିତ ସଦା ସର୍ବଦା ରହିଛି ଓ ରହିଥିବି । ଚାଲ ଏବେ ସବୁ ଭୁଲିଯାଇ ମଉସାଙ୍କ ଜୀବନ ପାଇଁ ପ୍ରାର୍ଥନା କରିବା ...।


ଜେନିଜ ଇଂରାଜୀ

ବିଦ୍ୟାଳୟଗଗନ ବାବୁ ଛକ, ଏଡତାଳ, ଭଦ୍ରକ





# ଗ୍ରୀନ୍ ଟି

**- ପ୍ରିୟଦର୍ଶିନୀ ମହାନ୍ତି**

କାଇଁ ସକାଳୁ ସେ ଫଳ ମୂଳ ଧରି ବସିଯାଉଛ କୁହ ତ ! ଆଉ କ'ଣ କରିବି । ଭୋକ ଲାଗିଲାଣି ଜୋରରେ । ମୁଁ ଭୋକ ସମ୍ଭାଳି ପାରେନି । ଦେଖ ଟିକେ ନିଜକୁ କେତେ ମୋଟା ହୋଇଗଲଣି । ଟିକେ ୱେଟ ଲସ୍ କର । ଡାଳ ପତ୍ର ବି ଖାଇଦେବ ଯାହା ଦେଖିଲିଣି ମୁଁ । ଝିଅ ଜନ୍ମ ହେବା ପରଠାରୁ ତୁମେ କେତେ ମୋଟା ହୋଇଗଲଣି ବୋଲି ଜାଣିପାରୁଛ କି ନାହିଁ । ବୟସ ତୁଳନାରେ ତୁମେ ଅଧିକ ବୟସ୍କ ପରି ଦେଖାଗଲଣି ।

କାଇଁ ୱେଟ ବଢ଼ିଗଲେ ମୁଁ ପସନ୍ଦ ଆସୁନି କି ତୁମର ? ତେବେ ଆଉ ଗୋଟେ ବାହା ହୋଇଯାଅ । ଆରେ ସେ କଥା ତ ମୁଁ କହିନି । ତୁମେ ଅଯଥାରେ କଥା'ର ଅର୍ଥ ଖରାପ ବାହାର କରୁଛ । ମୁଁ କହିବାର ଅର୍ଥ ଯେତେ ମୋଟା ସେତେ ରୋଗ । ତା'ପରେ ୱେଟ ଲସ୍ କଲେ ସ୍ମାର୍ଟ ଲାଗିବ । ସବୁବେଳେ ସକାଳୁ ଟିକେ ଗ୍ରୀନ-ଟି ପିଇବା ଅଭ୍ୟାସ କର । ଆଉ ମର୍ନିଙ୍ଗ ୱାକ୍ କର । ୱାକ୍ ମୋ ଦ୍ୱାରା ସମ୍ଭବ ନୁହେଁ । ତେବେ ଗ୍ରୀନ-ଟି ପିଇପାରେ । ଯାହା ହଉ ଏତିକି କରିପାରିବ ଜାଣି ଖୁସି ହେଲି ।

ଅନିତା ସବୁବେଳେ ଫଳ ଟ୍ରେ ଟା ଧରି ବସିଯାଏ ଖାଇବାକୁ ଆଉ ଅମିତ ତାକୁ ଏମିତି ହିଁ କୁହେ । ସ୍ୱାମୀ ସ୍ତ୍ରୀ ଭିତରେ ଏମିତି ଛୋଟ ମୋଟ କଥାରେ ଚଟିଆ ଯୁଦ୍ଧ ଲାଗନ୍ତି । ପୁଣି ଶୁଆ ସାରି ଭଳି ଗେଲ କରା କରି ହୁଅନ୍ତି । କିନ୍ତୁ ଅନିତାର ଏ ମୋଟାପଣକୁ ଅମିତ ସିରିଏସରେ ନେଇଥାଏ । କାରଣ ଅନିତାର ପ୍ରଥମ ଛୁଆ ହେବା ପରଠାରୁ ୱେଟ ବଢ଼ିଯାଇଛି ।

ତା' ପରଦିନ ଅମିତ ବଜାରରୁ ଅନିତା ପାଇଁ ଭଲ ବ୍ରାଣ୍ଡର ଗ୍ରୀନ-ଟି ର ଗୋଟେ ପକେଟ ଆଣିଦେଲା । ଆଉ ପ୍ରତ୍ୟେକ ଦିନ ସକାଳୁ ଖାଲି ପେଟରେ ପିଇବାକୁ କହିଲା ।

ଠିକ୍ ଅଛି ସ୍ୱାମୀ ଯଦି ସ୍ତ୍ରୀର ସୁନ୍ଦରତା ପାଇଁ ଏତେ ଯତ୍ନବାନ, ତେବେ ସ୍ତ୍ରୀ ର ମଧ୍ୟ କର୍ତ୍ତବ୍ୟ ସ୍ୱାମୀକୁ ଖୁସି କରିବା । ତା'ପରେ କିଏ ବା ନ ଚାହେଁ ସ୍ୱାମୀ ମୁହଁରୁ ପ୍ରଶଂସା ଶୁଣିବାକୁ । ତେଣୁ ଅନିତା ମଧ୍ୟ ନିୟମିତ ଗ୍ରୀନ ଟି ପିବ ବୋଲି ଭାବିଲା । ସେଦିନ ଅନିତା ସକାଳୁ ପାଣି ଗରମ କରି ଗ୍ରୀନ-ଟି ପ୍ରସ୍ତୁତ କରି ପିଇବାକୁ ଧରି ବସିଲା । ଗୋଟେ ଢୋକ ପିଇଛି କି ନାହିଁ ଥୁଃ ଥୁଃ କି ବେସିନ୍‌ରେ ଫିଙ୍ଗି ଦେଇ ଆସିଲା ।

ଛିଃ-ଛିଃ ! ଏତେ ଖରାପ ଏଗୁଡ଼ା ଲାଗୁଚି ପାଟିକୁ । ଆଗରୁ ଜାଣିଥାନ୍ତି ଯଦି ଏ ଗ୍ରୀନ-ଟି ଏମିତି ଲାଗେ ବୋଲି ଜମା ପିଇନଥାନ୍ତି । ପାଟିଟା ଖରାପ ହୋଇଗଲା ।

ହେଲେ ଅନିତା ଏ କଥା ଅମିତକୁ ଜଣେଇଲାନି । ଅମିତ ଜାଣିଲେ ପୁଣି ତାକୁ କ'ଣ ନାଇଁ କ'ଣ କହିବ । ଅମିତ ଗ୍ରୀନ-ଟି ପିଇବା କଥା ପଚାରିଲେ, ହଁ ପିଉଛି ବୋଲି କହିଦିଏ । କିଛି ଦିନପରେ ଅନିତା ଗ୍ରୀନ-ଟି ପକେଟକୁ ରୋଷେଇଘର ଡଷ୍ଟବିନରେ ନେଇ ଫିଙ୍ଗିଦେଲା । ଥରେ ଡଷ୍ଟବିନର ଅଳିଆ ଅମିତ ବାହରେ ନେଇ ଫିଙ୍ଗିଲାବେଳେ ଗ୍ରୀନ-ଟି ପକେଟଟିକୁ ଦେଖିଲା । ପକେଟରୁ କିଛି ବି ସରିନି । ଅମିତ ଜାଣିପାରିଲା ଯେ ଅନିତା ମିଛରେ କହିଛି ସେ ନିୟମିତ ପିଉଛି ବୋଲି । ଘରକୁ ଯାଇ ଅମିତ ପଚାରିଲା । ଅନିତା ମଧ୍ୟ କହିଦେଲା ଏଗୁଡ଼ା ତାକୁ ଭଲ ଲାଗୁନି । ପାଟି ପୁରା ଖରାପ ଲାଗୁଚି । ଅମିତ କହିଲା - ଖରାପ ଲାଗୁଚି ବୋଲି କ'ଣ ଫିଙ୍ଗିଦେବ । ପୁଣି ମତେ ମିଛରେ କହିଲ ଯେ ପିଉଛ ବୋଲି । ମିଶ୍ରବାବୁଙ୍କ ସ୍ତ୍ରୀକୁ ଦେଖିଲ କିଏ କହିବ ସେ ଦୁଇଟା ଛୁଆର ମା' ବୋଲି । ତାଙ୍କ ଫିଗର୍ କୋଡ ଷୋଳ ବୟସୀ ଝିଅ ଠରୁ କମ୍ ନୁହେଁ ଆଉ ବେହେରା ବାବୁଙ୍କ ସ୍ତ୍ରୀକୁ ଦେଖ ତାଙ୍କ ଛୁଆଟା ଇଞ୍ଜିନିୟର ପଢ଼ୁଛି ବୋଲି କିଏ କହିବ ତାଙ୍କୁ ଦେଖିକି । ଆଉ ତମେ ଯେ ଗ୍ରୀନ-ଟି ପକେଟଟିକୁ ଫିଙ୍ଗିଦେଇଛ...ଛାଡ଼ ଆଉ କିଛି କହିବାକୁ ଚାହୁଁନି ମୁଁ ।

ଅମିତର କଥା ଶୁଣି ଅନିତା କାନ୍ଦି କାନ୍ଦି କହିଲା ଆଚ୍ଛା ଆଜି କାଲି ତାହାହେଲ ବହୁତ ଆଡ଼େ ନଜର ପଡ଼ୁଛି । ଅନ୍ୟମାନଙ୍କ ଉଦାହରଣ ବି ଦେଲଣି । ଯଦି ଏତେ ପସନ୍ଦ ସେମାନେ ତେବେ ସେହି ପରି ଝିଅ ଦେଖି ଦ୍ୱିତୀୟ ବିବାହ କରିନିଅ । ମୋର ଅସୁବିଧା ନାଇଁ । ମୁଁ ମୋ ଝିଅକୁ ନେଇ ଚାଲିଯିବି । ଅନିତାର କଥା ନ ଶୁଣି ଅମିତ ରାଗ ତମ ତମ ହୋଇ ବାହାରକୁ ଚାଲିଗଲା । ଉଭୟଙ୍କ ମଧ୍ୟରେ ଏମିତି ବେଳେ

କଥା କଟା କଟି ହୁଏ । କିନ୍ତୁ ଅମିତର ଆଜି ଏ କଥା ଅନିତାକୁ ବହୁତ ବାଧିଲା । ବାଧିବା ବି ସ୍ୱାଭାବିକ । ସ୍ୱାମୀର ଅନ୍ୟ ସ୍ତ୍ରୀ ପ୍ରତି ପ୍ରଶଂସା କୋଉ ସ୍ତ୍ରୀ ବି ସହିପାରିବନି । ଅନିତା ମିରର୍ ଆଗରେ ଠିଆ ହୋଇ କାନ୍ଦୁଥିଲା ନିଜ ଶରୀର ଦେଖି ।

ଏମିତି ଅନେକ ଦିନ ବିତିଗଲା । ଅମିତ ହୁଏ ତ ଏ କଥାକୁ ଭୁଲିଯାଇଥିବ । କିନ୍ତୁ ଅନିତା ଭୁଲି ନଥିଲା ସେ ଦିନ ଅମିତ କହିଥିବା କଥାକୁ । ଫଳ ଟ୍ରେକୁ ଦେଖିଦେଲେ ଅନିତାର ମନ ପଡ଼ିଯାଏ ଅମିତ କହିଥିବା ସେଦିନର କଟୁ କଥାଗୁଡ଼ା । ଅମିତ ଗାଳି ଦେଇଥିଲେ ଅନିତା ସହି ଯାଇଥାନ୍ତା କିନ୍ତୁ ଅମିତ ଅନ୍ୟ ସ୍ତ୍ରୀଲୋକଙ୍କ ପ୍ରଶଂସା ଓ ସେମାନଙ୍କର ଦେହର ଗଠନ କଥା ଉଦାହରଣ ଦେଇ କହିଲା ଏ କଥା ସେ କେମିତି ଭୁଲିଯିବ । ସେ କ'ଣ କୋଉ ସ୍ତ୍ରୀ ନିଜ ସ୍ୱାମୀ ଠାରୁ ଏପରି କଥା ଶୁଣି ସହ୍ୟ କରିପାରିବନି ।

ସେଦିନଠାରୁ ଅନିତା ଖାଇବା ପିଇବା ଠିକ୍‌ରେ କଲା ନାହିଁ । ମଧ୍ୟାହ୍ନ ଭୋଜନରେ ଅଳ୍ପ ଭାତ ଖାଇ ରାତ୍ରି ଭୋଜନରେ ଗୋଟେ ପଟ ରୁଟି ଖାଇ ଶୋଇଯାଏ ଅନିତା । ଅମିତ ବା କାହୁଁ ଜାଣିବ ଏ କଥା । କାରଣ ସେ ତ ସକାଳ ନ'ରୁ ଅଫିସ୍ ଯାଏ ରାତି ଆଠ କିମ୍ବା ନ' ହୋଇଯାଏ ଫେରୁ ଫେରୁ । ତେବେ ଅଫିସରୁ ଫେରି ଅନିତାକୁ ଖାଇବା କଥା ପଚାରିଲେ ସେ ଖାଇ ସାରିଛି ବୋଲି କୁହେ । ଅନିତା ଆଉ ଦେହ ପ୍ରତି ଯତ୍ନ ନେଲାନାହିଁ । ମନ ତା'ର ସେବେଠାରୁ ବହୁତ ଦୁଃଖ । ମାନସିକ ସ୍ତରରେ ସେ ଭାଙ୍ଗି ପଡ଼ିଛି । ସେଥିପାଇଁ ଶରୀର ପ୍ରତି ଧ୍ୟାନ ଦେଉନି । ଆଉ ମୋଟାପଣ ଯୋଗୁ ଅମିତ ଠାରୁ ଶୁଣିଥିବା କଥା ପାଇଁ ସେ ଖାଇବା କମେଇଛି । ହେଲେ ଗ୍ରୀନ-ଟି ସେ ପିଇ ପାରିବନି । ତା'ର ସ୍ୱାଦ ଆଦୌ ଭଲ ଲାଗେନି ତାକୁ ।

ଅମିତ ଅନିତାକୁ ବହୁତଥର ପଚାରିଛି, କ'ଣ ହୋଇଛି । ଆଜି କାଲି କାଇଁ ଯତ୍ନ ନେଉନ ଦେହର । ସବୁବେଳେ ଉଦାସ ରହୁଛ । ମୁହଁ ମଳିନ ପଡ଼ିଗଲାଣି । ଭଲରେ କଥା ବି ହଉନ । କିଛି ଅସୁବିଧା ହୋଇଛି କି କୁହ । ଅମିତ ଜାଣିନଥିଲା ସେଦିନର କଥାକୁ ନେଇ ଅନିତା ଆଜି ବି ଦୁଃଖିତ ।

ଦିନକୁ ଦିନ ଅନିତା ଦୁର୍ବଳ ହେବାକୁ ଲାଗିଲା । ଆଗ ପରି ଆଉ ଚମକ ନାହିଁ ମୁହଁରେ । ସବୁବେଳେ ଉଦାସ । ନା କାହା ସହ କଥା ହେଉଛି ନା କୁଆଡ଼େ ବାହରକୁ ବୁଲି ଯାଉଛି ।

ଦିନେ ସକାଳେ ରୋଷେଇ ଘରେ ଅନିତା ଅମିତ ପାଇଁ ରୋଷେଇ କଲାବେଳେ ବେହୋସ ହୋଇଗଲା । ଭାଗ୍ୟକୁ ଅମିତ ଅଫିସ୍ ଯାଇନଥିଲା । ଯିବା ପାଇଁ ପ୍ରସ୍ତୁତ ହେଉଥିଲା । ଅମିତ ପାଣି ଆଣି ଛିଞ୍ଚିଲା । ହେଲେ ମଧ୍ୟ ଚେତା ଆସିଲାନି । ସଂଗେ ସଂଗେ କାର୍ ଯୋଗେ ନେଇଗଲା ଡାକ୍ତରଖାନାକୁ । ଅମିତ ବହୁତ ଡରି ଯାଇଥିଲା ଅନିତାର ଅବସ୍ଥା ଦେଖି । ଡାକ୍ତର ପରୀକ୍ଷା କରି କହିଲେ ଖାଇବା ପିଇବାରେ ଅବହେଳା ଯୋଗୁଁ ଦେହରେ ରକ୍ତ ନାହିଁ । ହିମୋଗ୍ଲୋବିନର ପରିମାଣ ବହୁତ କମ । ଅନିତାକୁ ବ୍ଲଡ଼ ଆବଶ୍ୟକ । ଅମିତର ବ୍ଲଡ଼ ଅନିତା ସହ ମ୍ୟାଚ ହୋଇଗଲା । ଅମିତ ବ୍ଲଡ ଦେଇ ଅନିତା ମୁଣ୍ଡ ପାଖରେ ବସିଥାଏ । ଅନିତାର ଚେନା ଆସିନଥାଏ ଆହୁରି ।

ମନେ ମନେ ଅମିତ ନିଜକୁ ଦୋଷୀ ଭାବୁଥାଏ । ମୋଟାପଣ ଯୋଗୁ ଅମିତ ସେଦିନ ଅନିତାକୁ ବହୁତ କିଛି କହିଥିଲା । ଅନିତା ଗ୍ରୀନ-ଟି ଫିଙ୍ଗିଦେବା ଘଟଣାକୁ ନେଇ ଅନ୍ୟ ସ୍ତ୍ରୀର ଉଦାହରଣ ଦେଇଥିଲା । ଏଇଟା ତା'ର ଭୁଲ । ଅନିତା ସେବେଠାରୁ ବହୁତ ଚିନ୍ତାଗ୍ରସ୍ତ ରହୁଛି । ଖାଇବା ପିଇବା ଠିକ୍‌ରେ କରେନି । କିନ୍ତୁ ସେ ସ୍ୱାମୀ ହୋଇ ନିଜ ସ୍ତ୍ରୀ ବିଷୟରେ କିଛି ଜାଣିପାରିଲାନି । ଆଜି ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହୋଇ ଚରମସୀମାରେ ପହଂଚିବାର କାରଣ ସେ ନିଜେ । ଅନିତା ପ୍ରତି କରିଥିବା ଖରାପ ବ୍ୟବହାର ପାଇଁ ସେ ନିଜେ ନିଜକୁ ନିନ୍ଦୁଥିଲା ।

ଅନିତାର ହୋସ ଆସିଲା କି କ'ଣ ସେ ଆଖି ମିଟି ମିଟି କରି ଚାହିଁଲା । ଅମିତ ସଂଗେ ସଂଗେ ଡାକ୍ତରଙ୍କୁ ଡାକିଲା । ଡାକ୍ତର ଚେକ୍ ଅପ୍ କରି ଆଶ୍ୱାସନା ବାଣୀ ଦେଲେ – ବର୍ତ୍ତମାନ ସ୍ଥିତି ଠିକ୍ ଅଛି । ଭୟ କରିବାର କିଛି ନାହିଁ । ଏବେ ବିପଦମୁକ୍ତ । କିନ୍ତୁ ଆଗକୁ ଖାଇବା ପିଇବାରେ ଧ୍ୟାନ ଦେବେ । ଦେହର ଯତ୍ନ ନେବେ କହି ଚାଲିଗଲେ ଡାକ୍ତର ।

ଅମିତ ଅନିତାର ମଉଳା ମୁହଁ ଆଉ ନିସ୍ତେଜ ଆଖି ଦେଖି କାନ୍ଦି ପକେଇଲା । ଅନିତାର ହାତ ଦୁଇଟିକୁ ଧରି କହିଲା – ଆଉ କେବେ କଷ୍ଟ ଦେଲାପରି କିଛି କହିବିନି । ତମେ ଯେମିତି ବି ହୁଅ ନା କାହିଁକି ସବୁବେଳେ ମୋର ହୋଇ ରହିବ । ଗ୍ରୀନ-ଟି ଫିଙ୍ଗିଥିବାରୁ ସେଦିନ ରାଗିକି କହିଦେଲି । ମୁଁ ସ୍ୱୀକାର କରୁଛି ମୋର ଭୁଲ ସେଥିପାଇଁ ମୁଁ ଅନୁତପ୍ତ । ଗ୍ରୀନ-ଟି ନ ପିଅ କିନ୍ତୁ ଦେହର ଯତ୍ନ ନିଅ । ତମ ବିନା ଆମେ ବାପ ଝିଅ ବଞ୍ଚିପାରିବୁନି । ଅନିତା ଆଖିରୁ ଖୁସିର ଅଶ୍ରୁ ଦୁଇଧାର ବୋହିଗଲା ।

ଭୁବନେଶ୍ୱର ।

# ଏକଶ୍ଚନ୍ଦ୍ର ସ୍ତମୋହନ୍ତି

- ଛବିରାଣୀ ପତି

"ନାକ ତଳ ନିଶ ବଙ୍କା ହେଲେ

କାହାର କି'ଅବା ଦୋଷ....!

ନିଜ ଅକର୍ମଣ୍ୟ ପ୍ରମାଣିତ କରେ

ଜନେ ହୁଏ ଉପହାସ.." !!

ଗୋଦରାଙ୍କ ପରି କୋଡ଼ିକୋଡ଼ି ....ଶେଷରେ ମାଡ଼ି ଚାଲିଲେ, ଶ୍ରମ ବ୍ୟର୍ଥ ହୁଏ ସିନା...କିନ୍ତୁ, ସାର୍ଥକ ହୁଏନି କେବେ । ଏକଥା ସତ୍ୟ ଯେ, 'ଗୋଟେ ସୁସ୍ଥ ମାନସିକତାର ଜନ୍ମଦାତା...ଗୋଟେ ସୁସ୍ଥ ବାତାବରଣରୁ ହିଁ ସୃଷ୍ଟି ହୋଇଥାଏ । ଅସୁସ୍ଥିକର ପରିବେଶ ମନରେ ଭରିଦିଏ ଖାଲି ଦୁଃଖ, ଅବସାଦ, ଦୁଃଶ୍ଚିନ୍ତା ଆଉ ପୁଳା ପୁଳା ନିଷ୍ଫଳ ଆସ୍ୱାଦନ । ହର୍ଷ ଉଲ୍ଲାସରେ ନିଜକୁ ସର୍ବଦା ଖୋଲା ଆକାଶର ମୁକ୍ତ ବିହଙ୍ଗଟେ ପରି ଉନ୍ମୁକ୍ତ କରି ଖୋଲି ଧରିଲେ ମିଳିଥାଏ ଅନେକ ଆଶାର ଆଲୋକ ଓ ଖୋଲା ଆଖିର ସ୍ୱପ୍ନ । ସେହି ସ୍ୱପ୍ନରେ, ବାସ୍ତବତାର ରୂପ ଦେବାକୁ ଯାଇ ବୁଦ୍ଧି, ବିବେକ ଏବଂ ଜ୍ଞାନ କୌଶଳରେ ମଣିଷ ଆବିଷ୍କାର କରେ ନା, ଉପାୟର କଳ୍ପନା । ବିନା ଦ୍ୱିଧାରେ ଭରିଚାଲେ ସେଥିରେ ଇନ୍ଦ୍ରଧନୁର ସୁନେଲି ସପ୍ତରଙ୍ଗ । ଆଉ ନିଜକୁ ଲକ୍ଷ ଲକ୍ଷ ତାରାମାନଙ୍କ ଭିତରର ଶୁଭ୍ର ଜୋଛନା ଭରା ଉଜ୍ଜ୍ୱଳ ଦେହଟିଏ କରି ପରିପ୍ରକାଶ କରେ ଏ ସାରା ଜଗତରେ । ଯୋଉ ଆଲୋକ ସମକକ୍ଷ ଅସଂଖ୍ୟ ତାରା ଗ୍ରହ ନକ୍ଷେତ୍ର ସପ୍ତଶ୍ରୀ ମଣ୍ଡଳ ଅବା ଗ୍ରହାନୁପୁଞ୍ଜ ସମସ୍ତେ ମିଶି କି ବି ହୋଇପାରନ୍ତିନି.. ସତ ଚେଷ୍ଟା ସତ୍ତ୍ୱେ ।

"ଏକଶ୍ଚନ୍ଦ୍ର ସ୍ତମୋହନ୍ତି...ନ ଚୋଉ ତାରା ଗଣ ଓ ପିଚ" ।

ଠିକ୍ ସେହିପରି ଥିଲା ସୁଶ୍ରୀ । ନିମ୍ନ ମଧ୍ୟବିତ୍ତ ଠୁ ବି ଆହୁରି ନିମ୍ନ (ଗରିବ କହିଲେ ଅତ୍ୟୁକ୍ତି ହେବନି) ପରିବାରରେ ତା'ର ଜନ୍ମ ଥିଲା । କହିବାକୁ ଗଲେ ଖାଲି ଦୁଃଖେ ସୁଖେ ଖାଇ ପିଇ ବଂଚିଯିବାର କ୍ଷମତା ଥିଲା କେବଳ ତାଙ୍କର । ବାପା ହାଟ ବଜାରରେ ପରିବା ବିକ୍ରି କରି ଚଳାଇ ନିଅନ୍ତି ଯହିଁ ଯେମିତି । ପୁଅ ଝିଅ ମିଶିକି ପାଂଚ ଜଣ । ଏତେ ଗୁଡ଼ିଏ ପେଟ, ପିଠି ଜଗିନେଲା ବେଳକୁ ସରିଯାଏ ସବୁ ପାରିଶ୍ରମିକ । ତେଣୁ, ପିଲାମାନେ ଯତେଇ କତେଇ ଯିଏ ଯେତେ ବାଟ ଗଲା  ବାଟଗଲା ପାଠ ପଢ଼ାରେ । ଘର ପାଖ ସରକାରୀ ସ୍କୁଲରେ ପାଠ ପଢ଼ନ୍ତି ସମସ୍ତେ । କିଏ ପଞ୍ଚ ତ କିଏ ସପ୍ତମ ଆଉ କିଏ ଅଣ୍ଡମେଟ୍ରିକ । ବାଧ୍ୟତାମୂଳକ ନୀତି ନିୟମ ନଥିଲା କାହାପାଇଁ । କାରଣ ଅଣ୍ଟାରେ ସମ୍ବଳ ନଥିଲା ଟିଉସନ ଦେଇ ଅବା ଭଲ ସ୍କୁଲ ଦେଖି ପାଠ ପଢ଼େଇବାକୁ । ଖାଲି, ଟିକେ ବିଶେଷ ଲୋଭ ଥାଏ ପୁଅ ଦୁଇଟାଙ୍କ ଉପରେ । ଦୁଇ ଅକ୍ଷର ପଢ଼ିପାରନ୍ତେ କି ନିଜ କଥା ତ ନିଜେ ବୁଝିବାକୁ ସକ୍ଷମ ହୋଇପାରନ୍ତେ । ଆମ ବୃଦ୍ଧବସ୍ଥାରେ ... । ଛାଡ଼, ଭାଗ୍ୟର ବିଡ଼ମ୍ବନା ବି ଥିଲା ବଡ଼ ବିଚିତ୍ର । ତିନୋଟି ଯାକ ଝିଅ ପେଜ ତୋରାଣି ମୁନ୍ଦାକ ପିଇ ଦେଇ ଯାଆନ୍ତି ସ୍କୁଲକୁ । ସେହି ଭାତ ଗଣ୍ଡାକ ପୁଅ ଦୁଇଟି ଯାକ ଖାଇ ଯାଆନ୍ତି ସ୍କୁଲ ନାଁରେ ଖେଳପଢ଼ିଆ ।ନଦୀ କୂଳ ଅବା ପଠା ତୋଟାକୁ । ବେଶ୍ ମଉଜ ମଜଲିସ କରି ଖେଳକୁଦ ସାରି ଫେରନ୍ତି ଘରକୁ ଉପରଓଳି । ଦିନେ ସ୍କୁଲ ମାଷ୍ଟ୍ରେ ହାଟରୁ ପରିବା କରୁ କରୁ ଦେଖିରେ ରାମ ବାବୁଙ୍କୁ । ନ କହି ରହିପାରିଲେନି । ଝିଅ ସୁଶ୍ରୀର ଜ୍ଞାନ, ଜିଜ୍ଞାସା ଆଉ ପ୍ରତିଭା ବିଷୟରେ । ଏତେ ସମାୟାନୁବର୍ତ୍ତିତା ଆଉ ବିଦ୍ୟା ପ୍ରତି ନିଷ୍ଠା । ତାଙ୍କୁ ଅଭିଭୂତ କରିଦେଇଥିଲା ବୋଲି ସେ ପ୍ରଶଂସା ଅଜାଡ଼ି ପକାନ୍ତେ...ବାପା ଖୁସି ତ ହୁଅନ୍ତି । ମାତ୍ର, ପଚାରି ବସନ୍ତି ଦୁଇ ପୁଅଙ୍କ ପାଠ ବିଷୟରେ । ମାଷ୍ଟ୍ରେଙ୍କର ପ୍ରଫୁଲ୍ଲିତ ହସ ହସ ମୁହଁଟି ପଡ଼ିଯାଏ ସାଙ୍ଗେ ସାଙ୍ଗେ ଫିକା । କୁହନ୍ତି, ତାଙ୍କୁ ଖାଲି ଭଗବାନ ସାହା । ମୂର୍ଖ କାଳିଦାସ ଠାରୁ ବି ଆହୁରି ଗଜମୂର୍ଖ ଦିଇଟା ଯାକ । ସେମାନେ ତମସାକୁ ଚାରିଟା ଦିନ ବି ସ୍କୁଲର ଦୁଆର ମୁହଁ ମାଡ଼ନ୍ତିନି ଆଉ ତୁମେ ପାଠ କଥା କ'ଣ ପଚାରୁଛ ହେ ? ସବୁ ପାଠ ସରିଯିବ । ଆଜହୁଁ ସେମାନଙ୍କ ଉପରେ ଟିକେ ନିଘା ରଖ ହେ । ନହେଲେ ନେଡ଼ି ଗୁଡ଼ କହୁଣିକୁ ବୋହିଯିବ ଯେ ଆଉ ବୁଦ୍ଧି ଦିଶିବନି କି ବଳ ମଧ୍ୟ ପାଇବନି । ସମ୍ଭାଳି ନିଅ ଯେତେ ଶୀଘ୍ର ପାରୁଛ

ସେ ଦଣ୍ଡା ବାଲୁଙ୍ଗା ଦି'ଟାଙ୍କୁ । ଏସବୁ ଶୁଣି ବହୁତ ଦୁଃଖିତ ହୋଇଗଲେ ବାପା । ଝିଅ ଗୋଟେ ବାହାହେବାକୁ ହୋଇଗଲାଣି । ବଢ଼ିଲା ଝିଅକୁ କେତେଦିନ ଆଉ ରଖିବେ ଘରେ ? ଏଣେ, ତା ପଛକୁ ପଛ ଆହୁରି ଅଛନ୍ତି । ମନେ ପଡ଼ିଯାଉଥାଏ ରହି ରହିକି ମାଷ୍ଟ୍ରେଙ୍କ କଥା । ଝିଅର ପ୍ରଶଂସା ବି, ପୁଅର ନିନ୍ଦା ବି । ଛିଣ୍ଡା ପିନ୍ଧି ପେଜ ତୋରାଣୀ ପିଇ ଯାହା ହେଉ ଆଜି ପାଞ୍ଚ ଲୋକରେ ମା' ଛାତି ଫୁଲେଇଦେଲା । ଆଉ, ସେଇ ପାଞ୍ଚ ଲୋକରେ ଏ କୂଳାଙ୍ଗାର ଦି'ଟା ଲଜ୍ଜାରେ ମୁଣ୍ଡ ମୋର ତଳକୁ କରିଦେଲେ । ଶେଷରେ ଭଲ ମନ୍ଦ ଖୁଆଇ ଗେହ୍ଲାରେ ବାଢ଼େଇବାର କ'ଣ ଏଇ ପରିଣାମ ଦେଲେ, ସେ ଅକାଳ କୁଷ୍ମାଣ୍ଡ ଦୁଇଟା । ଝିଅ ଗୁଡ଼ାଙ୍କୁ ପରଘରକୁ ଭାବି ବୋଝ ପରି ମଣି କେବେ କରିନାହିଁ ଆଦର । ଏଇ ପୁଅକୁ ଚାହିଁ ଚାହିଁ ତିନୋଟି ଝିଅ । ଶେଷରେ ଭଗବାନ ଦେଲେ ଯେ ପୁଣି ଯାଆଁଳା ଅକଳା କୁଷ୍ମାଣ୍ଡ । ବଳଦ ଦିଇଟା । ଏହିପରି ଅନେକ ଦୁଃଶ୍ଚିନ୍ତାରେ ଭାରାକ୍ରାନ୍ତ ହୋଇ ଫେରନ୍ତି ଘରକୁ । ଆଉ ସେ ଗୋଖା ଦିଇଟାଙ୍କୁ ଡାକି ପିଟନ୍ତି ନିର୍ଦ୍ଧୁମ । କିନ୍ତୁ ଅସହିଷ୍ଣୁ ଭାଇ ଦୁଇଟା ଯାକ ରାଗି ଯାଆନ୍ତି ପରୋକ୍ଷରେ ସୁଶ୍ରୀ ଉପରେ । ନଈକି ଗାଧୋଇ ଯାଇଥିଲା ବେଳେ ଉଭୟ ଛକିକି ପେଲି ଦିଅନ୍ତି ନଈ ଭିତରକୁ ସୁଶ୍ରୀକୁ କିନ୍ତୁ, "ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ"। ପ୍ରତ୍ୟେକ୍ଷଦର୍ଶୀ ସ୍ଥାନୀୟ ଲୋକେ । ସେଠୁ ଉଦ୍ଧାର କରିନିଅନ୍ତି ସୁଶ୍ରୀକୁ ଏବଂ ଭାଇମାନଙ୍କୁ କରନ୍ତି ଅନେକ ତିରସ୍କାର, ନିନ୍ଦା ଆଉ ନିନ୍ଦା ।

ଦିନ ଗାଡ଼ିଚାଲେ ତା' ବାଟରେ । ସୁଶ୍ରୀ ଜିଲ୍ଲା ସ୍ତରୀୟ ଟପ୍ପର ହୋଇ ଉତ୍ତୀର୍ଣ୍ଣ ହୁଏ ମେଟ୍ରିକ ପରୀକ୍ଷାରେ । ସରକାରଙ୍କର ମେଧାବୃତ୍ତି ଅନୁଦାନରେ ଚଳି ଯାଉଥିଲା ତା'ର ପାଠପଢ଼ା ଖର୍ଚ୍ଚବାର୍ଚ୍ଚ । ମାତ୍ର, ଏବେ ସେ କରିବ କ'ଣ ? କେମିତି ପଢ଼ିବ ଆଗକୁ ? ତା' ଆଗରେ ଛିଡ଼ା ହୋଇଯାଏ ବିରାଟ ପ୍ରଶ୍ନର ପାହାଡ଼ । ଭଗବାନ ବଡ଼ ଲୋକ ନିଶ୍ଚିନ୍ତ ଭାବେ ସୁଯୋଗ ସେହିଠାରେ ସୃଷ୍ଟିହୁଏ ଯେଉଁଠି ଥାଏ ପ୍ରବଳ ଇଚ୍ଛାଶକ୍ତି । ଗୋଟେ ସମ୍ବର୍ଦ୍ଧନା ପର୍ବରେ ଜିଲ୍ଲାପାଳ ରଖୁଥାନ୍ତି ତାଙ୍କର ଅଭିଭାଷଣ । କଥା ପ୍ରସଙ୍ଗରେ କରିବସିଲେ ମଧ୍ୟ ସୁଶ୍ରୀର ଅନେକ ପ୍ରଶଂସା ଆଉ ତା'ର ଉତ୍ତୋରତ୍ତର ଉନ୍ନତି ତଥା ଉଜ୍ଜ୍ୱଳ ଭବିଷ୍ୟତର କାମନା ମଧ୍ୟ କଲେ । ସେହି ଉତ୍ସବରେ ଉପସ୍ଥିତ ଥାଏ ସୁଶ୍ରୀ । ଯେତେବେଳେ ଷ୍ଟେଜକୁ ସମ୍ବର୍ଦ୍ଧନା ଉଦ୍ଦେଶ୍ୟରେ ତାକୁ ଡକାଯାଉଥିଲା ସେ ଅନୁରୋଧ କରିଥିଲା କିଛି ବକ୍ତବ୍ୟ ରଖିବା ଲାଗି । ଅନୁମତି ମଧ୍ୟ ମିଳିଗଲା । ଆଉ ଟିକେ ପୂର୍ବରୁ ଜିଲ୍ଲାପାଳଙ୍କର ଉକ୍ତିକୁ ଉଦ୍ଧୃତ କରି ଚାହିଁଥିଲା ଉଚ୍ଚଶିକ୍ଷା ଲାଗି ଟିକେ ସହାନୁଭୂତି ଆଉ ଟିକେ ସହଯୋଗର ହାତ ।

"ଇଚ୍ଛା ଥିଲେ, ଉପାୟ ଆପେ ଆପେ ଆସେ"। ସେଇଥିପାଇଁ ବି ପ୍ରଥମ ଓ ପ୍ରକୃତ ପ୍ରୟାସ ଆମକୁ ହିଁ କରିବାକୁ ହୋଇଥାଏ । ପ୍ରତିଭାକୁ ସମ୍ମାନ ଓ ଉତ୍ସାହିତ କରୁଥିବା କିଛି ଲୋକଙ୍କ ଓଗେର ଜିଲ୍ଲାପାଳ ମଧ୍ୟ ବଢ଼େଇ ଦିଅନ୍ତି ତା' ଆଡ଼କୁ ସହଯୋଗର ହାତ । ସେତିକି ପ୍ରଶଂସାରେ ସେ ପୋତି ନହୋଇଯାଇ ବରଂ ଆରମ୍ଭ କଲା ତା' ଜୀବନର ଜୟଯାତ୍ରା । ମନବଳ ଦୃଢ଼ କରି ଆଗେଇ ଚାଲିଲା ନିଜର ତଥା ଶୁଭେଚ୍ଛୁମାନଙ୍କର ଆଶା ଅଭିଳାସକୁ ଚରିତାର୍ଥ ଉଦ୍ଦେଶ୍ୟରେ କରିଲା ଆପ୍ରାଣ ଚେଷ୍ଟା ।

ସେ ଆଜି ହୋଇପାରିଛି ଜଣେ ବୈଜ୍ଞାନିକ । ସମାଜରେ ତା'ର ଆଜି ବେଶ ପ୍ରତିଷ୍ଠା । ବଦଳି ଯାଇଛି ସମସ୍ତଙ୍କର ରଂଗଢଙ୍ଗ । ଚାଳ ଛପର ମାଟି ଉପରେ ଛିଡ଼ା ହୋଇଛି ସୁଉଚ୍ଚ ଅଟ୍ଟାଳିକା । ବାପା ଏବେ ଆଉ ହାଟ ବଜାର ବିକି ଯାଉନାହାନ୍ତି ପନିପରିବା । ଦୁଇ ଭଉଣୀ ବେଶ ଆନନ୍ଦରେ ଅଛନ୍ତି ଯେଝା ସଂସାରରେ । ମାଆ ଇହଧାମ ପରିତ୍ୟାଗ କରି ଶାନ୍ତିରେ ଶୋଇ ଯାଇଛନ୍ତି ଚିରନିଦ୍ରାରେ । ସବୁ ଠିକ୍ ଠାକ୍ । ମାତ୍ର, ବିପଥଗାମୀ ଭାଇ ଦୁଇଟାଙ୍କ କଥା କହିଲେ ନସରେ । ତାଙ୍କୁ ରୋଜଗାରକ୍ଷମ କରି ଥଇଥାନ କରିବାକୁ କରିଛି ଅନେକ ପ୍ରୟାସ । ହେଲେ, ସବୁ ଅର୍ଥକୁ ଜୁଆ, ନିଶାପାଣି, ବ୍ୟଭିଚାରୀ ନାରୀମାନଙ୍କ ପଛରେ ଉଡାଇ...ଛାର ଖାର କରିଦେଲେଣି ସେମାନେ, ନିଜ ଜୀବନକୁ । ଘରେ ଭାଇମାନଙ୍କର ଏପରି ଦୁର୍ଦ୍ଦାନ୍ତ ନୀତିକୁ ଦେଖି ଖାଲି କାକୁସ୍ତଟେ ପରି ଚାହିଁରହେ ବାପାଙ୍କୁ । ବାପା ବି ବଲବଲ ହୋଇ ଚାହିଁ ରୁହନ୍ତି ଅନେକ ଆଶା ନେଇ ଝିଅକୁ । ସୁଶ୍ରୀ ଚିନ୍ତାଗ୍ରସ୍ତ ହୋଇପଡ଼େ । କ'ଣ ହୋଇପାରେ ଏହି ସମସ୍ୟାର ସମାଧାନ । ଭାଇମାନଙ୍କ ହାବଭାବରୁ ଜାଣିପାରେ ସବୁକିଛି ।

"ଚେଇଁ ଶୋଇଥିବ ଯିଏ, ତାକୁ ଉଠେଇବ କିଏ" ।

ଠିକ୍ ଭୁଲ ସବୁ ବୁଝନ୍ତି । ଜଣେ ଆଉ ଜଣଙ୍କର ପ୍ରରୋଚନାରେ ପଡ଼ି କାନ୍ଧରେ କାନ୍ଧ ମିଳେଇ ଚଳେଇଥାନ୍ତି ରୀତିମତ ଗୁଣ୍ଡାରାଜ, ଆଉ ଲଙ୍କାକାଣ୍ଡ । ସୁଶ୍ରୀ ମନେ ମନେ ସ୍ଥିର କରେ ନାହିଁ, ପ୍ରଥମେ ଏ ଦୁଇ ଜଣଙ୍କୁ ଅଲଗା କରିକି

ଦେଖିବା ବୋଧହୁଏ ସୁଧୁରିଯିବେ । ଏହିପରି ଭାବୁଥିଲା ଅନେକ କଥା । ହଠାତ୍ ଶୁଭିଲା କାହାରି ପାଟି । କାନେଇଲା ଦୌଡ଼ି ଆସରେ ମାଧିଆ, ରାଧୁଆ ନଈରେ ଭାସିଗଲେ ।

ପେଟ ଭର୍ତ୍ତି ମଦ ସେଥିରେ ଆଖିଭର୍ତ୍ତି ଗଞ୍ଜେଇର ନିଶା । ଲୋକେ କହୁଛନ୍ତି, ନଦୀକୂଳେ ବସି ଦୁହେଁ କରୁଥିଲେ ନିଶା ସେବନ । ଏକ କରିବାକୁ ଯାଇ ଜଣେ ଖସିଗଲା ଯେ ଯାଇଛି ତଳକୁ ତଳକୁ । ଦେଖୁ ଦେଖୁ ଟାଣି ନେଉଥିଲା ବଢ଼ିଲା ନଈର ପ୍ରଖର ସ୍ରୋତ । ଏହା ଦେଖି, ଆଉ ଜଣଙ୍କର କାମକଲା ନାହିଁ ବୁଦ୍ଧି । ସହଜେ ତ ମୂର୍ଖଗୁଡ଼ାକ ଅଳ୍ପ ବୁଦ୍ଧିଆ । ତେଣୁ ପହଁରା ନ ଜାଣି ବି ସାଙ୍ଗ ଠାରୁ ବଳିକି ଭାଇକୁ ଭାସିଯିବାର ଦେଖି ଡେଇଁ ପଡ଼ିଥିଲା ପାଣିକୁ । ତାକୁ ବଞ୍ଚେଇବ କ'ଣ ବରଂ ନିଜକୁ ବି ପାରୁନଥିଲା ବଞ୍ଚେଇ । ଉଭୟ ଭାସିଯାଆନ୍ତି ଢେର ବାଟ । ଏହା ଶୁଣି ଗାଁରୁ ସମସ୍ତେ ଧାଆନ୍ତି ଘଟଣା ସ୍ଥଳୀକୁ । କିନ୍ତୁ, ସୁଶ୍ରୀ ଫାୟାର ଅଫିସକୁ ଫୋନ କରିଦେଇ ହାତରେ ଟର୍ଚ୍ଚ ଆଉ ଦୌଡ଼ା ଧରି ଧାଏଁ ନଦୀକୁ । ଅନ୍ଦାଜ କରି ସେଇଜାଗାକୁ ଯାଏ ସମୟ ଆଉ ନଦୀର ସୁଅକୁ ଆକଳନ କରି ପହଞ୍ଚେ ଅନତିଦୂର ନଦୀର ଅଣଓସାରିଆ ମୁହାଁଣ ଆଡ଼କୁ । ଟର୍ଚ୍ଚମାରି ଇସାରା କରେ ଆଗ ଭାଇମାନଙ୍କୁ । ନଦୀକୂଳରେ ଥିବା ବରଗଛରେ ଦୌଡ଼ିଟିକୁ ବାନ୍ଧିଦେଇ ଦଉଡ଼ିର ଆର ପଟଟିକୁ ନିକ୍ଷେପ କରେ ଭାଇମାନଙ୍କ ଆଡ଼କୁ । ଚିତ୍କାର କରି ଡାକ ମାରେ ସମସ୍ତଙ୍କୁ । ସୁଶ୍ରୀର ଉପସ୍ଥିତ ବୁଦ୍ଧି ଆଉ ସମସ୍ତଙ୍କର ସହଯୋଗରେ ନିଶ୍ଚିତ ମୃତ୍ୟୁକୁ ପଛରେ ପକାଇ ବଞ୍ଚିଯାଏ ଦୁଇଟି ଜୀବନ । ନିଜ ନିର୍ବୋଧତାରୁ ଆକସ୍ମିକ ଦୁର୍ଘଟଣାରେ ପଡ଼ିବାରୁ ଆଉ, ସାନ ଭଉଣୀ ଚିର ବିଚକ୍ଷଣ ବୁଦ୍ଧି ପ୍ରୟୋଗରେ ନୂଆ ଜୀବନ ପାଇଥିବାରୁ ଦୁଇ ଭାଇଙ୍କର ମନ ପଡ଼ିଯାଏ ସେହି ପିଲାଦିନର ଦୁର୍ବୁଦ୍ଧି । ନିଜ ପାଖେ ନିଜେ ଲଜ୍ଜିତ ହୁଅନ୍ତି ଦୁହେଁ । ଦୋହଲି ଯାଏ ତାଙ୍କର ଅନ୍ତରାତ୍ମା । ମୃତ୍ୟୁକୁ ଅତି ପାଖରୁ ଦେଖି ସାରିଲାପରେ ବଦଳି ଯାଏ ଦୁଇ ଭାଇଙ୍କର ଜୀବନଧାରା । ତାତ୍ସଲ୍ୟ, ଅପମାନ, ନିନ୍ଦା, ମାଡ଼, ଗାଳିଗୁଲଜ ଯେଉଁମାନଙ୍କ ଉପରେ ପଡୁନଥିଲା ଟିକେ ବି ପ୍ରଭାବ କି ଆସୁ ନଥିଲା କିଛି ବି ପରିବର୍ତ୍ତନ । ସେହି କୁତ୍ସିତ ମାନସିକତାରେ ଆସିଯାଏ ହଠାତ ବିରାଟ ପରିବର୍ତ୍ତନ । ଏସବୁ ସମ୍ଭବ ହୋଇପାରିଛି କେବଳ ସୁଶ୍ରୀର ସ୍ଥିରଚିତ୍ତ ଆଉ ଉପସ୍ଥିତ କ୍ଷିପ୍ର ବୁଦ୍ଧିରୁ । ସୁଶ୍ରୀର ସାହାଯ୍ୟ ସହାନୁଭୂତିରୁ ଆଜି ତା'ର ଦୁଇ ଭାଇ ନିଜ ନିଜ ସୁଖ ସଂସାରରେ ବ୍ୟସ୍ତ । ସମସ୍ତ ପ୍ରକାର ନିଶାରୁ ନିବୃତ୍ତ ରହି ଏବେ ସେ ନାରୀମାନଙ୍କୁ ଦେଉଛନ୍ତି ମା' ଭଉଣୀଙ୍କ ଉଚିତ୍ ସମ୍ମାନ । ଆଜି ସାମାଜିକ ନୀତି, ନିୟମ ଓ ଶୃଙ୍ଖଳାର ବନ୍ଧନରେ ଆବଦ୍ଧ... କେବଳ ତାଙ୍କ ସୁନା ଭଉଣୀ ସୁଶ୍ରୀ ପାଇଁ । ଏହି ବିରାଟ ପରିବର୍ତ୍ତନ କେବଳ ଏଇ ଦୁଇ ଜଣଙ୍କର ହୋଇନାହିଁ ବରଂ ଆଖ ପାଖ ଅଞ୍ଚଳରେ ବେଶ ଆଲୋଡ଼ନ ସୃଷ୍ଟି କରିପାରିଛି ସମସ୍ତଙ୍କ ହୃଦୟରେ । ଏହି ମାର୍ମିକ କାହାଣୀରେ ଆଜି ସମସ୍ତେ ପ୍ରେରିତ । ତା'ର ପ୍ରତିଫଳନରେ ସୁଧୁରି ଯାଇଛି ଅନେକ ଜୀବନ ଆଉ ଅନକେ ଅସାମାଜିକ ଯୁବଗୋଷ୍ଠୀ ।

ମଧ ଶାସନ, ଜଗତସିଂହପୁର ।

# ପୁନର୍ଜନ୍ମ

ମୂଳରଚନା - ରୋଜାଲିନ ମିଶ୍ର

ଯେଉଁଦିନ ପ୍ରଥମ କରି ରମାକାନ୍ତ ବାବୁ ଆଉ ସୁଷମା ଦେବୀ ମିନିକୁ ଦେଖିଲେ କେମିତି ଗୋଟେ ଅଜଣା ପୁଲକ ଆଉ ଶିହରଣ ଖେଳି ଯାଇଥିଲା ଦୁହିଁଙ୍କ ଦେହରେ । ସେମିତି ଆଖି, ସେମିତି ଓଠ, ଚିବୁକରେ ଛୋଟ କଳାଜାଇଟେ ସେମାନଙ୍କୁ ଫେରାଇ ନେଇଥିଲା ଷୋହଳ ବର୍ଷ ତଳକୁ ।

ଷୋହଳ ବର୍ଷ ତଳେ ରମାକାନ୍ତ ବାବୁ ଆଉ ସୁଷମାଙ୍କର ଥିଲା ପାଞ୍ଚ ବର୍ଷର ଝିଅଟିଏ ସିମି । ସେମାନଙ୍କ ଅତି ଗେଲବସରର ଝିଅ ସିମି ଯେ ଅଳ୍ପ ଦିନରେ ଅତିଥି ସେମାନଙ୍କ ଘରେ ଏ କଥା କିଏ ବା କାହିଁକି ଜାଣିବ ? ଅତି ଗେହ୍ଲାରେ ବଢ଼ିଥିବା ଝିଅଟା ସଡ଼କ ଦୁର୍ଘଟଣାରେ ଆଖି ବୁଜି ଦେଇଥିଲା ସବୁଦିନ ପାଇଁ । ବାପା ମା, ବନ୍ଧୁ, ବାନ୍ଧବ ସାଙ୍ଗସାଥୀ, ସାହି ପଡ଼ିଶାଙ୍କୁ ନିର୍ବାକ ଆଉ ହତବାକ କରିଦେଇ ।

ସିମି ଚାଲିଯିବାର ଦୁଇବର୍ଷ ପରେ ସେମାନଙ୍କ କୋଳକୁ ପୁଅଟିଏ ଅବଶ୍ୟ ଆସିଛି, କିନ୍ତୁ ସିମିକୁ ଭୁଲି ପାରିନାହାନ୍ତି ଉଭୟେ । ପ୍ରତିମୁହୂର୍ତ୍ତରେ ଘରେ ଗୋଟେ ଝିଅର ଅଭାବକୁ ଅନୁଭବ କରିଛନ୍ତି ସେମାନେ । ସେ ଘରର କାନ୍ଥବାଡ଼, ବାଡ଼ି ବଗିଚା, ଧୂଳିବାଲି ସବୁଥିରେ ଯେ ସିମି ତା'ର ସ୍ମୃତିର ସ୍ୱାକ୍ଷର ଛାଡ଼ିଯାଇଛି, କେମିତି ଭୁଲିହେବ ସିମିକୁ । ଘର ଭିତରେ ସିମିର ସ୍ମୃତି ଖାଇଗୋଡାଏ ସୁଷମାଙ୍କୁ । ମଝିରେ ମଝିରେ ସିମି ସିମି ହୋଇ ପ୍ରଳାପ କରନ୍ତି ସିଏ ପାଗେଳୀଙ୍କ ପରି । ସିମି ବୟସର ଯାହାକୁ ଦେଖନ୍ତି ତା' ମୁହଁକୁ ନିରେଖି ନିରେଖି ଚାହିଁ ସିମିକୁ ଖୋଜିବାକୁ ଚେଷ୍ଟା କରନ୍ତି ସିଏ ।

ଏମିତିରେ ବିତି ଯାଇଛି ଷୋହଳ ବର୍ଷ । ପୁଅ ବଣ୍ଟିର ପାଠପଢ଼ା ଆଉ ଟିଉସନ ସୁବିଧାକୁ ଆଖି ଆଗରେ ରଖି ରମାକାନ୍ତ ବାବୁ ତାଙ୍କର ସେ ପୁରୁଣା ଘର ଛାଡ଼ି ଆସି ରହିଲେ ବଣ୍ଟିର ସ୍କୁଲ ପାଖରେ ଥିବା ତାଙ୍କର ଏକ ନୂଆ ଘରେ । ଭଡ଼ାଟିଆଙ୍କୁ କାଢ଼ି ନିଜେ ରହିବାର ବ୍ୟବସ୍ଥା କଲେ ସେଠି ।

ନୂଆ ଘରର ପଡୋଶୀ ଶିଶିର ବାବୁ ରମାକାନ୍ତ ବାବୁଙ୍କର ପୁରୁଣା ଘନିଷ୍ଠ ବନ୍ଧୁ । ନୂଆ ଘରକୁ ଆସିବାର ପରଦିନ ରମାକାନ୍ତ ବାବୁ ଶିଶିର ବାବୁଙ୍କୁ କହିଲେ, ଆପଣ ଆମ ପାଇଁ କାମବାଲିଟେ ବୁଝି ଦିଅନ୍ତୁ । ବେଶୀ କିଛି କାମ ନାହିଁ । ଖାଲି ଦିନକୁ ଦୁଇବେଳା ଆସି ବାସନ ଦୁଇଖଣ୍ଡ ମାଜିଦବ ଆଉ ଘର ଟିକେ ଝାଡୁ ମାରିଦେଇ ଯିବ ।

ଶିଶିର ବାବୁ କହିଲେ ଏଇଟା ଗୋଟିଏ କଥା । ଆମ ଘରକୁ ମିନି ବୋଲି ଷୋହଳ ବର୍ଷର ଝିଅଟେ ଆସୁଛି ଦିନକୁ ଦୁଇବେଳା କାମ କରିବାକୁ । ଆଜି ସନ୍ଧ୍ୟାରେ ପଠେଇ ଦେବି ଆପଣଙ୍କ ଘରକୁ । ଆପଣ କଥା ହୋଇଯିବେ ତା' ସହ ।

ଷୋହଳ ବର୍ଷର ଝିଅଟା ଶୁଣି ଟିକେ ଆଗପଛ ହେଲେ ରମାକାନ୍ତ ବାବୁ । କହିଲେ ନା' ନା' ଥାଉ । ବୟସ୍କା ସ୍ତ୍ରୀ ଲୋକଟିଏ ଠିକ୍ କରିଦେଲେ ଟିକେ ଭଲ ହୁଅନ୍ତା । କିଛି ତରତର ହେବା ଦରକାର ନାହିଁ । ଆମେ ଆଠଦଶ ଦିନ ସେମିତି ଚଳେଇ ଦେବୁ । ସେ ଝିଅ କହୁଛି ତାକୁ ଷୋହଳ ବର୍ଷ । ସତ କହୁଛି କି ମିଛ କହୁଛି କିଏ ଜାଣିଲା । ଏବେ ତ କାମ ନ ମିଳିବା ଭୟରେ ବୟସ ବଢ଼େଇକି କହିଦେଉଛନ୍ତି ବସ୍ତି ପିଲାଗୁଡ଼ାକ । ଯଦି ସତରେ ସେମିତି ହୋଇଥାଏ ଆଉ କେହି ଆମ ନାଁରେ କମ୍ପ୍ଲେନ କରିଦିଏ ତାହେଲେ ବାଳଶ୍ରମିକ ରଖିବା ଅପରାଧରେ ଜେଲ ଯିବାଟା ଥୟ । ଆପଣ

ଜାଣିନାହାନ୍ତି କି "As per child labour Act, 1986, amended in 2016 prohibits employment of any person below 14 in any employment including as a domestic help". ନା'ନା' ଥାଉ ତାକୁ ମୋ ଘରକୁ ପଠେଇବା ଦରକାର ନାହିଁ । ଆଉ ମୋର ପରାମର୍ଶ ଆପଣ ବି ତାକୁ କାମରୁ ବାହାର କରି ଆଉ କାହାକୁ ଦେଖନ୍ତୁ ।

ଶିଶିରବାବୁ କହିଲେ କି ଡରୁଆ ଲୋକ କିହୋ ଆପଣ । ସିଏ ତ ନିଜେ କହୁଛି ତାକୁ ଷୋହଳ ବର୍ଷ ।

ତା' ଛଡ଼ା ଆମେ କ'ଣ ତାକୁ ଜବରଦସ୍ତି ଆ'ରି କାମରେ ଲଗାଉଛେ କି ? ମୋ ଘରେ କାମ କଲାଣି ସିଏ ପାଖାପାଖି ବର୍ଷେ ହେବ । ଆମ ଏଇ ଗଳିର ଶେଷ ମୁଣ୍ଡରେ ଜେନାବାବୁଙ୍କ ଘରେ ବି କାମ କରୁଛି ଝିଅଟା । ଆଉ ଆପଣଙ୍କୁ ଖାଲି ପୋଲିସି ବାନ୍ଧି ନେଇ ଯାଉଛି । ମା' ବାପା ଛେଉଣ୍ଡ ଝିଅଟା । ମାମୁଁ ମାଇଁଙ୍କ ପାଖରେ ରହୁଥିଲା । ମାମୁଁ ମଲାପରେ ମାଇଁ ଘରୁ ବାହାର କରିଦେଇଛି ଦୁଇମାସ ହେଲାଣି । ଖଟିଲେ ଖାଉଛି ଗଣ୍ଡାଏ ଛୁଆଟା । ଏବେ ତାକୁ କାମରୁ ବାହାର କରିବାର ଅର୍ଥ ତା' ଆହାର ମୁହଁରେ ପାହାର ଦେବା ଛଡ଼ା ଆଉ କିଛି ନୁହେଁ । ଆପଣଙ୍କ ଘର କାମଟା ଧରିଲେ ଆଉ ଦି'ପଇସା ପାଇବ ଝିଅଟା । ରୁହନ୍ତୁ, ସନ୍ଧ୍ୟାବେଳେ ପଠେଇ ଦେଉଛି ତାକୁ । କାଲିଠାରୁ ଆସି ଆପଣଙ୍କର କାମ କରିଦେବ ସିଏ ।

ସନ୍ଧ୍ୟାବେଳେ ମିନିକୁ ଦେଖି କେମିତି ଗୋଟେ ଅଜଣା ପୁଲକରେ ପୁଲକିତ ହୋଇଥିଲେ ଦୁହେଁ ରାମାକାନ୍ତ ବାବୁ ଆଉ ସୁଷମା । ମିନି ସହ ସିମି ଚେହେରାର ସାମଞ୍ଜସ୍ୟ ସେମାନଙ୍କୁ ଟିକେ ଆଷ୍ଚର୍ଯ୍ୟ ଲାଗିଥିଲା ।

ଏ କିଛିଦିନ ଭିତରେ ମିନି ସହ ଗୋଟେ ସ୍ନେହର ସମ୍ପର୍କରେ ବାନ୍ଧି ହୋଇଯାଇଛନ୍ତି ଦୁହେଁ ସ୍ୱାମୀ ସ୍ତ୍ରୀ । ମିନି ତାଙ୍କ ଘରର ଗୋଟେ ସଦସ୍ୟ ହୋଇଗଲାଣି ଧୀରେ ଧୀରେ । ମିନିକୁ ଘରର କାମବାଲୀ କେବେ ଭାବି ପାରନ୍ତିନି ସୁଷମା । ତାଙ୍କୁ ଲାଗେ ଏ ତାଙ୍କ ଝିଅ ସିମି । କିନ୍ତୁ ମୁହଁ ଖୋଲି କହି ପାରନ୍ତିନି କିଛି ।

ସେଦିନ ପୁଅ ବଣ୍ଟିର ଜନ୍ମଦିନରେ ସମସ୍ତେ ଏକାଠି ବସି ଖାଉଥାନ୍ତି । ମିନି କହିଲା ମା' କ୍ଷୀରିଟା ଭାରି ବଢ଼ିଆ ହୋଇଛି । ଆଉ ଟିକେ ଦିଅନ୍ତୁ ନା ମୋତେ । ହଁ ହଁ କହି ମିନି ପାତ୍ରରେ କ୍ଷୀରି ଢାଳି ଦେଉ ଦେଉ ଆଖି ଛଳଛଳ ହୋଇଗଲା ସୁଷମାନଙ୍କର । ମନେ ପଡ଼ିଗଲା ସିମି କଥା ସିମି କେତେ ଭଲପାଏ କ୍ଷୀରିକୁ । ଗିନା ଚାଟି ଚାଟି ସଫା କରିଦିଏ ସବୁ ।

ମିନି ଖୁସିରେ କ୍ଷୀରି ଖାଇଚାଲିଛି ଆଉ ତାକୁ ବିଭୋର ଦୃଷ୍ଟିରେ ଚାହିଁ ରହିଛନ୍ତି ସୁଷମା । ସବୁ କ୍ଷୀରି ଖାଇ ସାରି ମିନି ହଠାତ ଗିନା ଯାଚିବା ଆରମ୍ଭ କରିଦେଲା । ନିଜ ଅଜାଣତରେ ଚିଲେଇ ଉଠିଲେ ସୁଷମା । ତୋତେ ମନା କରିଥିଲି ନା ଏମିତି ଗିନା ବାସନ ଚାଟି ଚାଟି ଖାଆନ୍ତିନି ବୋଲି । ଏଗୁଡ଼ା ଭଲ ଅଭ୍ୟାସ ନୁହେଁ । ମିନି ଆଷ୍ଚର୍ଯ୍ୟ ହୋଇ ଚାହିଁଲା ସୁଷମାକୁ । କହିଲା ମା ଆପଣ କେବେ ତ କହିନାହାନ୍ତି ମୋତେ ଏକଥା । କାନ୍ଦି ପକେଇଲେ ସୁଷମା । କହିଲେ ନା'ରେ ମା କିଛି ଭାବିବୁନି । ସିମି କଥା ମନେ ପଡ଼ିଗଲା । ତାକୁ ମନା କରେ ସବୁବେଳେ ସେ ଏମିତି ଖାଏ ବୋଲି । ପାଞ୍ଚ ବର୍ଷର ଛୁଆଟା କିଛି ମାନେନି ମୋ କଥା । ପୁଣି ସେମିତି ଖାଏ କହି ଆଖି ପୋଛିଲେ ସୁଷମା ।

ଆଜି ଜନ୍ମାଷ୍ଟମୀ । ସୁଷମା ଦେବୀଙ୍କ ଘରେ ପୂଜା ଚାଲିଛି । କେତେ ପ୍ରକାର ଫଳମୂଳ ମିଷ୍ଟାନ୍ନ, ଚୁଡ଼ାଘଷା, ରାଶିଲଡୁ ସବୁ ଥାଳିରେ ସଜାହୋଇ ଥୁଆ ହୋଇଛି ପୂଜାଘରେ । ପୂଜା ସରିଲା ପରେ ସୁଷମା ମିନି ଆଗରେ ପୂଜା ଥାଳିଟା ଧରି କହିଲେ ନେ ମା' ପ୍ରସାଦ ଟିକେ ପାଇ ଦେ । ତା' ପରେ ଯିବୁ ତୁ । ମିନି ଦୁଇ ହାତ ଭର୍ତ୍ତିକରି ଯେତେ ପାରିବୁ ସବୁତକ ରାଶିଲଡୁ ଭର୍ତ୍ତି କରିନେଲା ତା' ହାତ ଆଞ୍ଜୁଳୀରେ । କହିଲା ମୁଁ ଆଉ କିଛି ଖାଇବିନି । ଏ ରାଶିଲଡୁ ତକ ସବୁ ମୋର । ଆଉ କାହାକୁ ଦେବିନି ମୁଁ । ଆଷ୍ଚର୍ଯ୍ୟ ହୋଇ ଚାହିଁଛନ୍ତି ରମାକାନ୍ତ ବାବୁ ଆଉ ସୁଷମା ଦେବୀ ପରସ୍ପରର ମୁହଁକୁ । ପୁଣି ଜାଗ୍ରତ ହୋଇଗଲା ସିମିର ସ୍ମୃତି

ମନ ଭିତରେ । ଘରେ ଯେତେବେଳେ ରାଶିଲଡୁ ହୁଏ, ସିମି ତା' କୁନି କୁନି ଆଞ୍ଜୁଳାରେ ଯେତେ ଜାଗା ହେବ ରାଶିଲଡୁ ନେଇ ସାର୍ଟ ପକେଟରେ ଭର୍ତ୍ତି କରିସାରିଲାପରେ ପୁଣି ହାତ ପ୍ରସାରି ଦିଏ ଆଞ୍ଜୁଳା ଭର୍ତ୍ତି କରିବା ଉଦ୍ଦେଶ୍ୟରେ

ଏମିତି ଛୋଟବଡ଼ ବହୁତ ଘଟଣାରେ ସିମି ସହ ମିନିର ତାଳମେଳ ଦେଖି ମିନିକୁ ସିମି ଭାବି ବସିଲେଣି ସୁଷମା ଧୀରେ ଧୀରେ । ଦିନେ ସନ୍ଧ୍ୟା ବେଳେ ଚା ପିଉପିଉ ରମାକାନ୍ତ ବାବୁଙ୍କୁ ସୁଷମା ଦେବୀ କହିଲେ, ବୁଝିଲ ତୁମେ ବିଶ୍ୱା କର କି ନକର ମୋତେ ଲାଗୁଛି ଏ ଆମ ସିମି । ଆଉ ଥରେ ଜନ୍ମ ପାଇ ପୁଣି ଫେରି ଆସିଛି ମୋ କୋଳକୁ । ଜାଣିଛ ମିନି କହୁଥିଲା ତା' ଜନ୍ମ କୁଆଡ଼େ ଶ୍ରୀଗୁଣ୍ଡିଚା ଦିନ ଯେଉଁଦିନ ସିମି ଆମକୁ ଛାଡ଼ି ଚାଲି ଯାଇଥିଲା । ମଣିଷର ଶରୀର ସିନା ନୈଶ୍ୱର କିନ୍ତୁ ଆତ୍ମା ତ ଅଜର, ଅମର ଆଉ ଅବିନାଶୀ । ମଣିଷ ତା' ଦେହରୁ କପଡ଼ା ବଦଳେଇଲା ପରି ମୃତ୍ୟୁପରେ ଆତ୍ମା ଶରୀର ବଦଳେଇ ଦିଏ । ମୋ ସିମିକୁ ଭଗବାନ ମିନି ରୂପରେ ପୁଣି ମୋ କୋଳକୁ ଫେରେଇ ଦେଇଛନ୍ତି । ଆମେ ତାକୁ ଝିଅ କରି ପାଖରେ ରଖିଲେ କେମିତି ହୁଅନ୍ତା । ରମାକାନ୍ତ ବାବୁ କହିଲେ ସେ ତ ଆମ ଝିଅ ପରି ଆମ ପାଖରେ ଚଳୁଛି । ଆହୁରି ପୁଣି କ'ଣ ? ସୁଷମା କହିଲେ ନା, ସେମିତି ନୁହେଁ । ସେ ଆମ ପାଖରେ ଆମ ଘରେ ପୁରା ରହିବ । ତା' ଅଧାରୁ ଛାଡ଼ିଥିବା ପାଠପଢ଼ାକୁ ପୁଣି ଆରମ୍ଭ କରିବ । ଆମେ ତାକୁ ପଢ଼େଇବା । ଭଲ ଘର ଆଉ ବର ଦେଖି ହାତକୁ ଦି'ହାତ ବି କରିବା ।

ସୁଷମାଙ୍କ ତୁଣ୍ଡରେ ନିଜର ମନକଥାଗୁଡ଼ାକ ଶୁଣି ଖୁସି ହୋଇ ଯାଇଥିଲେ ରମାକାନ୍ତ ବାବୁ । ଭାବୁଥିଲେ ଏ ଆମ ସିମିର ପୁନର୍ଜନ୍ମ ହେଉ କି ନହେଉ, ମିନିକୁ ସାହାରା ଦେବା ଦ୍ୱାରା ଗୋଟେ ଅନିଶ୍ଚିତ ଅନ୍ଧକାର ଭବିଷ୍ୟତକୁ ସେ ଉଜ୍ୱଳ ଆଶାର ଆଲୋକ ଟିକିଏ ଦେଖେଇ ତ ପାରିବେ । ତାଙ୍କ ପାଇଁ ବଣରେ ଫୁଟିଥିବା ବଣମଲ୍ଲୀଟି ଦେବାଳୟର ସ୍ୱପ୍ନ ତ ଦେଖିପାରିବା । ତା' ଛଡ଼ା କନ୍ୟାଦାନର ପୁଣ୍ୟ ଭାଗ୍ୟରେ ଥିଲେ ମିଳେ ।

ସୁଷମାଙ୍କ କଥାରେ ସହମତି ଜଣାଇଲେ ରମାକାନ୍ତବାବୁ । ଖୁସି ମନରେ ସୁଷମା ଉଠିଗଲେ ଠାକୁରଘରକୁ ସନ୍ଧ୍ୟାଧୂପ ଦେବା ଉଦ୍ଦେଶ୍ୟରେ । ବାଲକୋନିରେ ବସି ରମାକାନ୍ତ ବାବୁ ଅପେକ୍ଷା କରିଥିଲେ ମିନିର ଆସିବା ବାଟକୁ । ଏଥର ମିନି ଆସିଲେ ତାକୁ ଆଉ ଯିବାକୁ ଦେବେନି ସେ । ଠାକୁରଘରେ ସନ୍ଧ୍ୟାଧୂପ ଦେଇସାରି ସୁଷମା ପଢୁଥିଲେ ଭଗବତ୍ ଗୀତା.... ।

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟପୋ, ନ ଶୋଷୟତି ମାରୁତଃ ।"

ଭି.ଏସ.ଏସ.ନଗର ।

# ପୂଣ୍ୟାତ୍ମା ଗୋପବନ୍ଧୁଙ୍କ କବିତାରେ ଗାନ୍ଧି

**- ଅଧ୍ୟାପକ ପବିତ୍ର ମୋହନ ବାରିକ**

ମହାତ୍ମାଗାନ୍ଧି ଓ ପୂଣ୍ୟାତ୍ମା ଗୋପବନ୍ଧୁଙ୍କର ଅପୂର୍ବ ମହାମିଳନ ଏକ ଐଶ୍ୱରୀୟ ଅମୃତ ଅନୁଭବ ପରି ପ୍ରଥମ ଅଟେ । ଏହି ଦୁଇଜଣ ଦେବ ଦୁର୍ଲଭ ବ୍ୟକ୍ତିତ୍ୱର ସାକ୍ଷାତ ଥିଲା ବିଧି ନିର୍ଦ୍ଦେଶ । ଗାନ୍ଧିଜୀଙ୍କର ଆକର୍ଷଣୀୟ ବ୍ୟକ୍ତିତ୍ୱ, ସତ୍ୟ ଓ ଅହିଂସା ପ୍ରତି ଅଙ୍ଗିକାରବଦ୍ଧତା, ସଂହତି ଓ ସଦ୍‌ଭାବ ପ୍ରତି ଆନ୍ତରିକତା, ସମାଜ ସଂସ୍କାର ପାଇଁ ନିଷ୍ଠାପରତା ମୁକ୍ତି ଯୁଦ୍ଧ ପ୍ରତି ପ୍ରତିବଦ୍ଧତା ଧାର୍ମିକ ଉଦାରତା ଓ ସହିଷ୍ଣୁତା ପ୍ରଭୃତି ଗୁଣ ଗୋପବନ୍ଧୁଙ୍କୁ ଗଭୀର ଭାବରେ ପ୍ରଭାବିତ, ଅନୁପ୍ରାଣୀତ ଓ ଆକୃଷ୍ଟ କରିଥିଲା ।

ଗାନ୍ଧିବାଦର ଆଦର୍ଶ, ଦର୍ଶନ, ବିଚାର, ଚିନ୍ତାଧାରା, ତତ୍ତ୍ୱ, ଜାତିପ୍ରାଣ ଗୋପବନ୍ଧୁଙ୍କ ହୃଦୟକୁ ବିମୋହିତ ଓ ଆନ୍ଦୋଳିତ କରିଥିଲା । ପୂଣ୍ୟ ଉତ୍କଳ ଭୂମିରେ ଗାନ୍ଧିଜୀଙ୍କର ଅଭିନବ ଭାବଧାରାକୁ ପ୍ରବାହିତ ଦିଗରେ ଗୋପବନ୍ଧୁଙ୍କ ପ୍ରୟାସ ପ୍ରଶଂସନୀୟ । ପୂଣ୍ୟ ଶ୍ଳୋକ ଗୋପବନ୍ଧୁ ନିଜ ସାହିତ୍ୟ କୃତିରେ ଗାନ୍ଧିବାଦର ପ୍ରଚାର ଓ ପ୍ରସାର ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିଲେ । ଗାନ୍ଧି ଓ ମହାତ୍ମାବାଦ ତାଙ୍କ ରଚନାବଳୀର ଅନେକ ସ୍ଥାନରେ ସ୍ଥାନିତ କରିଛନ୍ତି । ଉତ୍କଳମଣି ଗୋପବନ୍ଧୁଙ୍କର ସାରସ୍ୱତ ସମ୍ଭାର ଗାନ୍ଧି ବିଚାରଧାରାକୁ ଉତ୍କଳବାସୀଙ୍କ ନିକଟରେ ପହଞ୍ଚାଇବାରେ ସମର୍ଥ ହୋଇଥିଲେ । ଗାନ୍ଧି ଭାବନାକୁ ନେଇ ଗୋପବନ୍ଧୁଙ୍କର କବିତା ଥିଲା ପ୍ରାଣସ୍ପର୍ଶୀ, ସୁଦୂର ପ୍ରସାରୀ ତଥା ଦିଗନ୍ତ ବିସ୍ତାରୀ । ସତ୍ୟ, ଅହିଂସା ଓ ସତ୍ୟାଗ୍ରହ ପ୍ରବଳ ଆଗ୍ରହ ସୃଷ୍ଟି କରାଇଥିଲା । ଜାତୀୟଜାଗରଣ, ସଚେତନତା, ସଂଗ୍ରାମୀ ବିଚାରଧାରା, ଦେଶଭକ୍ତି ଓ ଜାତିପ୍ରେମକୁ ଆଧାର କରି ଗାନ୍ଧି ଚିନ୍ତନର କାଳଜୟୀ କବିତା ଗୋପବନ୍ଧୁ ରଚନା କରି ଓଡ଼ିଆମାନଙ୍କ ମନରେ ଜାତୀୟ ଆନ୍ଦୋଳନ ଉତ୍କଳରେ ପୂଣ୍ୟତୋୟାଜାହ୍ନବୀ ରୂପକ ଜାତୀୟ ଆନ୍ଦୋଳନର ଧାରାକୁ ପ୍ରବାହମାନ କରିଥିଲେ । ଗୋପବନ୍ଧୁ ନିଜ କବିତାରେ ଏହାର ଏକ ମାର୍ମିକ ଅନୁଶୀଳନ ଉପସ୍ଥାପନ କରିଛନ୍ତି ଯାହା ଗାନ୍ଧିଜୀଙ୍କ ମହତ୍ତ୍ୱକୁ ଗୌରବାନୀତ୍ୱ କରିଅଛି ।

" ଗାନ୍ଧି ଭାଗିରଥି ନିଜ ପୂଣ୍ୟ ବଳେ ଅସହଯୋଗ ଆନ୍ଦୋଳନର ପରିପ୍ରେକ୍ଷୀରେ ମହାତ୍ମାଗାନ୍ଧିଙ୍କ ନେତୃତ୍ୱକୁ ସ୍ୱୀକାର କରି ଭାରତବାସୀ ଏହି ଐତିହାସିକ ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ । ପ୍ରଥମ ଗଣ ଆନ୍ଦୋଳନରେ ଅଭୂତପୂର୍ବ ସଫଳତା ସାମ୍ରାଜ୍ୟବାଦୀ ଇଂରେଜ ଶକ୍ତି ପ୍ରତି ଥିଲା ଏକ ଶକ୍ତ ଧକ୍କା । ବିଚଳିତ ହୋଇ ଇଂରେଜ ପ୍ରଶାସକ ମହାତ୍ମାଗାନ୍ଧିଙ୍କୁ କାରାଗାରରେ ଆବଦ୍ଧ କଲେ । ମୁକ୍ତ ଭାରତ ଓ ନୂତନ ଯୁଗର ସ୍ୱପ୍ନ ଦେଖିଥିବା ଗାନ୍ଧିଜୀଙ୍କର ଅଦମ୍ୟ ସଂଗ୍ରାମ ଓ ସଂଘର୍ଷର କାହାଣୀ ଗୋପବନ୍ଧୁ ତାଙ୍କ କବିତାରେ ଉଲ୍ଲେଖ କରିଛନ୍ତି -

" ଏହି ନବ ଯୁଗ ଆଣିବା ସକାଶେ<br>
ଗାନ୍ଧି ରହିଛନ୍ତି ସିନା କାରାବାସେ ।"

ଅସହଯୋଗ ଆନ୍ଦୋଳନ ସମୟରେ ସତ୍ୟାଗ୍ରହୀ ଓ ସଂଗ୍ରାମୀମାନେ ଗାନ୍ଧିଜୀଙ୍କର ଚିନ୍ତାଧାରାର ମାର୍ଗ ଅନୁସରଣ କରୁଥିଲେ । ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସା ନୀତି ଉପରେ ପର୍ଯ୍ୟବେସିତ ଥଲା ଅସହଯୋଗ ଆନ୍ଦୋଳନ । ଗାନ୍ଧି ଉକ୍ତ ଦେଶପ୍ରେମୀ ସ୍ୱତନ୍ତ୍ର ସେନାନୀମାନେ ଶାନ୍ତିପୂର୍ଣ୍ଣ ଉପାୟରେ ଅବିବେକି ଇଂରେଜ ସରକାର ବିରୁଦ୍ଧରେ ହରତାଳ, ଧର୍ମଘଟ ଓ ଧାରଣା ଦେଇଥିଲେ । ସଂଗ୍ରାମୀମାନେ ସତ୍ୟ ପ୍ରତି ଆଗ୍ରହ ପ୍ରକାଶ କରି ଗାନ୍ଧିବାଦରେ ବିଶ୍ୱାସ ରଖିଥିଲେ । ଗାନ୍ଧିଜୀଙ୍କ ପଥ ଅନୁସରଣ କରି ଭାରତୀୟ ଜନତା ସତ୍ୟ, ନ୍ୟାୟ, ତ୍ୟାଗ, ଆତ୍ମୋତ୍ସର୍ଗ ଓ ବଳିଦାନର ମହାମନ୍ତ୍ରକୁ ଆପଣାର କରିଥିଲେ । ଗାନ୍ଧିବାଦର ଶାଶ୍ୱତ ଚିନ୍ତନକୁ ଗୋପବନ୍ଧୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇଥିଲେ ନିଜ କବିତା ମାଧ୍ୟମରେ । ଗାନ୍ଧିଜୀଙ୍କ ଭାବନାକୁ ଗୋପବନ୍ଧୁ ନିଜ ଭାଷାରେ ବର୍ଣ୍ଣନା କରିଛନ୍ତି -

" ଅସହଯୋଗର ଶୁଦ୍ଧ, ପୂଣ୍ୟ, ମହାଦୀକ୍ଷା<br>
ମହାତ୍ମାଗାନ୍ଧିଙ୍କ ମନ୍ତ୍ର ଦେଇଅଛି ଶିକ୍ଷା ।"

ଗୋପବନ୍ଧୁ ତାଙ୍କ କବିତାର ଅନେକ ସ୍ଥାନରେ ଗାନ୍ଧି ଓ ମହାତ୍ମା ଶବ୍ଦ ଉଲ୍ଲେଖ କରି ଜାତୀୟ ଭାବନା ସୃଷ୍ଟି ପାଇଁ ଉଦ୍ୟମ କରିଛନ୍ତି । ଗାନ୍ଧିଜୀଙ୍କର ଉପଦେଶକୁ ଉତ୍କଳବାସୀ

ମାନିନେବାକୁ ଗୋପବନ୍ଧୁଙ୍କର ଥିଲା ପରାମର୍ଶ । ଅନ୍ୟାୟ, ଅନୀତି, ଦୁଃର୍ନୀତି, ଅତ୍ୟାଚାର, ଶୋଷଣ, ସାମାଜିକ ବୈଷମ୍ୟ ଓ ଧାର୍ମିକ ବିଶୃଙ୍ଖଳ ପ୍ରଭୃତି ଉତ୍କଳବାସୀଙ୍କ ଜୀବନକୁ ଦୁଃର୍ବିସହ କରିଥିଲା । ଏ ସମସ୍ତ ଅବିବେକି, ଅମାନବୀୟ ଓ କଳୁଷିତ ବ୍ୟବସ୍ଥାରୁ ମୁକ୍ତି ନିମନ୍ତେ ଗାନ୍ଧିଙ୍କ ଉପଦେଶର ଏକାନ୍ତ ଆବଶ୍ୟକତା ରହିଛି । ବିଦେଶୀବସ୍ତୁ ବର୍ଜନ ଥିଲା ଅସହଯୋଗ ଆନ୍ଦୋଳନର ମୂଳମନ୍ତ୍ର । ବିଦେଶୀ ବସ୍ତ୍ର ପରିତ୍ୟାଗ କରି ସ୍ୱଦେଶୀ ଖଦି ବସ୍ତ୍ରର ବ୍ୟବହାର ନିମନ୍ତେ ଗାନ୍ଧିଜୀ ଆହ୍ୱାନ ଜଣାଇଥିଲେ । ବିଦେଶୀବସ୍ତ୍ର ପରିହାର କରି ଆମ ଧର୍ମ ସଂସ୍କୃତିର ସୁରକ୍ଷା ନିମନ୍ତେ ଗାନ୍ଧିଜୀ ଉପଦେଶ ଦେଇଥିଲେ । ଗୋପବନ୍ଧୁ ଏ ସଂପର୍କରେ ସ୍ୱଷ୍ଟ ଓ ନିର୍ଭରଯୋଗ୍ୟ ପ୍ରମାଣ ତାଙ୍କ କବିତାରେ ଦେଇଛନ୍ତି -

"ଏତେ କାଳ ଘଟିଅଛି ଆମ୍ଭ ଧର୍ମହାନୀ
ଏଣିକି ଚଳ ହେ ଗାନ୍ଧି ଉପଦେଶ ମାନି ।"

ଗୋପବନ୍ଧୁ ସ୍ୱରଚିତ କବିତାରେ ଗାନ୍ଧିଜୀଙ୍କର ସଂଗ୍ରାମୀ ଜୀବନର ବାସ୍ତବ ଚିତ୍ର ଉତ୍କଳଜନତାଙ୍କ ସମ୍ମୁଖରେ ରଖିଥିଲେ । ନିଜ ଜୀବନକୁ ବିପନ୍ନ କରି ମହାତ୍ମା ଦେଶ ମାତୃକାର ସେବାରେ ସଂପୂର୍ଣ୍ଣ ସମର୍ପିତ କରିଥିଲେ । ଗୋପବନ୍ଧୁଙ୍କର କବିତା ଗାନ୍ଧିଜୀଙ୍କର ଦୁଃଖ ଓ କଷର କେବଳ ମାଟି ମା' ପାଇଁ ଥିଲା ଏହା ବର୍ଣ୍ଣନା କରିଅଛି । କ୍ଷୀଣ ଅଙ୍ଗରେ ଗାନ୍ଧିଜୀ ଯେଉଁ କଷ୍ଟ ଜାତିପାଇଁ ସ୍ୱଇଚ୍ଛାରେ ଗ୍ରହଣ କରିଛନ୍ତି ତାହା କଳ୍ପନାତୀତ । ଧନ, ଜନ, ଅଶନ ଓ ବସନ ପ୍ରଭୃତି ଗାନ୍ଧି ତ୍ୟାଗ କରି ସଂଗ୍ରାମରେ ଯୋଗ ଦେଇଥିଲେ । ଭାରତୀୟ ଜାତୀୟ ଆନ୍ଦୋଳନରେ ଗାନ୍ଧିଜୀଙ୍କର ଅତୁଳନୀୟ ତ୍ୟାଗ ଓ ଆତ୍ମୋତ୍ସର୍ଗକୁ ଏ ଜାତି କେବେ ଭୁଲିପାରିବ ନାହିଁ । ଏ ସମ୍ୱନ୍ଧରେ ଗୋପବନ୍ଧୁ ଅତି ମାର୍ମିକ ଶୈଳୀରେ ନିଜ କବିତାରେ ଉଲ୍ଲେଖ କରିଛନ୍ତି -

"ଥରେ ଭଲା ଭାଇ ମନରେ ବିଚାର
କିପାଇଁ ମହାତ୍ମା ଏତେ ନାରଖାର
କ୍ଷୀଣ ଅଙ୍ଗେ କେତେ ସହନ୍ତି କଷଣ
ତେଜି ଧନ, ଜନ, ଅଶନ, ବସନ ।"

ମହାତ୍ମାଗାନ୍ଧିଙ୍କ ବଳିଦାନ କେବେ ନିଷ୍ଫଳ ହେବନାହିଁ ଏଥିରେ ଦୃଢ଼ବିଶ୍ୱାସ ରଖିଥିଲେ ପୂଣ୍ୟାତ୍ମା ଗୋପବନ୍ଧୁ । ମହାତ୍ମା ଗାନ୍ଧିଙ୍କର ସାଧନ ଓ କଷର କେବେ ଅକାରଣ ଯିବନାହିଁ । ଗାନ୍ଧିଜୀଙ୍କର ତପସ୍ୟାର ଫଳ ନିଶ୍ଚିତ ଏକ ନୂତନ ଦିଗ୍‌ଦର୍ଶନ ଏ ଜାତିକୁ ଦେବ ଏଥିରେ ବିଶ୍ୱାସ ରଖିଥିଲେ ଗୋପବନ୍ଧୁ । ତେଣୁ ତାଙ୍କ ଭାଷାରେ ବର୍ଣ୍ଣନା କରିଛନ୍ତି -

"ମହାତ୍ମା ସାଧନ ମହାତ୍ମା କଷଣ
ନଯାଏ ଜଗତେ କେବେ ଅକାରଣ ।"

ଗାନ୍ଧିଜୀ ୧୯୨୧ ମସିହା ମାର୍ଚ୍ଚମାସ ୨୩ ତାରିଖ ବୁଧବାର ଦୋଳପୂର୍ଣ୍ଣିମା ଅବସରରେ ଉତ୍କଳର ପୂଣ୍ୟଭୂମି କଟକର ପବିତ୍ର ମାଟିରେ ପଦାର୍ପଣ କଲେ । ମାର୍ଚ୍ଚ ୨୫ ତାରିଖରେ ଗାନ୍ଧିଜୀ ଭଦ୍ରକ ଗ୍ରସ୍ତ କଲେ । ଗାନ୍ଧୁଜୀଙ୍କର ଭଦ୍ରକ ଗ୍ରସ୍ତର ବାସ୍ତବଚିତ୍ର ଗୋପବନ୍ଧୁଙ୍କ ସାହିତ୍ୟ କୃତିରେ ଦେଖିବାକୁ ମିଳେ । ଗାନ୍ଧି ହିନ୍ଦୁ-ମୁସଲମାନ ଏକତା ଓ ସାଂପ୍ରଦାୟୀକ ସଦ୍‌ଭାବର କଥା ତାଙ୍କ ବିଚାରଧାରାରେ ପ୍ରମୁଖ ସ୍ଥାନ ଦେଇଥାନ୍ତି । ଗୋପବନ୍ଧୁ ଗାନ୍ଧିଜୀଙ୍କ ଚିନ୍ତାଧାରାକୁ ତାଙ୍କ କବିତାରେ ସଫଳ ରୂପାୟନ କରିଛନ୍ତି । ଭଦ୍ରକରେ ଗାନ୍ଧିଜୀଙ୍କ ଉପସ୍ଥିତ ସ୍ଥାନୀୟ ଅଧିବାସୀ ଓ ଗୋପବନ୍ଧୁଙ୍କୁ ଅଧିକ ଉତ୍ସାହିତ କରିଥିଲା । ଭଦ୍ରକରେ ଗାନ୍ଧିଜୀ ସଂହତି, ସହନଶୀଳତା, ସଦ୍‌ଭାବ ଓ ଧାର୍ମିକ ଉଦାରତାର ଅମୃତମୟ କୀର୍ତ୍ତି, ଉଦ୍‌ଘୋଷଣା କରିଥିଲେ । ଗୋପବନ୍ଧୁ ଗାନ୍ଧିଜୀଙ୍କର ଭଦ୍ରକ ଗ୍ରସ୍ତର ସୁଦୂର ପ୍ରସାରୀ ଚିନ୍ତାଧାରା ଓ ସାଧାରଣଜନତାଙ୍କ ନିକଟରେ ଏହାର ଗ୍ରହଣୀୟତାକୁ ନିଜ କବିତାରେ ସ୍ଥାନ ଦେଇଛନ୍ତି -

"ଏବେ ପୁଣି ହେଲେ ଗାନ୍ଧି ମହାମତି
ଭଦ୍ରକ ଅତିଥି ଅହିଂସା ମୂରତି
ଭଦରକ ବାସୀ ହିନ୍ଦୁ-ମୁସଲମାନ
ଏ ଆତିଥ୍ୟ ନୁହେଁ ସାମାନ୍ୟ ସମ୍ମାନ
ଉତ୍ତରକାଳକୁ ପୁଅନାତି ପାଇଁ
ଏ ସୌଭାଗ୍ୟ ସ୍ମୃତି ରଖିବତ ଭାଇ ।"

ଅସହଯୋଗ ଆନ୍ଦୋଳନର ଅବସରରେ ଅନେକ କାର୍ଯ୍ୟକ୍ରମ ପାଳନ ନିମନ୍ତେ ଗାନ୍ଧିଜୀ ସତ୍ୟାଗ୍ରହୀମାନଙ୍କୁ ପରାମର୍ଶ ଦେଇଥିଲେ । ଅନେକ କାର୍ଯ୍ୟକ୍ରମ ମାନଙ୍କ ମଧ୍ୟରେ ସ୍ୱଦେଶୀ ବସ୍ତ୍ର ବ୍ୟବହାର ଓ ବିଦେଶୀ ବସ୍ତ୍ର ବର୍ଜନ ନିମନ୍ତେ ଦେଶବାସୀକୁ ଗାନ୍ଧିଜୀ ଜଣାଇଥିଲେ । ଏହା ମାଧ୍ୟମରେ ଇଂରେଜ ଅର୍ଥନୀତି ଦୁର୍ବଳ ହେଲେ ସେମାନେ ଭାରତୀୟମାନଙ୍କର ନ୍ୟାର୍ଯ୍ୟ ଅଧିକାର ଫେରାଇ ଦେବାକୁ ବାଧ୍ୟ ହେବେ । ଏଥିରେ ଗାନ୍ଧିଜୀଙ୍କର ଅତୁଟ ବିଶ୍ୱାସ ରହିଥିଲା । ହାତରେ ସୂତା କାଟି ସ୍ୱଦେଶୀ ବସ୍ତ୍ର ପ୍ରସ୍ତୁତ କରି ଆନ୍ଦୋଳନକୁ ତେଜିୟାନ କରିବା ନିମନ୍ତେ ଗାନ୍ଧିଜୀଙ୍କର ବାର୍ତ୍ତାକୁ ଗୋପବନ୍ଧୁ ନିଜ କବିତାରେ ସ୍ଥାନ ଦେଇଛନ୍ତି -

"ମହାତ୍ମା ଆମେଧ ବସ୍ତ୍ରଛାଡ଼ ଆଗେୟ
ହାତ ସୂତା ଲୋଡ଼ା ଏ ସ୍ୱରାଜ୍ୟ ଜାଗେ ।"

ଗାନ୍ଧିଜୀଙ୍କ ପ୍ରତି ଗୋପବନ୍ଧୁଙ୍କର ଭଲପାଇବା କେତେ ପରିମାଣରେ ଶାଶ୍ୱତ ଓ ଐଶ୍ୱରୀୟ ଭାବନାର ପରିପୃଷ୍ଟ ଥିଲା ଏହା ତାଙ୍କ କବିତାରୁ ପ୍ରମାଣ ମିଳେ । ଗୋପବନ୍ଧୁ ତାଙ୍କ ରଚନାବଳୀର ବହୁ ସ୍ଥାନରେ ଗାନ୍ଧି ଓ ମହାତ୍ମା ବାଦ ବହୁଥର ଉଲ୍ଲେଖ କରିଛନ୍ତି । ତତ୍‌କାଳୀନ ସମୟରେ ଉତ୍କଳର ଦୁଃଖ ଓ ଦୈନ୍ୟ ସ୍ୱଚକ୍ଷୁରେ ଦେଖି ଗାନ୍ଧିଜୀ ମର୍ମାହତ ହୋଇ ପଡୁଥିଲେ । ଉତ୍କଳର ଦରିଦ୍ରତା ଅତ୍ୟନ୍ତ ହୃଦୟବିଦାରକ ଥିଲା । ଗାନ୍ଧିଜୀ ଉକ୍ତ ଦାରିଦ୍ରତା ଅତି ନିକଟରୁ ଦେଖିଥିଲେ । କୁସଂସ୍କାର, ଅନ୍ଧବିଶ୍ୱାସ, ନିଶାସେବନ, ଆଳସ୍ୟ ଓ ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଦାରିଦ୍ର୍ୟର ମୁଖ୍ୟ କାରଣ ଅନୁଭବ କରିଥିଲେ ଗାନ୍ଧିଜୀ । ଓଡ଼ିଶାର ଏହି ଦୁର୍ଦ୍ଦଶା ଅତି ହୃଦୟବିଦାରକ ଏକାନ୍ତରେ କହିଥିଲେ ଗାନ୍ଧିଜୀ ପଣ୍ଡିତ ଗୋପବନ୍ଧୁଙ୍କୁ । ଉତ୍କଳର ଏଭଳି ଆର୍ଥିକ ଦାରୁଣ ଅବସ୍ଥା ଦେଖି ଅନଶନରେ ଜୀବନ ହାରିବାକୁ ଇଚ୍ଛା ପ୍ରକାଶ କରିଥିଲେ ଗାନ୍ଧିଜୀ । ମହାତ୍ମାଙ୍କର ଏହି ଭାବନାକୁ ଗୋପବନ୍ଧୁ ତାଙ୍କ କବିତାରେ ସ୍ଥାନ ଦେଇଛନ୍ତି -

"ଦେଖିଣ ମହାତ୍ମା କାତର ଅନ୍ତରେ
କହିଥିଲେ ମୋତେ ଦୁଃଖ ଏକାନ୍ତରେ
ଦେଖି ଏ ଦାରୁଣ ଦୁଃଖ ହୁଏ ମନ
ଅନଶନେ ଆଜି ତେଜନ୍ତି ଜୀବନ ।"

ଗାନ୍ଧିଜୀଙ୍କର ଉତ୍କଳ ଆଗମନରେ ସ୍ମୃତିଚାରଣ କରିବା ନିମନ୍ତେ ଗାନ୍ଧିଦିବସ ପାଳନ ପାଇଁ ୧୧.୦୩.୧୯୨୨ ମସିହାରେ ସମାଜରେ ଗୋପବନ୍ଧୁ ଏକ ବାର୍ତ୍ତା ଦେଇଥିଲେ । ବିଚିତ୍ର କୃଷ୍ଣ ଦଶମୀ ଗୁରୁବାର ପାଳନ ପାଇଁ ଗୋପବନ୍ଧୁ ସ୍ଥିର କରିଥିଲେ । ଏହାର ଏକ ବର୍ଷ ପୂର୍ବରୁ ଅର୍ଥାତ୍ ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ ଗାନ୍ଧିଜୀ ପ୍ରଥମଥର ଓଡ଼ିଶାରେ ପଦାର୍ପଣ କରିଥିଲେ । ଉତ୍କଳର ପ୍ରତି ଘରେ ସମସ୍ତ ସଦସ୍ୟ ଏକତ୍ର ବା ଅଲଗା ଅଲଗା ବସି ସ୍ୱରାଜ୍ୟ ପ୍ରାପ୍ତି ନିମନ୍ତେ ନିଜନିଜର ଇଷ୍ଟଦେବତାଙ୍କ ନିକଟରେ ପୂଜା ଓ ପ୍ରାର୍ଥନା କରିବେ । ପ୍ରତ୍ୟେକ ବ୍ୟକ୍ତି ଜାତି, ଧର୍ମ, ନିର୍ବିଶେଷରେ ଗୋଟିଏ ତମ୍ବା ପଇସା ସ୍ୱରାଜ୍ୟ ନିମନ୍ତେ ଠାକୁରଙ୍କ ଖଟୁଲିରେ ପୂଜା ପାଉଥିବା ପୋଥିରେ ରଖିବେ । ଯେଉଁ ଗ୍ରାମରୁ ଏହି ଗାନ୍ଧିଦିବସରେ ଯାହା ଆଦାୟ ହେବ ତାହା ଯଥା ସମୟରେ ଖବର କାଗଜରେ ପ୍ରକାଶିତ ହେବ ବୋଲି ଗୋପବନ୍ଧୁ ଉଲ୍ଲେଖ କରିଥିଲେ । ଗାନ୍ଧି ଓ ସ୍ୱରାଜ୍ୟ ଭାବନାକୁ ଗୋପବନ୍ଧୁ ନିଜ କବିତାରେ ବର୍ଣ୍ଣନା କରି ଓଡ଼ିଆ ଜାତିର ପ୍ରାଣରେ ନୂତନ ଆବେଗ ଜାତିପ୍ରୀତି ଓ ଦେଶଭକ୍ତି ସୃଷ୍ଟି କରିଥିଲେ । ଗାନ୍ଧିଦିବସ ଉପଲକ୍ଷେ ଗୋପବନ୍ଧୁଙ୍କ ରଚିତ କବିତା ଥିଲା ଅତ୍ୟନ୍ତ ଭାବଗ୍ରାହୀ ଓ ପ୍ରେରଣାଦାୟୀ । ଏହି କବିତାର ଭାବାର୍ଥ ଅତି ସୁନ୍ଦର ଭାବରେ ଜନସାଧାରଣଙ୍କ ନିକଟରେ ଉପସ୍ଥାପନ କରିଥିଲେ । ଉକ୍ତ କବିତା ପଂକ୍ତିରେ ଉଲ୍ଲେଖ ଥିଲା -

"କୃଷ୍ଣ ଦଶମୀ ଗୁରୁବାରେ
ଗାନ୍ଧି ଦିବସ ଉତ୍କଳରେ
ମାରଚ ତେଇଶି ତାରିଖ
ଉତ୍କଳବାସୀ ମନେରଖ
ହୋଇଣ ସର୍ବେ ଶୁଚିବନ୍ତ
ମାନି ଯେ ଯାହା ଧର୍ମ ରୀତି
ପ୍ରଭୁଙ୍କଠାରେ କର ସ୍ତୁତି
ଯାହାକୁ ଯେ ଅବା ମିଳିବ
ସ୍ୱରାଜ୍ୟ ହିତେ ଉତ୍ସର୍ଗିକ ।
ପୁରୁଷ ସ୍ତିରୀ ପୁଅ ଝିଅ
ସ୍ୱହସ୍ତେ ତମ୍ବା ଦାନ ଦିଅ
ମଙ୍ଗଳମୟ ବାଞ୍ଛାନିଧି
କରିବେ ତୁମ୍ଭ ବାଞ୍ଛା ସିଦ୍ଧି ॥"

ଗାନ୍ଧି ଆଦର୍ଶରେ ପରିପୂର୍ଣ୍ଣ ଗୋପବନ୍ଧୁଙ୍କର ଜାତୀୟବାଦୀ କବିତା ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ଓଡ଼ିଆମାନଙ୍କ ମନରେ ଜାତୀୟ ଭାବନା ସୃଷ୍ଟି କରିବାରେ ସମର୍ଥ ଥିଲା । ଗୋପବନ୍ଧୁଙ୍କ କବିତାରେ ଗାନ୍ଧି ଦର୍ଶନର ବାସ୍ତବଚିତ୍ର ପ୍ରତିଫଳିତ ହୋଇଥିଲା । ଓଡ଼ିଆମାନଙ୍କ ହୃଦୟରେ ଗାନ୍ଧିବାଦର ଆଦର୍ଶରେ ଅନୁପ୍ରାଣୀତ ହେବା ପାଇଁ ଗୋପବନ୍ଧୁଙ୍କର କାଳଜୟୀ କବିତା ଥିଲା ପ୍ରେରଣାର ଉତ୍ସ ।

ସନାତନ ହରିଚନ୍ଦନ ମହାବିଦ୍ୟାଳୟ
ମଦନପୁର, ଖୋର୍ଦ୍ଧା,

# ଗାନ୍ଧୀଜୀଙ୍କ ମତରେ ଖଦୀର ଜନ୍ମ

- ଅଶ୍ୱିନୀ କୁମାର ସେଠୀ

ସନ ୧୯୦୮ ମସିହା ପର୍ଯ୍ୟନ୍ତ କେଉଁଠି ମୁଁ ଅରଟ ବା ତନ୍ତ ଦେଖିଥିଲି ବୋଲି ମନେପଡୁନାହିଁ । ତଥାପି, ଅରଟ ଦ୍ୱାରା ଭାରତର ଦାରିଦ୍ର୍ୟ ମେଣ୍ଟିବ ବୋଲି "ହିନ୍ଦ୍ ସ୍ୱରାଜ୍ୟ" ବହିରେ ମୁଁ ମତ ଦେଇଥିଲି । ଯେଉଁ ଉପାୟରେ ଲୋକଙ୍କର ଖାଲି ପେଟ ପୂରିବ, ସେହି ଉପାୟରେ ସ୍ୱରାଜ୍ୟ ଆସିବ, ଏହା ସମସ୍ତଙ୍କର ବୁଝିପାରିବା ଭଳି କଥା । ସନ ୧୯୧୫ ରେ ମୁଁ ଦକ୍ଷିଣ ଆଫ୍ରିକାରୁ ଭାରତକୁ ଫେରିଲି । ସେ ଯାଏ ମୁଁ ଅରଟ ଦେଖି ନଥିଲି । ଆଶ୍ରମ ଖୋଲିବା ମାତ୍ରେ ଆମେ ତନ୍ତ ପକେଇଥିଲୁ । ତନ୍ତ ଆରମ୍ଭ କରିବାରେ ବହୁତ ଅଡୁଆରେ ପଡ଼ିଲି । ଆମେ ସମସ୍ତେ ଅନଭିଜ୍ଞ ଥିଲୁ । ତନ୍ତ ମିଳିଲେ, ତନ୍ତ ଆପଣାଛାଏଁ ଚାଲି ନଥିଲେ । ଏଥିପାଇଁ ତନ୍ତ ପକେଇବା ପରେ ଲୁଗାବୁଣା ଶିଖାଇବା ଲୋକ ଲୋଡ଼ା ହୋଇଥିଲା । କାଠୟାୱାଡ଼ ଓ ପାଲନପୁରରୁ ତନ୍ତ ମିଳିଲା ଏବଂ ଜଣେ ଶିଖାଇବା ଲୋକ ଆସିଲେ । ମାତ୍ର ସେ ତାଙ୍କର ସବୁ ବିଦ୍ୟା ଆମକୁ ଶିଖେଇଲେ ନାହିଁ । କିନ୍ତୁ ମଗନ ଲାଲ ଗାନ୍ଧୀ ସହଜରେ ହଟିବା ଲୋକ ନଥିଲେ । ତାଙ୍କ ହାତରେ କାରିଗରୀ କଳା ଥିବାରୁ ବୁଣିବାର କଳାକୁ ସେ ପୁରା ବୁଝିଗଲେ ଏବଂ ଆଶ୍ରମରେ ଜଣକ ପରେ ଜଣେ ବୁଣିବା ଲୋକ ପ୍ରସ୍ତୁତ ହୋଇଗଲେ ।

ଆମେ ଏବେ ନିଜ ହାତରେ ବୁଣାଯାଇଥିବା ଲୁଗା ପିନ୍ଧୁଥିଲୁ । ସେଥିପାଇଁ ମିଲରେ ବୁଣା ଲୁଗାକୁ ଛାଡ଼ିଥିଲୁ ଏବଂ ସମସ୍ତ ଆଶ୍ରମବାସୀ ଦେଶୀ କଳର ସୁତାରେ ହାତତନ୍ତରେ ବୁଣା ଲୁଗା ପିନ୍ଧିବାକୁ ପ୍ରତିଜ୍ଞା କରିଥିଲୁ । ଏହା ଫଳରେ ଆମର ବହୁତ ଅନୁଭୂତି ହୋଇଥିଲା । ଭାରତର ତନ୍ତୀଙ୍କ ଜୀବନ, ତାଙ୍କର ଉତ୍ପନ୍ନ ଦ୍ରବ୍ୟ, ସୂତା ପାଇବାରେ ତାଙ୍କର ଅସୁବିଧା, ସେମାନେ କେମିତି ଠକାମୀରେ ପଡ଼ନ୍ତି, ସେମାନଙ୍କ ଦିନକୁ ଦିନ କେମିତି ବେଶି ଋଣ ଗ୍ରସ୍ତ ବା କରଜଦାର ହେଉଛନ୍ତି, ଇତ୍ୟାଦି ସବୁ ବିଷୟ ଜାଣିପାରିଲୁ । ଆମେ ନିଜର ଆବଶ୍ୟକ ଲୁଗାତକ ସଂଗେ ସଂଗେ ବୁଣିପାରିବୁ, ଏପରି ସ୍ଥିତି ନଥିଲା । ତେଣୁ ବାହାର ତନ୍ତୀଙ୍କଠାରୁ ଆବଶ୍ୟକ ଲୁଗା ବୁଣେଇ ନେଉଥିଲୁ । ଦେଶୀ ମିଲର ସୂତାରେ ହାତବୁଣା ଲୁଗା ଝଟ୍ ମିଳୁ ନଥିଲା । ତନ୍ତୀ ଯେତେକ ଭଲ ଲୁଗା ବୁଣୁଥିଲେ, ସବୁ ବିଲାତୀ ସୂତାରେ ବୁଣୁଥିଲେ । କାରଣ ଆମର ମିଲ୍ ଗୁଡ଼ିକ ସରୁ ସୂତା କାଟୁ ନଥିଲେ । ଆଜି ମଧ ଭାତର ମିଲ୍ ଗୁଡ଼ିକ ସାଧାରଣ ସରୁ ସୂତା ଅଳ୍ପ କାଟନ୍ତି, ଅତି ସରୁ ସୂତା ତ ଆଦୌ କାଟି ପାରନ୍ତି ନାହିଁ । ବହୁ ଚେଷ୍ଟାରେ କେତେକ ତନ୍ତୀ ମିଳିଲେ । ସେମାନେ ଦେଶୀ ସୂତାରେ ଲୁଗା ବୁଣି ଦେବାକୁ ଦୟା କଲେ । କିନ୍ତୁ ସେମାନଙ୍କର ସବୁ ଲୁଗା ଆଶ୍ରମ ତରଫରୁ କିଣି ନେବୁ ବୋଲି ଜବାବ ବା ଗ୍ୟାରେଣ୍ଟି ଦେବାକୁ ପଡ଼ିଥିଲା । ଫଳରେ ଦେଶୀ କଳସୂତାର ଲୁଗା ବୁଣେଇଲୁ ଓ ପିନ୍ଧିଲୁ ଏବଂ ବନ୍ଧୁମାନଙ୍କ ମଧରେ ତାହା ପ୍ରଚାର କଲୁ । ଆମେ ସୂତାକଟା ଦେଶୀ ମିଲ ଗୁଡ଼ିକର ଅବୈତନିକ ଏଜେଣ୍ଟ ହେଲୁ । ଏହା ଫଳରେ ମିଲ ଗୁଡ଼ିକ ସଂଗେ ଆମର ସମ୍ପର୍କ ଜନ୍ମିଲା ଏବଂ ଆମେ ସେଗୁଡ଼ିକର ପରିଚାଳନା ତଥା ସେଗୁଡ଼ିକର ଅସହାୟ ଅବସ୍ଥା ଅନେକ ପରିମାଣରେ ଜାଣିପାରିଲୁ । ଆମେ ଦେଖିଲୁ ଯେ ନିଜେ ସୂତା କାଟିବା ଓ ନିଜେ ତାକୁ ବୁଣିବା ମିଲ ଗୁଡ଼ିକର ଲକ୍ଷ୍ୟ ଥିଲା । ସେଗୁଡ଼ିକ ସ୍ୱେଚ୍ଛାରେ ହାତତନ୍ତକୁ ସାହାଯ୍ୟ କରୁ ନଥିଲେ ମାତ୍ର, ଅନିଚ୍ଛାରେ କରୁଥିଲେ ।

ଏସବୁ ଦେଖି ଆମେ ନିଜ ହାତରେ ସୂତା କାଟିବାକୁ ଅଧିର ହୋଇପଡ଼ିଲୁ । ହାତରେ ସୂତା ନ କାଟିବାଯାଏ ଆମେ ପରାଧୀନ ଥିବୁ ବୋଲି ସ୍ପଷ୍ଟ ଦେଖିପାରିଲୁ । ମିଲର ଏଜେଣ୍ଟ ହୋଇ ଦେଶ ସେବା କରୁଛୁ ବୋଲି ଆମକୁ ଜଣା ପଡ଼ିନଥିଲା ।

ମାତ୍ର, ନା ଆମକୁ ଅରଟ ମିଳୁଥିଲା, ନା ଜଣେ କଟାଳୀ ମିଳୁଥିଲା । କଣ୍ଡ ବଳିବା ଅରଟ ତ ଆମ ପାଖରେ ଥିଲା । କିନ୍ତୁ ସେଥିରେ ସୂତା କାଟିପାରିବୁ ବୋଲି ଆମର ଧାରଣା ନଥିଲା । ଥରେ କାଳୀଦାଶ ଓକିଲ ଜଣେ ଭଉଣୀକୁ ଖୋଜି ଆଣିଥିଲେ । ସେ ଭଉଣୀ ସୂତାକାଟି ଦେଖେଇ ଦେବେ ବୋଲି କହିଲେ । ନୂଆ କାମ ଶିଖିବାରେ ଭାରୀ ଧୁରନ୍ଧର ଜଣେ ଆଶ୍ରମବାସୀଙ୍କୁ ସେହି ଭଉଣୀଙ୍କ ପାଖକୁ ପଠାଇଲୁ । ମାତ୍ର ସେ ଉକ୍ତ ବିଦ୍ୟା ହାସଲ କରିପାରିଲେ ନାହିଁ । ଏମିତି ଦିନ ବିତି ଯାଉଥାଏ ଏବଂ ମୋର ଅଧୈର୍ଯ୍ୟ ବଢୁଥାଏ । ଏ ସମ୍ବନ୍ଧରେ କିଛି ସମ୍ବାଦ ଦେଇ ପାରିବେ, ଏମିତି ଲୋକ କେହି ଆଶ୍ରମକୁ ଆସିଲେ, ମୁଁ ତାଙ୍କୁ ପଚାରୁଥିଲି । ମାତ୍ର ସୂତାକଟା ସ୍ତ୍ରୀଲୋକଙ୍କ ଭିତରେ ଏକଚାଟିଆ । ତେଣୁ ଅନ୍ଧିସନ୍ଧିରେ ସୂତାକଟା ଜାଣିଥିବା ସ୍ତ୍ରୀ-ଲୋକ କେବଳ ସେହି ସ୍ତ୍ରୀ ଲୋକଙ୍କୁ ମିଳନ୍ତେ ।

ସନ ୧୯୧୭ ରେ ଭାଡୋଚ ଶିକ୍ଷା ସମ୍ମିଳନୀକୁ ଗୁଜୁରାଟୀ ଭାଇମାନେ ମତେ ଟାଣି ନେଇଗଲେ । ସେଠାରେ ସେହି ମହା ସାହସୀ ବିଧବା ଭଉଣୀ ଗଙ୍ଗାବାଇଙ୍କୁ ପାଇଲି । ତାଙ୍କର ଶିକ୍ଷା ବେଶି ନଥିଲା । ମାତ୍ର ତାଙ୍କର ସାହସ ଓ ବୁଝିବା ଶକ୍ତି ଆମର ସାଧାରଣ ଶିକ୍ଷିତା ସ୍ତ୍ରୀ ଲୋକଙ୍କଠାରୁ ବେଶୀ ଥିଲା । ସେ ଅସ୍ପୃଶ୍ୟତା ପାପରୁ

ନିଜକୁ ମୁକ୍ତ କରି ସାରିଥିଲେ ଏବଂ ନିର୍ଭୟରେ ଅନ୍ତେବାସୀମାନଙ୍କ ସଂଗେ ମିଶି ସେମାନଙ୍କର ସେବା କରୁଥିଲେ । ତାଙ୍କର ନିଜର ସମ୍ପତ୍ତି ତୁଳନାରେ ନିଜର ଆବଶ୍ୟକତା ଅତି ଅଳ୍ପ ଥିଲା । ତାଙ୍କର ସ୍ୱାଭାବିକ ଶରୀର ଗଠନ ବେଶ ଦୃଢ଼ ଥିଲା ଏବଂ ଯଦୃଚ୍ଛା ଏକାକିନୀ ଯିବାକୁ ସେ ଆଦୌ ଡରୁ ନଥିଲେ । ସେ ଘୋଡ଼ା ଚଢ଼ିବାକୁ ମଧ୍ୟ ପ୍ରସ୍ତୁତ ଥିଲେ । ଗୋଧରା ପରିଷଦରେ ମୁଁ ତାଙ୍କର ବିଶେଷ ପରିଚୟ ପାଇଲି । ଅରଟେ ସମ୍ବନ୍ଧେ ମୋର ଦୁଃଖ କାହାଣୀ ତାଙ୍କୁ ଶୁଣାଇଲି ଏବଂ ଦମୟନ୍ତୀ ଯେମିତି ନଳଙ୍କ ପଛେ ପଛେ ବୁଲିଥିଲେ, ସେମିତି ଅରଟକୁ ଖୋଜି ବୁଲିବାକୁ ପ୍ରତିଜ୍ଞା କରି ସେ ମୋର ବୋଝ ହାଲୁକା କରିଦେଲେ ।

ଗୁଜୁରାତ ତମାମ ବୁଲିଆସିବା ପରେ ଗାୟକୱାଡ଼ଙ୍କର ବରୋଦା ରାଜ୍ୟର ବିଜାପୁରଠାରେ ଗଙ୍ଗାବେନ ଅରଟ ପାଇଲେ । ସେଠି ବହୁତ ପରିବାରରେ ଅରଟ ଥିଲା । ସେମାନେ ସେଗୁଡ଼ିକୁ ସଙ୍ଗାରେ ରଖି ଦେଇଥିଲେ । କେହି ଯଦି ସେମାନଙ୍କ ବଳଣା ଗୋଟଇେବାକୁ ଏବଂ ସୂତା କାଟି ଦେବାକୁ ଜବାବ ଦେଇଥାନ୍ତେ, ତେବେ ସେମାନେ ପୁଣି ସୂତା କାଟିବାକୁ ପ୍ରସ୍ତୁତ ଥିଲେ । ମୁଁ ଗଙ୍ଗାବେନକୁ ତୁଳାଭିଣା କ'ଣ ଖୋଜି ବାହାର କରିବାକୁ ଅନୁରୋଧ କଲି । ସେ କାମଟି ମୁଣ୍ଡକୁ ନେଲେ । ସେ ଜଣେ ତୁଳାଭିଣାଳୀ ଖୋଜି ବାହାରକଲେ । ତାଙ୍କୁ ମାସକୁ ୩୫ ଟଙ୍କା ବା ଅଧିକ ଦରମାରେ ନିଯୁକ୍ତ କରାଗଲା । ପିଲାଙ୍କୁ ବଳଣା କରିବା ଶିଖାଇଲି । ମୁଁ ତୁଳା ଭିକ ମାଗିଲି । ଭାଇ ଯଶୋବନ୍ତ ପ୍ରସାଦ ଦେଶାଇ ତୁଳାଗାଣ୍ଠି ଯୋଗାଇବାର ଭାର ନେଲେ । ଗଙ୍ଗାବେନଙ୍କ କାମ ହଠାତ ବଢ଼ିଗଲା । ସେ ହାତକଟା ସୂତାକୁ ବୁଣାଇବା ପାଇଁ ତନ୍ତ ବସାଇଲେ । ବିଜାପୁର ଖଦୀ ବିଖ୍ୟାତ ହୋଇଗଲା ।


ଚାଉଳିଆଗଞ୍ଜ, କଟକ ।


# POWER HOUSE

**DISTRIBUTOR**

**LUMINOUS, EXIDE, AMCO**

MADHUPATNA, SAMRAT HALL, CUTTACK
RAM MANDIR ROAD, PHULBANI
MAIN ROAD, NAYAGARH
MOB. : 94371 24943



# ପ୍ରଜାପତି

- ସୁଧାଂଶୁ ଶେଖର ଦ୍ୱିବେଦୀ

ସମୟ ଥିଲା ଜୀବନର ଆନନ୍ଦମୟ ମୁହୂର୍ତ୍ତ ବିଶେଷ ମହତ୍ତ୍ୱପୂର୍ଣ୍ଣ ଥିଲା ମୋ ପାଇଁ । ସେତେବେଳେ ମୋର ବୟସ ୬ କି ୭ ବର୍ଷ ହେବ । କିନ୍ତୁ ଅନାଥାଳୟରେ ବିତେଇଥିବା ସହସ୍ରାଧିକ ସପ୍ତାହ ଓ ମାସ ମୋତେ ବୃଦ୍ଧ ମଣିଷରେ ପରିଚିତ କରି ଦେଇଥିଲା ।

ଅନାଥାଳୟରେ ସକାଳେ ଖୁବ୍ ଶ୍ରୀଘ୍ର ଉଠିବାକୁ ହୁଏ । କୌଣସି ଶଶ୍ଣ ସୈନିକ ଭଳି ବିଛଣାକୁ ଠକ୍ ରୂପେ ସଜେଇ ରଖିବାପରେ ଲାଇନ୍‌ରେ ଠିଆହୋଇ ବ୍ରେକ୍‌ଫାଷ୍ଟ ନେବାକୁ ମାର୍ଚ୍ଚଫାଷ୍ଟ କରିବାକୁ ପଡ଼େ । ତାହା ପୁଣି ୨୦ କି ୨୫ ଜଣ ପିଲା । ଯେଉଁମାନେ ମୋହରି ବୋର୍ଡିଂ ହାଉସରେ ରହୁଥିଲେ ।

ସେଦିନ ଶନିବାର ଥାଏ । ମୁଁ ବ୍ରେକ୍‌ଫାଷ୍ଟ କରିବାପରେ ବୋର୍ଡିଂ ହାଉସକୁ ଫେରୁଥାଏ । ଅଧାରାସ୍ତା ହୋଇଛି ଦେଖିଲି ଆମ ହାଉସ ପେରେଣ୍ଟ ଅନାଥାଳୟରେ ଚାରିପଟେ ଘେରା ହୋଇଥିବା ଝଡ଼ିରେ ବସିଥିବା ପ୍ରଜିପତିକୁ ଧରୁଛି । ମୁଁ ଏକଲୟରେ ଦେଖୁଥାଏ । ସେ ଗୋଟେ ପରେ ଗୋଟେ ପ୍ରଜାପତି ଧରି ମୁଣ୍ଡ ଓ ଡେଣାକୁ ପିନ୍ ଦ୍ୱାରା ଫୋଡ଼ି କାର୍ଡ଼ବୋର୍ଡ଼ରେ ଟଙ୍ଗେଇ ଦେଉଥାଏ ।

ଏତେ ସୁନ୍ଦର ଜୀବଙ୍କୁ ଏଭଳି ହତ୍ୟା କରିବା ସତରେ କେଡ଼େବଡ଼ କ୍ରୁରତା ହୋଇନପାରେ । ମୁଁ ଅନେକଥର ସେଇ ଝାଡ଼ି ପାଖରେ ଚଲାବୁଲା କରୁଥିବାବେଳେ ରଙ୍ଗ-ବେରଙ୍ଗ ପ୍ରଜାପତିମାନଙ୍କର ହସର ଦୁନିଆକୁ ଉପଭୋଗ କରିଛି । ଯଦି କେବେ ପ୍ରଜାପତିମାନେ ଉଡ଼ିଆସି ମୋ ମୁଣ୍ଡ ଉପରେ କି ମୋ ହାତ ଉପରେ ବସିଯାଆନ୍ତେ, ତାହେଲେ ମୁଁ ସେମାନଙ୍କୁ ବହୁତ ନିକଟରୁ ଦେଖିପାରନ୍ତି ବୋଲି ଅନେକଥର ଭାବିଛି ।

ଟେଲିଫୋନ୍ ଘଣ୍ଟି ବାଜିବାମାତ୍ରେ ହାଉସ ପେରେଣ୍ଟ ପ୍ରଜାପତି ସଂଲଗ୍ନ କାର୍ଡ଼ବୋର୍ଡ଼କୁ ଗୋଟେ ଶିଡ଼ି ନିକଟରେ ପକେଇଦେଇ ଫୋନ୍‌ର ଜାବବ୍ ଦେବାକୁ ଭିତରକୁ ଚାଲିଗଲା । ତା'ପରେ ମୁଁ ଚୁପଚାପ ସେହି କାର୍ଡ଼ବୋର୍ଡ଼ ପାଖକୁ ଯାଇ ଦେଖିଲି ଗୋଟେ ପ୍ରଜାପତି ଛଟପଟ ହେଉଛି । ମୁଁ ବସିପଡ଼ି ତା ଡେଣା ଓ ମୁଣ୍ଡରୁ ପିନ୍ ବାହାର କରିଦେଲି । ବିଚରା ଗୋଲଗୋଲ ଘୁରି ଉଡ଼ିଯିବାକୁ ପ୍ରୟାସ କରୁଥାଏ । କିନ୍ତୁ ତା'ର ଅନ୍ୟ ଡେଣାଟି ପିନ୍‌ରେ ଫୋଡ଼ି ରହିଥିବାରୁ ଉଡ଼ି ଯିବାର ପରାକ୍ରମରେ ହଠାତ୍ ଡେଣାରୁ ଅଧେ ଛିଡ଼ିଗଲା । ତା'ପରେ ସେଇଟା ତଳେ ପଡ଼ି ଜୀବନ ବିକଳରେ ଛଟପଟ ହେଲା ।

ମୁଁ ଛିଡ଼ି ଯାଇଥିବା ଡେଣା ଓ ପ୍ରଜାପତିକୁ ଉଠେଇ ଆଣିଲି । ଧିରେ ଧିରେ ଡେଣାକୁ ତା ସହ ଯୋଡ଼ିବା ପାଇଁ ପୟାସ କଲି, କାଳେ ଯୋଡ଼ିଯିବ । ଡେଣାଟି ଯୋଡ଼ି ଗଲାପରେ ଡେଣା ବିଞ୍ଚି ଉଡ଼ିଯିବ । ହାଉସ ପେରେଣ୍ଟ ଆସିବାକୁ ପୂର୍ବରୁ ମୁକ୍ତି ପାଇଯିବ । ପରନ୍ତୁ ତାହା ଅକ୍ଳାନ୍ତ ପରିଶ୍ରମପରେ ବି ଯୋଡ଼ି ହେଉନଥାଏ ।

ତା' ପରଦିନ ମୋର ବୟସ ୬ କି ୭ ବର୍ଷ ହେବ । କିନ୍ତୁ ଅନାଥାଳୟର ତାକୁ ଅନୁନୟ ହୋଇ କହିଲି – 'ମୁଁ କିଛି କରିନି' କିନ୍ତୁ ସେ ମୋ କଥାକୁ ଆଦୌ ମାନିଲାନି ବରଂ କାର୍ଡ଼ବୋର୍ଡ଼ ଉଠେଇ ମୋ ମୁଣ୍ଡରେ ପିଟିବାକୁ ଲାଗିଲା । ଯାହାଫଳରେ କାର୍ଡ଼ବୋର୍ଡ଼ରେ ଲାଖି ରହିଥିବା ପ୍ରଜାପତି ମୋ ମୁଣ୍ଡରେ ଠୁକର ଖାଇ ତଳେ ଛିଟିକି ପଡୁଥାନ୍ତି । କାର୍ଡ଼ବୋର୍ଡ଼କୁ ମୋ ମୁଣ୍ଡରେ ୩-୪ଥର ଠୁକର ଦେବାପରେ ତଳେ ଫିଙ୍ଗି ଦେଇ କହିଲା 'ଉଠା ଏସବୁ' । ସେଗୁଡ଼ିକ ନେଇ ଅଳିଆ ଡବାର ଫିଙ୍ଗ । ଏତକ କହି ଦୁମଦୁମ ଗତିରେ ଭିତରକୁ ଚାଲିଗଲା ।

ମୁଁ ସେମାନଙ୍କୁ ଗୋଟେଇନେଇ ଗୋଟେ ପୁରୁଣା

ଗଛମୂଳରେ ଧୂଳି ଧୂସରିତ ଭୂମି ଉପରେ ବସିପଡ଼ିଲି । ବହୁ ସମୟଯାଏ ପ୍ରୟାସ କରୁଥାଏ କାଳେ ଖଣ୍ଡ ବିଖଣ୍ଡିତ ପ୍ରଜାପତି ମାନଙ୍କୁ ଯୋଡ଼ି ପାରିବି । କିନ୍ତୁ ତାହା ମୋ ପାଇଁ ସଂପୂର୍ଣ୍ଣ ଅସମ୍ଭବ ଥିଲା ।

ଶେଷରେ ମୁଁ ସେଇଠି ବସିରହି ସେମାନଙ୍କ ପାଇଁ ପ୍ରାର୍ଥନା କଲି ତଥା ଗୋଟେ ଫଟା ଜୋତା ଖୋଳ ଭିତରେ ସେମାନଙ୍କୁ ରଖି ଏଭଳି ସ୍ଥାନରେ କବର ଦେଲି ଯେଉଁଠି ଅନେକ ଗୁଡ଼ିଏ ବ୍ଲାକବେରୀର ଗଛଥିଲା ।

ପ୍ରତିବର୍ଷ ଯେବେ ଅନାଥାଳୟକୁ ପ୍ରଜାପତିମାନେ ଆସନ୍ତି । ମୁଁ ଚେଷ୍ଟା କରେ ସେମାନେ ଯେମିତି ଉଡ଼ିଆସି ମୋ ମୁଣ୍ଡ ଉପରେ ବସିଯାଆନ୍ତୁ ଏବଂ ମୁଁ ସେମାନଙ୍କୁ ବହୁତ ଦୂରକୁ ଉଡ଼େଇ ଦିଏ । କାରଣ ସେମାନଙ୍କୁ ଜଣାନାହିଁ ବଞ୍ଚିବା ଓ ମରିବା ଖିଆଲଠାରୁ ଅନାଥାଳୟ କେତେ ଖରାପ ସ୍ଥାନ ।

ବିସି-୭୪, ସେକ୍ଟର - ୧
ସଲଟ୍ ଲେନ୍, କଲକତା-୬୪



# ମୁଁ ଏଠି କାହିଁକି

- କୁନଳତା ତ୍ରିପାଠୀ

"ଜୀବନ ଥିଲେ ତ ଯନ୍ତ୍ରଣା ଅଛି । ଯା ବୋଲି ଯନ୍ତ୍ରଣାକୁ ଡରି ଜୀବନକୁ ହାରି ଦେବାର ମାନେ ଜୀବନ ନୁହେଁ । ସୁଖ-ଦୁଃଖ ଭରା ଏ ଜୀବନ ହସିକାନ୍ଦି ଭିଜା ଏ ଜୀବନ ।"

ଶୁଣୁଥିଲେ ସମ୍ବିତ୍ । କେତେ ତାତ୍ପର୍ଯ୍ୟପୂର୍ଣ୍ଣ । କେତେ ଆବେଗଭରା ସତରେ । ପ୍ରତିଧ୍ୱନି ସୃଷ୍ଟି କରୁଥିଲା ଭିତରେ । ତାଙ୍କର ସେଇ କେତୋଟି ପଂକ୍ତି କଥା ମାତ୍ର । ଦାର୍ଶନିକ ଦୃଷ୍ଟି କୋଣରୁ ବେଶି ତାତ୍ପର୍ଯ୍ୟପୂର୍ଣ୍ଣ । କେତେ ତିକ୍ତ ମଧୁର ଅନୁଭୂତିର ପରିପ୍ରକାଶ ବୋଧହୁଏ । ଚିହ୍ନା ଚିହ୍ନା କଣ୍ଠସ୍ୱର । ଅଥଚ ସ୍ମୃତିର ଅଥଳ ସାଗରର ଶାମୁକା ପରି ସେ ହାତ ପାହାନ୍ତାରୁ ପୁଣି ବିଶାଳା ସାଗରରେ ବକ୍ଷରେ ଲୁଚି ଯାଉଥିଲା । ନାରୀଟିର ଚେହେରାଟି ସମ୍ପୂର୍ଣ୍ଣ ଅପରିଚିତ । ଆଗରୁ କେବେ କେଉଁଠି ଏଭଳି କିମ୍ଭୁତ କିମାକାର ଚେହେରା ଦେଖିଥିବାର ମନେ ପକାଇ ପାରୁ ନଥିଲେ ସେ । ଆଖି ଦୁଇଟି ଡେଣା । ମୁଖର ମାଂସ ପେଶୀ ସିଝା ବାଇଗଣ ପରି । ଯୁବତୀ ହୋଇ ବି ବୟସ୍କା । ଅଥଚ ଅକୁହା କିଛି ଗୋପନୀୟ କଥା ଯେମିତି ଛପି ରହିଛି ତା ଭିତରେ । ତାହା ନଶୁଣି ରହି ପାରୁନାହାଁନ୍ତି ସମ୍ବିତ୍ ।

ଆପଣାଛାଏଁ ପାଦ ଦୁଇଟା ବାଟ କଢ଼ାଇନେଲା । ବାଳାଶ୍ରମରେ ପ୍ରବେଶ କରିବାର ଅନୁମତି ମାଗିଲେ ସମ୍ବିତ୍ । ସାମ୍ବାଦିକ ଜୀବନରେ ଏମିତି ଘଟଣା ଗୁଡ଼ିକ ସାଧାରଣ ହେଲେ ବି ତାଙ୍କୁ ଆଜି କାହିଁକି କେଜାଣି ନୂଆ ନୂଆ ଲାଗୁଥିଲା । ଏକ ଆବେଗଦୀପ୍ତ ଅନୁଭବକୁ ଆପଣେଇ ନେବାର ସଂକଳ୍ପର ଈଶ୍ୱରଙ୍କ ପାଖରେ ଏକ ସମର୍ପିତ ଭାବନାରେ ମୁଣ୍ଡ ନୁଆଁଇ ପକାଇଲେ ସେ ।

ଅନୁନୟ ସ୍ୱରରେ କହିପକାଇଲେ ସମ୍ବିତ୍ -

"ସତ କୁହ କିଏ ତୁମେ ? ପୁଣି ଏଠି କାହିଁକି ? ତୁମର କଅଣ କେହି ନାହାଁନ୍ତି ? ତୁମର କଅଣ ଘରଦ୍ୱାର ନାହିଁ ? ତୁମେ ଏଠି କାହିଁକି ?"

ହଁ ମୁଁ ଏଠି କାହିଁକି ? ମୋ କଥା ଶୁଣିସାରିଲା ପରେ କହିବି ।

ଆରମ୍ଭ କଲା ଝିଅଟି -

ସେ ଆସୁଥିଲେ ପ୍ରାୟ ପ୍ରତିଦିନ । ବସୁଥିଲେ ମୋ ପାଖକୁ ଲାଗି । କେମିତି ଏକ ଆତ୍ମିୟତା ଏବଂ ଆପଣାର ଭାବ ଥିଲା ମୋ ପ୍ରତି ତାଙ୍କର । ପ୍ରକାଶ କରୁ ନଥିଲେ ବି ତାଙ୍କ ହାବଭାବରୁ ଆକଳନ କରି ପାରୁଥିଲି ମୁଁ । ମାତ୍ର ତାଙ୍କ ସହ ସମ୍ପର୍କ ସ୍ଥାପନ କରିବାର ଦୁଃସାହସ କରି ପାରୁନଥିଲି ମୁଁ । ସାମାଜିକ, ଆର୍ଥିକ, କୌଣସି କ୍ଷେତ୍ରରୁ ମୁଁ ତାଙ୍କ ସମକକ୍ଷ ନଥିଲି । ତାଙ୍କ ଆଭିଜାତ୍ୟକୁ ନେଇ ଭଦ୍ର, ମାର୍ଜିତ ପୋଷାକ ପରିପାଟିରେ ସମ୍ପୂର୍ଣ୍ଣ ଏକ ନିମ୍ନ ମଧ୍ୟବିତ୍ତ ପରିବାର ଠାରୁ ସ୍ୱତନ୍ତ୍ର ଥିଲେ । ମୋ ସୀମିତ ସମ୍ବଳକୁ ନେଇ ମୋ ପରିଧୀରେ ମୁଁ ସୁଖ ଶାନ୍ତିରେ ରହି ପାରିବି ବୋଲି ମୋର ଏକ ହୃଦ୍‌ବୋଧ ହେଉଥିଲା । ତେଣୁ ମୁଁ ତାଙ୍କଠାରୁ ନିଜକୁ ଦୂରାଇ ରଖିବାକୁ ଚେଷ୍ଟା କରୁଥିଲି । ମାତ୍ର ଛାତ୍ରୀ ନିବାସରେ ତାଙ୍କର ଅବାଧ ପ୍ରବେଶକୁ ଅନ୍ୟମାନେ ସ୍ୱାଗତ କରୁଥିଲେ । ମୁଁ ମଧ୍ୟ ପରୋକ୍ଷରେ ତାଙ୍କୁ ସ୍ୱାଗତ କରିବାକୁ ବାଧ୍ୟ ହେଉଥିଲି । ବିଷମ ମେରୁ ପରସ୍ପରକୁ ଆକର୍ଷଣ କଲା ଭଳି ତାଙ୍କ ମୋ ଭିତରେ ଏକ ମଧୁର ସମ୍ପର୍କ ସୃଷ୍ଟି ହୋଇ ପାରିଛି ବୋଲି ତାଙ୍କର ହୃଦବୋଧ ହୋଇଥିଲା ବୋଧହୁଏ । ତଥା କଥିତ ମଧୁର ସମ୍ପର୍କର ମୂଲ୍ୟ ଯେ ମତେ ମହଙ୍ଗା ପଡୁଥିଲା । ତାହା ତାଙ୍କୁ ବୁଝାଇବାକୁ ଆଉ ବାକି ନଥିଲା । ମୋ ସହଜ ସରଳ ମନରେ ତାଙ୍କ ଦ୍ୱାରା ପ୍ରଦର୍ଶିତ ଜଟିଳ ଗଣିତକୁ ମୁଁ ଆଦୌ ସମାଧାନ କରି ପାରୁନଥିଲି । ମୋ ଅପାରଗତାର ସୁଯୋଗ ନେଇ ସମାଧାନର ଉପାୟ ସମୟ ଉପରେ ଛାଡ଼ି ସେ ପ୍ରେମ ନୁହେଁ ବରଂ କାମନାର ଏକ ପ୍ରସ୍ତାବ ମୋ ସମ୍ମୁଖରେ ବାଢ଼ିଲେ ମୋ ନିମ୍ନ ମଧ୍ୟବିତ୍ତ ମାନସିକତା ମତେ ସେ ଉଗ୍ର ଆଧୁନିକାର ଚରମ ସୋପାନକୁ ଅତିକ୍ରମ କରିବାକୁ ବାରଣ କରିଥିଲା । ବିବାହ ପୂର୍ବରୁ କୌଣସି ଦୈହିକ ସମ୍ପର୍କକୁ ମୁଁ ଘୃଣା କରେ ବୋଲି ଯେତେବେଳେ ପ୍ରତିକ୍ରିୟାଶୀଳ ହୋଇ ପଡ଼ିଲେ । କିନ୍ତୁ ତାଙ୍କ ଜଟିଳ କୁବୁଦ୍ଧିକୁ ମୋ ସହିତ ପ୍ରୟୋଗ କଲେ । ମୁଁ ମୋର ଜଣେ ସ୍କୁଲ ସାଙ୍ଗକୁ ଏବେ ବି

ଭଲ ପାଉଛି କହି ବୃଥା ଦୋଷ ଆରୋପ କରି ସେଦିଠୁ ମୋ ପାଖରୁ ଦୂରାଇ ରହିଲେ ।

ମୁଁ ଦିନେ ବଜାରରୁ ଫେରୁଥିବା ବେଳେ ନିର୍ଜନସ୍ଥାନ ଦେଖି ମୋ ଉପରକୁ ଏସିଡ୍ ବୋତଲ ଫିଙ୍ଗି ଖସି ପଳାଇଲେ । ମୁଁ ମରୁ ମରୁ ଭଗବାନଙ୍କ ଦୟାରୁ ବଞ୍ଚିଗଲି । ସାକ୍ଷୀ ପ୍ରମାଣ ଅଭାବରୁ ମୋ ଅଭିଯୋଗ ମୂଲ୍ୟହୀନ ହୋଇପଡ଼ିଲା ତାଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ସାମର୍ଥ୍ୟ ହରାଇ ମୁଁ ଆଉ ବାପାମା'ଙ୍କ ଉପରେ ବୋଝ ନହୋଇ ଏହି ବାଳାଶ୍ରମକୁ ହିଁ ଜୀବନ କ୍ଷେତ୍ର ବୋଲି ବାଛିନେଇଛି ।

ସମ୍ମିତ୍ ସ୍କୁଲଦିନଗୁଡ଼ିକୁ ଫେରି ଯାଉଥିଲେ । ଏ ଯେ ତାଙ୍କ ସାଙ୍ଗ 'ସ୍ୱପ୍ନା' ଆଉ ବୁଝିବାକୁ ବାକି ନଥିଲା ।

ସବୁ ସମୟ ସମାନ ଯାଏନାହିଁ ସ୍ୱପ୍ନା । ଏକ ନୂଆ ସମୟ ଆସୁଛି । ସେ ସମୟରେ ନ୍ୟାୟ ପ୍ରତିଷ୍ଠିତ ହେବ । ସତ୍ୟ ରାଜତ୍ୱ କରିବ । ତୋ ସାଙ୍ଗ ସମ୍ମିତ ନୁହେଁ ବରଂ ସମୟ ତତେ ନ୍ୟାୟ ଦେବ । ଏକ ସୁଶାସନ ବ୍ୟବସ୍ଥା ସମାଧାନ ପନ୍ଥା ନିର୍ଣ୍ଣୟ କରିବ । ଗଣମାଧ୍ୟମ ନିରପେକ୍ଷ ରହିବ । ଶାସକ ରାମରାଜ୍ୟର ସ୍ୱପ୍ନ ସାର୍ଥକ କରିବ । କାନ୍ଦି ଉଠୁଥିଲା ସ୍ୱପ୍ନା । ବୋଧ ଦେଉଥିଲେ ସମ୍ମିତ୍ ।

ମହାନଦୀବିହାର, କଟକ ।

## ଚିନ୍ତାଧାରା

ସାଜିୟା ବେଗମ

ପ୍ରତ୍ୟେକ ମନୁଷ୍ୟର ଚିନ୍ତାଧାରା ଭିନ୍ନ ଅଟେ । ସମସ୍ତଙ୍କୁ ନେଇ ଚଳିବା ଯେତିକି କଷ୍ଟ ମନୁଷ୍ୟ ଭାବେ ସେତେ କଷ୍ଟ ନୁହଁ କିନ୍ତୁ ମନରେ ଘଣାଭାବ ନେଇକି ଚଳିବା ବହୁତ କଷ୍ଟ । ଜୀବନରେ ବହୁତ କିଛି ଏମିତି ପରିସ୍ଥିତି ଆସେ କିନ୍ତୁ ସେ ପରିସ୍ଥିତିକୁ ଛୋଟ ଭାବ ନେଲେ ରାସ୍ତା ଆପେ ଆପେ ଖୋଲିଯାଏ । ଆମର ଧର୍ମ ଆମକୁ ଅଲଗା କରେ ନାହିଁ ଆମେ ଯେଉଁ ପ୍ରକାର ଲୋକମାନଙ୍କୁ ଭାବିଥାଉ ତାହା ଆମକୁ ତାଙ୍କଠୁ ଅଲଗା କରିଥାଏ । ଝିଅ ହଉ ବା ପୁଅ ହେଉ ବା ଟ୍ରାନ୍ସଜେଣ୍ଡର ଆମେ ସମସ୍ତେ ମନୁଷ୍ୟ । ଭେଦଭାବ ନିଜ ଚିନ୍ତାଧାରାରୁ ଆମେ କରିଥାଉ । ସମସ୍ତଙ୍କ ଲାଳନପାଳନଠୁ ନେଇକି ନିଜ ମୃତ୍ୟୁ ପର୍ଯ୍ୟନ୍ତ ଅମେ ଆମ ଚିନ୍ତାଧାରା ବଦଳିଥାଉ । ଆମେ କବେଳ ସମାନତା ଉପରେ ଅଧିକ ଧ୍ୟାନ ଦେଇଥାଉ । ସମାନତା ଉପରେ ନୁହଁ ନିରପେକ୍ଷତା ।

ମଣିଷକୁ କେବେ ଶିଖାଯାଏନି କି ପରିତୋଷ ସନ୍ତୋଷ ଓ ତୃପ୍ତି କ'ଣ ? କେବେ ଶିଖା ହୁଏନି କି ଖୁସିରେ ଜୀବନଯାପନ କରିବା ହିଁ ସନ୍ତୋଷ । ତୁଳନା କରିବା ଆଉ ନିଜକୁ ତାଙ୍କ ସ୍ଥାନରେ ଦେଖିକି ନିଜର ପ୍ରତିଭା ହ୍ରାସ କରିବା ଆମ ଭୁଲ୍ । ନିଜ ପ୍ରତିଭାକୁ ନ ମାରି ତା' ଉପରେ ଦୃଢ଼ ବିଶ୍ୱାସ ରଖିବା ଉଚିତ୍ । ମନୁଷ୍ୟ ନିଜ ଚିନ୍ତାଧାରାର ଦାସ ବା ଚିନ୍ତାଧାରା ମନୁଷ୍ୟର ଦାସ ଥାଏ । ବାସ୍ ଗୋଟିଏ ଚିନ୍ତାଧାରା ହିଁ ଆମର ଦୁନିଆକୁ ଦେଖିବାର ସମସ୍ତ ପ୍ରଶ୍ନର ଉତ୍ତର ଦେଇଥାଏ । ସମାଜରେ ଗଣ୍ଡଗୋଳ ସମାଜ ପାଇଁ ନୁହଁ ଆମ ଚିନ୍ତାଧାରା ପାଇଁ ବୁଝିବାର ଶକ୍ତି ହରେଇ ଦେଇ ଆଉ ନିଜକୁ ଠିକ୍ ଅନ୍ୟକୁ ଭୁଲ୍ କହି କହି ସ୍ୱର୍ଗକୁ ନର୍କରେ ପରିଣତ କରୁଛୁ ।

"ଚିନ୍ତାଧାରା"

ରେଭେନ୍ସା ୟୁନିଭରସିଟି ଛାତ୍ରୀ

# ଭଣ୍ଡବାବା ଷଣ୍ଢ ମହାରାଜ

ବନଲତା ସିଂହ

ମାଲକିନିଗିରିର ବଣ୍ଡା ପାହାଡ଼ । ତା' ତଳେ ରହିଛି ଏକ ଆଶ୍ରମ । ଆଶ୍ରମଟି ମୁଥାମୂଳ ଆଶ୍ରମ ନାଁରେ ପରିଚିତ । ବାବା ବୈକୁଣ୍ଠ ନାଥ ଏ ଆଶ୍ରମକୁ ଭାରତ କ'ଣ ଭାରତ ବାହାରେ ମଧ୍ୟ ପରିଚିତ କରାଇ ପାରିଛନ୍ତି । ସେ ଆଶ୍ରମରେ ଆଧୁନିକ ଧରଣର ଛୋଟ ନନ୍ଦନକାନନଟିଏ ସୃଷ୍ଟି ହୋଇଛି । କେଉଁଠି ଜୀବନ୍ତ ପଶୁପକ୍ଷୀ ଥିବାବେଳେ ଏଠାରେ ଜୀବନ୍ତ ସହ ପଥରର ସବୁ ପଶୁପକ୍ଷୀ ଅଛନ୍ତି । ଏମାନେ ସମୟ ପଡ଼ିଲେ କଥା କହନ୍ତି । ସେହି ଆଶ୍ରମରେ ଗୋଟିଏ ବଡ଼ ଗୋ'ଶାଳା ଅଛି ।

ସେ ଗୋ'ଶାଳାରେ ବରିଷ୍ଠା ଗୋ-ମାତାଙ୍କ ସହ ଗୋ-କନ୍ୟାମାନେ ପାଳିତ ହେଉଛନ୍ତି । ବିଳମ୍ବିତ ରାତି । ଗୋକନ୍ୟାଙ୍କ ସହ ଗୋମାତାମାନେ ବିଶ୍ରାମ ନେଉଥାଆନ୍ତି । ବରିଷ୍ଠା ଗୋମାତା ଦଶଟି ମଧ୍ୟରୁ ଅତି ଘନିଷ୍ଠତା ଚାରିଜଣଙ୍କର । ସେମାନେ ହେଲେ ରୋଜି, ଯସ୍ମିନ୍, ଲୋଟସ୍ ଓ ହେନା । ପେଟରେ ଦାନା ନାହିଁ, ଏଣୁ ନିଦ ଆସୁନି । ରୋଜି ଡାକିଲା - ଯସ୍ମିନ୍, ଶୋଇନୁକି ? ଯସ୍ମିନ କହିଲା - ତୁ ବି ତ ଶୋଇନୁ । ହଁଲୋ ରୋଜି ଜମା ନିଦ ଆସୁନି । ଚାରିଦିନ ତଳେ ଏ ଆଶ୍ରମ ଭକ୍ତଙ୍କ ଗହଳରେ ପୂରି ଫାଟି ପଡୁଥିଲା;କିନ୍ତୁ ଆଜି ସବୁ ଶୁନ୍‌ଶାନ୍ । ଭକ୍ତ ସିନା ଥିଲେ ଆମ ପେଟ ଅପୋଷା ରହନ୍ତାନି । କେତେ ପାଚିଲାକଦଳୀ ଚୋପା, ମିଠାଖୋଳ, ପରିବା ଚୋପା, ବହଳିଆ ପେଜ ଏହାକୁ ଖାଇ ଖାଇ ଆମ ପେଟ ପୂରି ଯାଉଥିଲା । ପୁଣି ବିଳମ୍ବିତ ରାତିରେ ବିଦେଶୀ ବାଜାର ସ୍ୱର ଉପର ମହଲାରୁ ନୀଳ ଲାଇଟର କ୍ଷୀଣ ଧାରଟି ବେଶ ଉପଭୋଗ । ଶୀତଳ ପବନରେ ଆପେ ଆପେ ନିଦ ଆସିଯାଏ ।

ଯାହାହେଉ, ଆମ ଆଶ୍ରମ ଅଧୀଶ୍ୱର ବାବା ବୈକୁଣ୍ଠ ନାଥ ମଣିଷ, ପଶୁପକ୍ଷୀ, ଗଛଲତା ଆଦିଙ୍କର ଭଲ ତିଆରି କାରଖାନାଟି ବସେଇଥିଲେ । କିନ୍ତୁ ଗୋଟିଏ ଦୁଃଖ ଆମେ ଜୀବନ୍ତ ଦୁଗ୍ଧବତୀ ଥାଉଁ ଥାଉଁ ସେ ପଥର ଗାଈଟକୁ କାହିଁକି ଦୁଗ୍ଧବତୀ କରାଇ ବିସ୍ମୟ ସୃଷ୍ଟି କରୁଥିଲେ । ରୋଜି କହିଲା - ତୁ ବୁଝିପାରୁନୁ କି ? ଆମ ପାଇଁ ପରିଶ୍ରମ, ସେବା କରିବାକୁ ଲୋକ ଦରକାର । ସେ ପଥର ଗାଈ ପାଖଷର ସୁଇଚ୍ ଟିପିଲେ କାମ ସରିଲା । ଲୋଟସ୍ ଶୁଣୁଥିଲା ସେ କହିଲା - ବାବା, ବୈକୁଣ୍ଠ ନାଥ ଚାହିଁଲେ ସବୁ ଅସାଧ୍ୟକୁ ସାଧ୍ୟ କରି ଦେଖାଇ ଦେବେ । ସେ ପରା ସ୍ୱୟଂ ଭଗବାନ୍ ।

ଏହି ସମୟରେ ହଠାତ କ'ଣ ଶବ୍ଦ ଶୁଣି ସମସ୍ତେ ଉଠିପଡ଼ିଲେ । ଦେଖିଲେ ଗୋଟିଏ ବିରାଟକାୟ ଷଣ୍ଢ ଧଇଁସଇଁ ହୋଇ ଦଉଡ଼ି ଦଉଡ଼ି ମାଡ଼ି ଆସୁଛି । ଏମାନେ ଡରିକରି ପଳାଇ ଯିବାକୁ ଉଦ୍ୟତ ହେଲାରୁ ତାଙ୍କ ବେକର ଜଞ୍ଜିର ତାଙ୍କୁ ଅଟକାଇଲା । ଷଣ୍ଢ ମହାରାଜ ଆସି କହିଲେ- ମୋତେ ଟିକେ ତୁମ ବାହୁତଳେ ଲୁଚାଇଦିଅ । ମୁଁ ବଡ଼ ବିପଦରେ ପଡ଼ିଛି । ଲୋଟସ୍ କହିଲା କିହୋ ତୁମ ପରି ସାଧୁମହାରାଜଙ୍କର ବିପଦ ପୁଣି କ'ଣ ? ତା'ପରେ ତୁମର ଯେଉଁ ବଳିଷ୍ଠ ଚେହେରା, ହଂସ ପରି ଧଳା ଚାରି ଖୁରା ରଙ୍ଗରେ ମଣ୍ଡିତ । ବେକରେ ଘଣ୍ଟି ସାଙ୍ଗକୁ ପିଠିରେ ସୁନ୍ଦର ଚିତ୍ର ବିଚିତ୍ର ଜିନ୍‌ର ଉତ୍ତରୀୟ । ଆଉ ବାସନା ଫୁଲର ହାର, ଆଖିରେ କଜଳ, ପାଟିର ଓଠ ଦୁଇଟି ନାଲି ରଙ୍ଗରେ ରଞ୍ଜିତ । ତୁମେ ଆମ ମେଳରେ କିପରି ଲୁଚି ପାରିବ ? ଯସ୍ମିନ୍ କହିଲା - ଦେଖ ଆମେ ହେଲୁ ବ୍ରହ୍ମଚାରିଣୀ, ତୁମେ ଏଠାକୁ ଆସି ଆଉ ରାସ ପାଇଁ ମନ ବଳାଅନି । ଏଠାରୁ ପଳାଅ; ନଚେତ୍ ଏପରି ପାଟି କରିବୁ ଯେ ସମସ୍ତେ ଦଉଡ଼ି ଆସିବେ । ତା'ପରେ ଅବସ୍ଥା ଯାହା ହେବ ତୁମେ ସମ୍ଭାଳିବ ।

ଷଣ୍ଢ ମହାରାଜ ବଡ଼ ଅଡୁଆରେ ପଡ଼ିଲେ । ନିଉନ ହୋଇ କହିଲେ ମୋ'ପଛରେ କ୍ରାଇମବ୍ରାଞ୍ଚ ଦଉଡୁଛି । ମୋତେ ଦେଖିଲେ ବେକରେ କଡ଼ି ପକାଇ ଝାରପଡ଼ା ଜେଲକୁ ପଠାଇଦେବେ । ମୋତେ ଟିକେ ରକ୍ଷାକର । ରୋଜି କହିଲା - ଆଛା, ତୁମେ କ'ଣ କ୍ରାଇମ୍ କରିଛ କି ? ତୁମ ପଛରେ କ୍ରାଇମ ବ୍ରାଞ୍ଚ ଗୋଡ଼ାଇଛି । ଷଣ୍ଢ ମହାରାଜ କହିଲେ - ଆଲୋ ମୋର ଯେ ମାଲିକ, ସେ ମୋତେ ଯାହା ଶିଖାଇଲା, ମୁଁ ସବୁ ସେଇଆ କଲି ମୋତେ ଗୋଟିଏ ବାଡ଼ି ଧରି ପ୍ରଶ୍ନ ଉତ୍ତର କିପରି ଦିଆଯିବ, ଶିଖାଇଲା । ଯେଉଁଠି ହଁ ସେଠି ମାଲିକ ଥରେ ବାଡ଼ିକୁ ତଳେ ବାଡ଼େଇବ ମୁଁ ଥରେ ମୁଣ୍ଡ

ଆଉ ମୁଁ ଦୁଇଥର ହଲାଇବି । ମୁଁ ହଁ-ନା ଶିଖିଗଲାପରେ କେତେ ଲୋକଙ୍କର ମନସ୍କାମନା ପୂର୍ଣ୍ଣ ହେଲା ।

ଆସ୍ତେ ଆସ୍ତେ ପ୍ରଚାର ହେଲା । ଲୋକ ସମାଗମ ବଢ଼ିଲା । ମୋର ଖ୍ୟାତି ବଢ଼ିଗଲା । ଲୋକମାନେ ଷଣ୍ଢ ମହରାଜ କି ଜୟ ଧ୍ୱନି ଦେଲେ । ଆମ ରୋଜଗାର ବଢ଼ିଲା । ମାଲିକ ଚାଳ ଘରରୁ ପକ୍କାଘର କଲା । ମୋର ମଧ୍ୟ ସବୁ ସୁବିଧା କରିଦେଲ । ଦିନେ କ୍ରାଇମ ବ୍ରାଞ୍ଚର ଅଫିସର ଆସି ପ୍ରଶନ ପଚାରିଲେ - ଷଣ୍ଢ ମହାରାଜ, ମୋର ପ୍ରମୋଶନ  ହେବ । ମୁଁ ମୁଣ୍ଡ ହଲାଇ ହଁ କଲି । ସେ ପଚାରିଲେ କେତେଦିନ ଭିତରେ । ମୁଁ ମାଲିକ ବାଡ଼ି ଅନୁସାରେ ତିନିଦିନ କହିଲି । ସେ ଟଙ୍କା ବିଡ଼ାଏ ଦେଇ ଚାଲିଗଲେ । ଆଉ ଜଣେ ଆସି ପଚାରିଲେ ମୋ ସ୍ତ୍ରୀ ଗର୍ଭବତୀ ଅଛି ପୁଅ ହେବ ତ ? ମୁଁ ହଁ କହିଲାରୁ ସେ ମାଲିକ ହାତକୁ ଟଙ୍କା ପୁଡ଼ିଆ ଧରାଇ କହିଲେ, ପୁଅ ହୋଇସାରିଲେ ମୁଁ ଆହୁରି ଅଧିକ ଦେବି କହି ଚାଲିଗଲେ ।

ଦିନେ ରାତିରେ ଭୂରି ଭୋଜନ କରି ବିଶ୍ରାମ ନେଉଛୁ । ଏହି ସମୟରେ ଦଳବଳଧରି ପୁଲିସମାନେ ଆସି ମାଲିକକକୁ ନିସ୍ତୁକ ମାଡ଼ମାରି ଗାଡ଼ିରେ ନେଇଗଲେ । ଆଉ ମୁଁ ଛାନିଆରେ ଏଠିକୁ ଦଉଡ଼ିଛି । ମୋତେ ଆଜି ରାତିକ ରକ୍ଷାକର । ହେନା କହିଲା - ପୁଲିସ କାହିଁକି ବାଡ଼େଇଲା । ମହାରାଜ କହିଲେ ଯାହାକୁ ପୁଅ ହେବାକୁ କହିଥିଲି, ତାର ଯାଆଁଳା ଝିଅ ହେଲେ । ଆଉ ଯାହାକୁ ପ୍ରମୋଶନ କଥା କହିଥିଲେ, ସେ ସସ୍‌ପେଣ୍ଡ ହୋଇ ବସିଲେ

ହେନା କହିଲା - ଶୁଣି ଦୁଃଖ ଲାଗୁଛି ଯେ ଆମେ କ'ଣ କରିବୁ । ଆମେ ତ ବ୍ରହ୍ମଚାରିଣୀ ଆମ ପାଖଷର ରହିଲେ ବହୁତ ଖରାପ ହେବ ।

ଷଣ୍ଢ ମହାରାଜ ବିଦ୍ରୁପ କରି କହିଲେ - ତୁମେ ତ ବ୍ରହ୍ମଚାରିଣୀ ଏତେ ଛୁଆ କିପରି ହୋଇଛି ? ଯଶ୍ମିନ କହିଲେ ତୁମେ ଜାଣିନ କି ? ଆମ ବାବା ବୈକୁଣ୍ଠନାଥ । ସେ ଚାହିଁଲେ କ'ଣ ନକରି ପାରିବେ ? ଆମେ ସବୁ ଇଞ୍ଜେକ୍ସନ ନେଇ ଛୁଆଜନ୍ମ କରୁ । ସେ ପୁଣି ଦୁଇମାସରେ ଅଲଟ୍ରାସାଉଣ୍ଡ ହେ ବା ଯଦି ଝିଅ ଭ୍ରୁଣ ଅଛି ତାକୁ ରଖିବେ ଯଦି ପୁଅ ଭ୍ରୁଣ ଅଛି ତାକୁ ମାରି ଦେବେ । କାହିଁକିନା ଆମ ବୈକୁଣ୍ଠ ନାଥ ଝିଅମାନଙ୍କୁ ଭାରି ଭଲପାଆନ୍ତି । ଦେଖୁନ ଆମେ ସମସ୍ତେ ଗୋରୀ, ତେଣୁ ଆମେ ରତିକ୍ରୀଡ଼ାରେ ଛୁଆଜନ୍ମ କରିନୁ, ଆମର ସବୁ କଥାରେ ଇଞ୍ଜେକ୍ସନ । କ୍ଷୀର ବେଶୀ ହେବାପାଇଁ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ସବୁଥିରେ ଇଞ୍ଜେକ୍ସନ୍ । ତୁମେ ଆଉ ଗୋପୀମେଳରେ ଏଠି ରସରାଜ ସାଜନା, ପଳାଇଯାଅ ।

ଷଣ୍ଢ ମହାରାଜ କହିଲେ - ଠିକ୍ ଅଛି ମୁଁ ପୋଖରୀ ହୁଡ଼ା ଗହଳିଆ ବୁଦାମୂଳେ ଲୁଚିବସିଛି । ସେମାନେ ଖୋଜିକରି ଫେରି ଯାଆନ୍ତୁ । ମୁଁ ଆସିବି ଦୁଃଖ ସୁଖ ହେବା କହି ଷଣ୍ଢ ମହାରାଜ ଲୁଚିବାକୁ ବୁଦା ମୂଳକୁ ଚାଲିଗଲେ । କିନ୍ତୁ ଭାଗ୍ୟ ତ ଖରାପ । ପୁଲିସ ମାଡ଼ିଆସିଲେ ଆଉ ଷଣ୍ଢ ମହାରାଜଙ୍କୁ ବେକରେ କଡ଼ି ପକାଇ କାଞ୍ଜିଆ ହୁଦା ନେଇଗଲେ । କର୍ମକୁ ଆଦରି ଷଣ୍ଢ ମହାରାଜ ବିଶ୍ରାମ ନେଲେ ସେଇଠି ।

ଗଣ୍ଡରପୁର, କଟକ ।

# ସନ୍ଥକବି ଭୀମଭୋଇ

ପ୍ରମୋଦିନୀ ବିଶ୍ୱାଳ

ପ୍ରତ୍ୟେକ ଯୁଗପୁରୁଷଙ୍କ ବାଣୀ ଆମ ପାଇଁ ଅମୃତର ବାରିଧାରା ସଦୃଶ । ଆମ ଜୀବନ ପଥରେ ତାହା ସବୁବେଳେ ଫୁଲର ପାଖୁଡ଼ା ପରି ବିଛୁରିତ ହୋଇଯାଏ । ଯେତେବେଳେ ଏ ମାନବ ସମାଜର ତାଙ୍କର ନୀତି ଓ ଆଦର୍ଶକୁ ହୃଦୟ ଭିତରେ ଗ୍ରହଣ କରିନିଏ । ତାଙ୍କର ଆଗାମୀ ଜୀବନ ମାର୍ଜିତ ଓ ସାବଲୀଳ । ହୋଇଯାଏ । ସେଇ ମାନଙ୍କର ନିଛକ ଲେଖାର ସ୍ରୋତସ୍ୱିନୀ ଶବ୍ଦଗୁଚ୍ଛର ବାରିଧାରାରେ ମନରୁ ଆପେ ଆପେ ଦୂରେଇ ଯାଏ ସମସ୍ତ ଆତ୍ମଗ୍ଲାନିର କୁହେଳିକା । ସେ ଆଗେଇ ଚାଲେ ଏକ ସୁନ୍ଦର ପୃଥିବୀରେ ସୁନ୍ଦର ମଣିଷ ଟିଏ ହୋଇ ବଞ୍ଚିବା ପାଇଁ ।

ସନ୍ଥ କବି ଭୀମ ଭୋଇ ମହିମା ଧର୍ମର କେବଳ ନୀରବ ଉପାସକ ନଥିଲେ, ସେ ଏହି ଧର୍ମର ପ୍ରଚାର ପ୍ରସାର, ପ୍ରତିଷ୍ଠା ପାଇଁ ସାଜିଥିଲେ ଜଣେ ସରବ ସାଧକ । ଉନବିଂଶ ଶତକର ଦ୍ୱିତୀୟାର୍ଦ୍ଧ ହିଁ ଭୀମ ଭୋଉଙ୍କ ଜନ୍ମ, ଜୀବନୀ, ସାଧନା ସିଦ୍ଧିର କାଳ । ତାଙ୍କ ସମ୍ପର୍କରେ ଆଲୋଚକ ଗବେଷକମାନେ ଅନେକ ଆଲୋଚନା କରିଛନ୍ତି, ମାତ୍ର ଜୀବନ ଓ ଜୀବନଧାରାକୁ ନେଇ ଏକାଧିକ ମତାମତ ପ୍ରକାଶିତ ହୋଇଛି । ଭୀମଭୋଇ ଆଧୁନିକ ଯୁଗର ସ୍ରଷ୍ଟା ହେଲେ ମଧ୍ୟ ତାଙ୍କ ସମ୍ପର୍କରେ ସନ୍ନିହିତ ମତ ବିବିଧତା ପାଇଁ ମୁଖ୍ୟତଃ ତିନୋଟି କାରଣ ଦାୟୀ । ପ୍ରଥମତଃ ମହିମା ଧର୍ମର ପରମ୍ପରା ଅନୁଯାୟୀ ଭୀମଭୋଇ ନିଜର ଜନ୍ମ - ଜାତକ ଜାତି ସମ୍ପର୍କରେ ଅନେକ ତଥ୍ୟ ଗୋପନ ରଖିବାକୁ ଉଚିତ୍ ମନେ କରିଛନ୍ତି । ଆତ୍ମ ପ୍ରଚାର ଅପେକ୍ଷା ଗୁରୁ ମହିମା ପ୍ରସାର ଏକମାତ୍ର ଧେୟ ହୋଇଥିବାରୁ ସେ ଏପରି ପଥ ଗ୍ରହଣ କରିବାରେ କାର୍ପଣ୍ୟ କରିନାହାଁନ୍ତି ।

ଦ୍ୱିତୀୟତଃ ଭୀମଭୋଇଙ୍କ ବିରାଟତା ପ୍ରତିପାଦନରେ ତାଙ୍କର ଅନୁଗତ ମାନେ ବହୁ କପୋଳ କଳ୍ପିତ କାହାଣୀମାନ ପ୍ରଯୋଜନା କରିଛନ୍ତି ସାଧାରଣରେ, ପ୍ରଚାର କରି ଥିବାରୁ ଅନେକ ମୌଳିକ ତଥ୍ୟ କାଳକ୍ରମେ ବଦଳିଯାଇଥିବାର ଅନୁମାନ କରାଯାଇ ପାରେ । ତୃତୀୟତଃ ବଣ ଜଙ୍ଗଲ ପରିବେଶ ଭିତରେ ଭୀମ ନିଜ ସାଧନା ଜାରି ରଖିଥିବାରୁ ସମସାମୟିକ ଶିକ୍ଷିତଅଭିଜାତ ବର୍ଗ ତାଙ୍କର ସାରସ୍ୱତ ସାଧନା ସମ୍ପର୍କରେ ଅଭିହିତ ନଥିଲେ । ହୁଏତ ସେଥିପାଇଁ ତାଙ୍କର ରଚନା ସମୂହ ତତ୍କାଳୀନ ପତ୍ର ପତ୍ରିକା ପୃଷ୍ଠା ମଣ୍ଡନ କରି ନଥିଲା କି ତାଙ୍କ ସମ୍ପର୍କରେ ପ୍ରମାଣିକ ତଥ୍ୟ ଦେବାରେ ଆଗ୍ରହ ପ୍ରକାଶ କରି ନଥିଲା । ତେବେ ସେ ଯାହା ହେଉନା କାହିଁକି ଭୀମଭୋଇ ଚଚନାବଳୀ ତାଳପତ୍ର ପୋଥିରୁ ଉଦ୍ଧାର କରାଯାଇ ପୁସ୍ତକାକାରରେ ପ୍ରକାଶ ପାଇବା ପରେ ହିଁ କିଛି ଆଲୋଚକମାନଙ୍କର ଦୃଷ୍ଟି ସ୍ୱତଃ ଆକର୍ଷିତ ହୋଇଥିବାର ଜଣାଯାଏ ।

କନ୍ଧ ଜାତିର ଅନ୍ଧ କବି ଭାବରେ ଚର୍ଚ୍ଚିତ ହେଉଥିବା ଭୀମଭୋଇ ଓ ମହିମା ଧର୍ମର ପରମ ଉପାସକ ଗୁରୁ ଅଲେଖ ଗୋସାଇଁଙ୍କ କୃପାରୁ ଅପୂର୍ବ କବିତ୍ୱର ଅଧିକାରୀ ଜନ୍ମ ଗ୍ରହଣ କରନ୍ତି ରେଢ଼ାଖୋଲର ଏକ ଗରୀବ କନ୍ଧ ପରିବାରରେ ୧୮୫୫ ମସିହାରେ ।

ଗୁରୁକୃପାରୁ ଜ୍ଞାନପ୍ରାପ୍ତି ଓ କବିତ୍ୱପ୍ରାପ୍ତି ହାସଲ କରିଥିବା ଭୀମଭୋଇ ଓଡ଼ିଆ ଗ୍ରନ୍ଥ ସାହିତ୍ୟ ପରମ୍ପରାର ଏକ ମନ୍ମୟ । ସଂଯୋଜନ କବି ବଳରାମ ଦାସ, ଅଚ୍ୟୁତ ଦାସ, ଜଗନ୍ନାଥ ଦାସ, ଅରକ୍ଷିତ ଦାସ, ହାଡ଼ି ଦାସ ପ୍ରମୁଖଙ୍କ ପରି ସେ ସ୍ୱୀୟ ଧର୍ମ ଦିଗରେ ବ୍ୟାପକ ବର୍ଣ୍ଣନା ପାଇଁ କବିତା ମାନ ରଚନା କରିଛନ୍ତି । ତାହା ପ୍ରତିଟି ମଣିଷ ହୃଦୟକୁ ଆପ୍ଲୁତ କରିଥାଏ । ତାଙ୍କ ଲେଖନୀ ନିସୃତ .....

"ପ୍ରାଣିଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କିବା ସହୁ ।
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ।"

ଭୀମ ଭୋଇ ଅନେକ ବୋଲି, ଛାନ୍ଦ, ଚଉପଦୀ,ଚଉତିଶା, ଡ଼ାଲଖାଇ, ବହଲି, ଭଜନ, ଜଣାଣ ଇତ୍ୟାଦି ରଚନା କରିଛନ୍ତି । ସ୍ୱଳ୍ପ ଜୀବନ କାଳ ଭିତରେ ବିପୁଳ କବି - କୃତି ଏକ ବିସ୍ମୟ ବ୍ୟତୀତ ଅନ୍ୟ କିଛି ନୁହେଁ । ସୋନପୁରର ରାଜାବୀର ମିତ୍ରୋଦୟ ସିଂହଦେଓ , ଆର୍ତ୍ତବଲ୍ଲଭ ମହାନ୍ତି ପ୍ରମୁଖଙ୍କ ଦ୍ୱାରା ଭୀମଭୋଇ ରଚନାବଳୀ ତାଳପତ୍ର ପୋଥିରୁ ଉଦ୍ଧୃତ ହୋଇ ପ୍ରକାଶ ପାଇବାରେ ସାଧାରଣ ପାଠକ ମାନେ କବିକୃତିରେ ପରିଚୟ ପାଇବାକୁ ସକ୍ଷମ ହୋଇ ପାରିଛନ୍ତି ।

ସେ ଅନେକ ସାରଗର୍ଭକ ପୁସ୍ତକ ରଚନା କରି ଆଜି ଆମମାନଙ୍କ ପାଖରେ ଚିରସ୍ମରଣୀୟ ହୋଇଛନ୍ତି । ସ୍ତୁତି ଚିନ୍ତାମଣି ନିର୍ବେଦ ସାଧନ, ଚଉତିଷା ମଧୁଚକ୍ର, ଆଦିଅନ୍ତ ଗୀତା, ଅଷ୍ଟକ ବିହାରୀ ଗୀତା, ବ୍ରହ୍ମନିରୁପଣ ଗୀତା, ମହିମା ବିନୋଦ, ଅନାଦି ସଂହିତା ଭୀମଭୋଇ ମାଳିକା, କଳିଯୁଗ ଗୀତା, ଭଜନମାଳା, ମହିମା ଗୋପନ, ଶୂନ୍ୟ ରାହାସ, କଳି ଭାଗବତ, ପଦ୍ମକଳ୍ପ, କଳ୍ପ ସଂହିତା ଇତ୍ୟାଦି ।

ଭୀମ ଭୋଇ ସନ୍ଥକବି ଭାବରେ ସମ୍ମାନିତ । ତାଙ୍କର କାବ୍ୟ ଧାରାରେ ସେ ରହସ୍ୟ ବାଦର ପ୍ରାଚୁର୍ଯ୍ୟ ସ୍ୱତଃ ପରିଦୃଷ୍ଟ ହୁଏ । ତେବେ ଜଣେ ନାନ୍ଦନିକ କବି ଭାବରେ ମଧ୍ୟ ତାଙ୍କର କୃତିତ୍ୱ

ଫକୀର ମୋହନ ବା ଗଂଗାଧର ପ୍ରମୁଖଙ୍କ ନୂତନ ଶୈଳିକୁ ସେ ଆପଣର କରି ନାହାନ୍ତି କି ପ୍ରାଚୀନ ବା ମଧ୍ୟ ଯୁଗୀୟ କବିମାନଙ୍କ ଧାରାରେ ସେ ନିଜକୁ ହଜେଇ ଦେଇ ନାହାନ୍ତି । ଲୋକଧର୍ମ ମହିମା ସଂସ୍କୃତିର ଜୟ ଜୟକାର ପାଇଁ ଉଦ୍ଦିଷ୍ଟ ତାଙ୍କ କବିତ୍ୱରେ ଭରି ରହିଛି ବହୁ ବିବିଧ ଆନୁସଙ୍ଗିକ ବର୍ଣ୍ଣାଳୀ । ନୈତିକତା ଓ ଆଧାତ୍ମିକତା ର ଅଭୂତପୂର୍ବ ସଂଯୋଜକ ହେଉଛି ଭୀମଭୋଇ ସାହିତ୍ୟ ର ମଞ୍ଜି ।

ଭୀମ ଭୋଇ କଳା ପାଇଁ କଳାର କବି ନଥିଲେ ସେ ଜୀବନ ପାଇଁ କବିତା କଳାର ଆଶ୍ରୟ ନେଇଛନ୍ତି । ଜୀବନରେ ସବୁ ମଣିଷ ଶୁଚି ନିଷ୍ଠତା ଓ ନ୍ୟାୟ ବାଦିତାକୁ ଆଦରି ନେଲେ ସମାଜ ସୁଦ୍ଧ ସୁବର୍ଣ୍ଣ ଭାବରେ ଖୋଡିତ ହେବ । ଶୋଷଣ, କଷଣ, ପାପାଚାର, ପରଦାରା, ଚୋରୀ, ହିଂସା, ଅସହିଷ୍ଣୁତା, ପରଶ୍ରୀକାତରତା ଆଦି ଅବିଗୁଣ ଆପେ ଆପେ ଅପସରି ଯିବ । ଧର୍ମ, ଜାତି, ରାଜା, ସାମନ୍ତ ନାନା ଦିଗରେ ବିଭ୍ରାନ୍ତିରେ ତଳ ଶ୍ରେଣୀର ମଣିଷ ନିର୍ଯ୍ୟାତିତ ହୋଇଥାଏ । ପାପୀ ମଣିଷମାନେ ମିଥ୍ୟାଚାରକୁ ଅବଲମ୍ବନ କରିଥାନ୍ତି । ତେଣୁ କବି ଲୋକମାନଙ୍କୁ ସତ୍ୟ ପଥର ଆଶ୍ରୟ ନେବାକୁ ଉପଦେଶ ଦେଇଛନ୍ତି । ସତ୍ୟରେ କହିବ, ସତ୍ୟେ ରହିଥିବ, ସତ୍ୟରେ ଯିବ ଆସିବ, ସତ୍ୟ କର୍ମରେ ଯେତେ କୀରତିମାନ ଯୁଗେ ଯୁଗେ ରହିଥିବ । ମହିମା ଧର୍ମ ଉଭୟ ସନ୍ୟାସ ଓ ଗ୍ରାହ୍ୟସ୍ଥ ପନ୍ଥାର ଅନୁପୂରକ, ତେଣୁ କବି ସନ୍ୟାସୀ ମାନଙ୍କ ପାଇଁ ଯେପରି ନୀତିନିର୍ଦ୍ଧାରଣ କରିଛନ୍ତି, ସେହିପରି ସଂସାରୀମାନଙ୍କ ପାଇଁ ସଂସ୍କାରଧର୍ମୀ ନିର୍ଦ୍ଦେଶ ଶୁଣାଇଛନ୍ତି । ଆହୁରି ମଧ୍ୟ ଭୀମ ଭୋଇଙ୍କ କାବ୍ୟ ଦର୍ଶନରେ ଅନ୍ୟତମ ଦରବ ହେଉଛି ନାରୀଜାତି ପ୍ରତି ସ୍ୱତନ୍ତ୍ର ସମ୍ମାନବୋଧ ପ୍ରକାଶିତ କରିଛନ୍ତି । ଯୁଗେ ଯୁଗେ ନାରୀ ସମାଜରେ ନିନ୍ଦିତା ନିର୍ଯ୍ୟାତିତା ହୋଇ ଆସିଛି । ଅପର ପକ୍ଷରେ ନାରୀ ମଧ୍ୟ ନାରାୟଣୀ ରୂପେ ପୂଜିତା ଓ ବନ୍ଦିତା ହେବାର ଗୌରବ ଲାଭ କରିଛନ୍ତି । ଭୀମ ଭୋଇ ଦେଖିଥିଲେ ସମାଜରେ ନାରୀଜାତି ପ୍ରତି ଲୋକମାନଙ୍କର ସମ୍ମାନ କ୍ଷୟ ହୋଇ ଚାଲିଛି । ପୁରୁଷର କାମନା ସିକ୍ତ ଜୁଇରେ ନାରୀର ସତୀତ୍ୱ ନିଃଶେଷ ହୋଇଯାଉଛି । ତେଣୁ ତାଙ୍କର ବିପ୍ଲବୀ କବି ପ୍ରାଣ ଏହାର ତୀବ୍ର ବିରୋଧ କରି ସମାଜକୁ ସଚେତନ କରିବା ପାଇଁ ଆଗଭର ହୋଇଛି ।

ନ ବଳାଇବ ପ୍ରୀତି
ଏକପାଦ ବ୍ରହ୍ମ ଗୁରୁସେବା କଲେ
ତେବେ ବୋଲାଇବ ଯତି ॥

ଭାରତୀୟ ସମାଜରେ ବହୁ ପୁରାତନ କାଳରୁ ପ୍ରଚଳିତ ଜାତିପ୍ରଥା ଏକ ବିରାଟ ସାମାଜିକ ବ୍ୟାଧି । ଏହି ବ୍ୟାଧିରୁ ମୁକ୍ତି ପାଇବା ପାଇଁ ମହିମା ଧର୍ମ ଦର୍ଶନରେ ଜାତିବାଦକୁ କଠୋର ଭାବରେ ଅସ୍ୱୀକାର କରାଯାଇଛି । ବିଶେଷକରି ବ୍ରାହ୍ମଣ ଓ ଅନ୍ୟ ଉଚ୍ଚ ବର୍ଗର ପ୍ରାଧାନ୍ୟକୁ ବିରୋଧ କରାଯାଏ । ସେହି ଦର୍ଶନ ଭୀମଙ୍କ କାବ୍ୟ ସମ୍ଭାରରେ ପ୍ରସ୍ତୁତ ହୋଇ ଉଠିଛି । ଜୀବିକା ନିର୍ବାହ ପାଇଁ ଯିଏ ଯେଉଁ କାମ କରୁନା କାହିଁକି ତାକୁ ସ୍ୱତନ୍ତ୍ର ଜାତି ବା ଶ୍ରେଣୀ କହି ଅନ୍ୟଠାରୁ ଉଚ୍ଚ ବା ନୀଚ ବୋଲି କହିବା ମହାପାପ । ପୁନଶ୍ଚ ଧର୍ମ ନାଁ ରେ କର୍ମ ପ୍ରତି ଉଦାସୀନତା ମଧ୍ୟ ସେ ନାପସନ୍ଦ କରିଛନ୍ତି ।

ଧୀବର ହୋଇଣ ମୀନ ମାରୁପଛେ
ମହିମାକୁ ଥାଉ ଧ୍ୟାୟି,
ତାହାର ବୃତ୍ତି ତାକୁ ଦିଆ ହୋଇଛି
କେମନ୍ତ ଛାଡ଼ିବ ସେହି ।
ମୋଚି ହୋଇ ଚର୍ମ କାଟୁଥାଉ ପଛେ
ନାମରେ ଆଶ୍ରିତ ହେଉ
ତାହାର ବୃତ୍ତି ସେ କେମନ୍ତେ ଛାଡ଼ିବ
ରୋଜଗାର କରୁଥାଉ ॥

ଭୀମ ଭୋଇଙ୍କ କବିତା ପଂକ୍ତିରେ ପଲ୍ଲୀ ମୁଖର ସାଧାରଣ ଶବ୍ଦର ପଦ ସଂରଚନା ସହିତ ଅଧିକାଂଶ କବିତା ଗ୍ରନ୍ଥରେ ନବାକ୍ଷରୀ ଛନ୍ଦ ବା ଭାଗବତ ବୃତ୍ତର ବ୍ୟବହାର ତାଙ୍କ କବିତ୍ୱର ଅନ୍ୟତମ ବିଶେଷତ୍ୱ ।

ଭୀମ ଭୋଇଙ୍କ ଭଜନମାଳା ଓଡ଼ିଆ ସାହିତ୍ୟର ଅନ୍ୟତମ ଉଜ୍ଜ୍ୱଳ ପ୍ରତିଭୂତ । ଭୀମ ଭୋଇଙ୍କୁ ଜଣେ ରତାମୁଖୀ କବିର ମାନ୍ୟତା ଦେବାରେ ସ୍ୱୀକାର ଯୋଗ୍ୟ । କେବଳ ମହିମାପନ୍ଥୀ ନୁହଁନ୍ତି । ଓଡ଼ିଶାର ପୁର ପଲ୍ଲୀରେ ମଧ୍ୟ ସାଧାରଣ ଜନତା ତାଙ୍କ ଭଜନର ମାର୍ମିକ ଆବେଦନରେ ଉଚ୍ଚାଟିତ ହୋଇଥାନ୍ତି । ଯାହା କେବେ ଭୁଲିବାର ନୁହେଁ ॥

ଶିକ୍ଷୟତ୍ରୀ
ବିର୍ସାମୁଣ୍ଡା ମେମୋରିଆଲ
ନବ ପ୍ରଭାତ ଶିଶୁ ବିଦ୍ୟାମନ୍ଦିର
ପାରାଦ୍ୱୀପ - ୭୫୪୧୪୨

# ଛୁରି

ଶରତ କୁମାର ସାହୁ

ଶରତ କୁମାର ସାହୁ

କାଶିନାଥ ! ତୁମକୁ ମୁଁ ଘୃଣାକରେ ।

ସମସ୍ତେ କାଶିନାଥକୁ ଘୃଣା କରିବା ଉଚିତ୍ । କିନ୍ତୁ ଚନ୍ଦ୍ରକାନ୍ତକୁ ସମସ୍ତେ ଭଲ ପାଇବା ଆଦୌ ଅନୁଚିତ ନୁହେଁ । କାରଣ ଚଞ୍ଚଳା ଚନ୍ଦ୍ରକାନ୍ତକୁ ଭଲପାଏ ।

ଏକଥା ଚଞ୍ଚଳା ବାରଂବାର ଭାବିଚାଲେ ଏବଂ ଚନ୍ଦ୍ରକାନ୍ତକୁ ବେଶୀବେଶୀ ଭଲପାଏ । ଚଞ୍ଚଳା ଅନେକ ସମୟରେ ଭାବେ – ଏଇ ବୋକା, ଅଥର୍ବ ଲୋକଟିକୁ ବାହାହୋଇ ସେ ଭୁଲ୍ କରିଛି । ଭୁଲ୍ କରିବସିଛନ୍ତି ତା' ବାପା ଓ ଭାଇ ମଧ୍ୟ ।

ପ୍ରଥମେ ପ୍ରଥମେ ଚନ୍ଦ୍ରକାନ୍ତ କାଶିନାଥର ଅନୁପସ୍ଥିତିରେ ଆସୁଥିଲା । ପୁଣି କିଛିଦିନପରେ କାଶିନାଥର ଘରେ ବେଶିସମୟ ଉପସ୍ଥିତ ରିହବା ଦେଖି, ତା' ଉପସ୍ଥିତିରେ ମଧ୍ୟ ଆସିଲା । କାଶିନାଥର ଉପସ୍ଥିତିରେ ଚଞ୍ଚଳା ସହ କଥା ନହୋଇ କାଶିନାଥ ସହ କଥା ହେଲା । ଦେଶର ବିଭିନ୍ନ ସମସ୍ୟା ଉପରେ ସେ କାଶିନାଥକୁ କିଛି ପ୍ରଶ୍ନ ପଚାରୁଥିଲା । କାଶିନାଥ ତା' ପ୍ରଶ୍ନର କି ଉତ୍ତର ରଖୁଥିଲା, ତା' ଉପରେ ଗୁରୁତ୍ୱ ନଦେଇ, ଅର୍ଥାତ୍, ଠିକ୍‌ଭାବେ ନଶୁଣି, ପୁଣି ପ୍ରଶ୍ନକୁ ଦୋହରାଉଥିଲା । ଯାହାଫଳରେ, ବିରକ୍ତ ହୋଇ କାଶିନାଥ ନିଜଘରୁ ସାମୟିକ ବିଦାୟ ନେଇ ଚାଲିଯାଉଥିଲା । ସେ ଯିବାପରେ ଚଞ୍ଚଳା ଅତି ଖୁସୀ ମନରେ ଚନ୍ଦ୍ରକାନ୍ତ ପାଖରେ ବସୁଥିଲା । ସେ ଚନ୍ଦ୍ରକାନ୍ତ ସହ ଅତି ନିବିଡ଼ ସମ୍ପର୍କରେ ବାନ୍ଧି ହୋଇଗଲା । ତା' ପରଠୁଁ ତାର ଆଉ ଚନ୍ଦ୍ରକାନ୍ତକୁ ନାଁ ଧରି ଡାକିବା ହେଲାନାହିଁ । କାଶିନାଥକୁ ସେ ଯେମିତି ଦରକାର ପଡ଼ିଲେ ହେ-ହୋ କହି ଡାକେ, ସେମିତି ଚନ୍ଦ୍ରକାନ୍ତକୁ ମଧ୍ୟ ହେ – ହେଇ-ଶୁଣୁଛ ବୋଲି ସମ୍ବୋଧନ କଲା ।

କାଶିନାଥ ଛୁଟିଦିନଗୁଡ଼ିକରେ ଘରେ ରହିବାକୁ ପସନ୍ଦ କରୁଥିଲା । ସେ ଘରର ଯାବତୀୟ ଅଳିଆଗୁଡ଼ିକୁ ସଫା କରୁଥିଲା । ନିଜ ବାହାଘରବେଳର ବନ୍ଧେଇ ଫଟୋକୁ ପୋଛାପୋଛି କରି ଟାଙ୍ଗୁଥିଲା । ଚଞ୍ଚଳାର ପିନ୍ଧାଶାଢ଼ିଗୁଡ଼ିକୁ ଲଣ୍ଡ୍ରୀରେ ଦେଉଥିଲା । ନିଜ ଜୋତାଗୁଡ଼ିକୁ ନିଜେ ପଲିସ୍ କରୁଥିଲା । ଚଞ୍ଚଳାକୁ ରୋଷେଇବାସ କାମରେ ମଧ୍ୟ ସାହାଯ୍ୟ କରିବାକୁ ଇଚ୍ଛା କରୁଥିଲା । ଚଞ୍ଚଳା ବାରଂବାର ପଚାରୁଥିଲା କାଶିନାଥକୁ – ଆଜି କୁଆଡ଼େ ଯିବନାହିଁ କି ?

କାଶିନାଥ କୁଆଡ଼େ ଯାଉନଥିଲା । କାଶିନାଥକୁ ଘରେ ଏକା ଛାଡ଼ି ସେ ସିନେମା ଦେଖୁଥିଲା, ମଲ୍‌କୁ ଯାଉଥିଲା କି ପାର୍କକୁ ଯାଉଥିଲା ସେ ଫେରିଲାପରେ କାଶିନାଥ ଆଦୌ ତାକୁ ପଚାରି ବୁଝୁନଥିଲା । ଯେହେତୁ କାଶିନାଥ ଘରେ ଥିବାବେଳେ ଚଞ୍ଚଳା ବାହାରେ ସମୟ କାଟୁଥିଲା, ତେଣୁ, ରାତିରେ ଫେରି ଆସୁଥିବାବେଳେ ହୋଟେଲରୁ କିଛି ଖାଦ୍ୟ ନେଇ ଆସୁଥିଲା କାଶିନାଥ ପାଇଁ । ଖାଦ୍ୟ ଖାଇ ଚୁପଚାପ ଶୋଇଯାଉଥିଲା କାଶିନାଥ ।

ବେଳେବେଳେ ଚଞ୍ଚଳା କାଶିନାଥ ସହ ଝଗଡ଼ା କରିବାକୁ ଇଚ୍ଛା କରୁଥିଲା । ମାତ୍ର ଝଗଡ଼ା ତ ହଠାତ୍ କୌଣସି କାରଣ ନଥାଇ ହୋଇପାରିବନାହିଁ । ତେଣୁ ସେ ଏଥିପାଇଁ ଘରକୁ ଅସଜଡ଼ା କରିପକାଉଥିଲା । ଏଠି ସେଠି ଯାହାନାହିଁ ତା' ପକାଇ ଦେଉଥିଲା ।

ରୋଷେଇଘରର ପରିବାଚୋପା ଡ୍ରଇଁରୁମରେ ପଡୁଥିଲା । ବେଳେବେଳେ ଶୋଇବାଘର ଚଟାଣଉପରେ ପାଣିର ଲହଡ଼ି ଖେଳୁଥିଲା । କାଶିନାଥ ଅଫିସରୁ ଫେରି ଆଗ ଏସବୁ ସଫାସଫି କରିଦେଉଥିଲା । ଚୁପ୍‌ଚାପ୍ ଶୋଇବା ଘରଟିକୁ ପୋଛାପୋଛି କରି ତା'ପରେ ସକାଳ ଖବରରେ ଆଖି ପକାଉଥିଲା । ଚଞ୍ଚଳା ଝଗଡ଼ା କରିବାକୁ କୌଣସି ଖିଅ ନପାଇ ଚୁପଚାପ୍ ରୋଷେଇଘରେ ପଶୁଥିଲା । ରୁଟିକୁ ଏପାଖ ସେପାଖ ନକରି ଗୋଟିଏ ପାଖକୁ ଦୀର୍ଘସମୟ ତାଉଆରେ ରଖୁଥିଲା । ଫଳରେ ରୁଟି ପୋଡ଼ିଯାଇ ସେଥିରୁ ପୋଡ଼ାଗନ୍ଧ ବାହାରୁଥିଲା । ସନ୍ତୁଳା କିମ୍ବା ଅନ୍ୟ କୌଣସି ସବ୍‌ଜିରେ ତେଲ ମସଲାର ମାତ୍ରା କମ କରୁଥିଲା ତ କେତେବେଳେ ଅତ୍ୟଧିକ କରୁଥିଲା । ମାତ୍ର, କାଶିନାଥ ଏସବୁ ଖାଇ କୌଣସି ପ୍ରତିକ୍ରିୟା ସୃଷ୍ଟି କରୁନଥିଲା । ଖାଦ୍ୟ ସୁସ୍ୱାଦୁ ଥିଲେ ସେ ଚଞ୍ଚଳାକୁ ପ୍ରଶଂସା କରୁଥିଲା । ଖାଦ୍ୟ ସ୍ୱାଦହୀନ ଥିଲେ ସେ ଆଦୌ ବିବ୍ରତ ହେଉନଥିଲା । ଚୁପ୍‌ଚାପ୍ ସବୁ ଖାଇ ଉଠି ଯାଉଥିଲା ।

ଚଞ୍ଚଳା କାଶିନାଥର ବୋକା ଓ ଅଥର୍ବପଣକୁ ଟେଲିଫୋନ୍ ଯୋଗେ ନିଜ ମା' ଓ ଭାଉଜକୁ ମଧ୍ୟ ଶୁଣାଉଥିଲା । ଭାଉଜ ଓଲଟା ପ୍ରଶ୍ନ କରୁଥିଲା ଯେ – ବୋକା ବା ଅଥର୍ବ କିପରି କାଶିନାଥକୁ କହିପାରୁଛ ? ଏ ତ ତୁମ ପ୍ରତି ତାଙ୍କର ଗଭୀର ଭଲପାଇବା । ଚଞ୍ଚଳା ତତ୍‌କ୍ଷଣ ଉତ୍ତର ରଖୁଥିଲା – ଛିଃ-ଛିଃ, ଏହାକୁ ଭଲପାଇବା କହିପାରୁଛ ଭାଉଜ ? ସ୍ତ୍ରୀ ସହ ଏପରି ବ୍ୟବହାର କ'ଣ ଆଜିକାଲି ଯୁଗରେ କରାଯାଏ ? ମୁଁ ତାଙ୍କ ସହ ଆଦୌ ଚଳିପାରୁନାହିଁ ।

ଭାଉଜ ଅନେକ ସମୟ କଥା ହୁଅନ୍ତି ଟେଲିଫୋନରେ । ଶେଷରେ କୁହନ୍ତି – ତୁମ ଭାଇ ଯେମିତି କଥାକଥାରେ ମୋ ଉପରେ ରାଗୁଛନ୍ତି, ରୁଷୁଛନ୍ତି, ବେଳେବେଳେ ରାଗତମତମ ହୋଇ ଖେଦି ଆସୁଛନ୍ତି ମୋ ପାଖକୁ, ତୁମେ ସେମିତି ରାଗରୁଷା ଚାହୁଁଛ ବୋଧହୁଏ । ମାତ୍ର, ତୁମ ଭାଇଙ୍କ ରାଗ ବିଭିନ୍ନ କାରଣରୁ ହୋଇଥାଏ ଯାହା କାଶିନାଥ ପାଖରେ ସେସବୁ କିଛି ଘଟେନାହିଁ । ଘରକୁ ମାତ୍ର ତୁମେ ଦୁଇଜଣ । ଆଉ କିଏ ଅଛି ? ବାହାଘରର ମାତ୍ର ତିନିବର୍ଷ ବିତିଛି । ଆଉ କେଇଟାଦିନରେ ତୁମ କୋଳକୁ ପିଲାଟିଏ ଯେତେବେଳେ ଆସିବ ସେତେବେଳେ ଦେଖିବ କାଶିନାଥଙ୍କର ରାଗରୁଷା । ଏଇନା ଧୈଯଧର ।

ଚଞ୍ଚଳା ଆଦୌ ଖୁସି ହୋଇପାରେନା ଭାଉଜଙ୍କ କଥାରେ । ଚଞ୍ଚଳା ଭାବେ, କାଶିନାଥକୁ କିଏ ଭଲ ପାଇପାରିବ ? କାଶିନାଥକୁ କିଏ ଭଲ ପାଇଥିଲା କି ? କାଶିନାଥକୁ ତାଙ୍କ ବାପା, ମା' ଭାଇ, ଭଉଣୀ ଏମାନେ କେତେମାତ୍ରାରେ ଭଲପାଆନ୍ତି ? ଚଞ୍ଚଳା ଏକଥା ଭାବେ ଏବଂ ଏହାର ସତ୍ୟତା ପରଖିବା ପାଇଁ କାଶିନାଥର ବାପା, ମା, ଭାଇ, ଭଉଣୀଙ୍କ ସହ ବେଳେବେଳେ କଥାହୁଏ । ଥରେ ଚଞ୍ଚଳା କଥାଛଳରେ ଶାଶୂଙ୍କୁ କହିବସିଲା – ତମ ପୁଅ ତ ଯେମିତି ! ଏତେ ବୋକା ଆଉ ଅକର୍ମଣ୍ୟ ହେଲେ ଚଳିବ ? ଶାଶୁ କହିଲେ – ହଁଲୋ ମା ! ପାଗଳାଟା ! ତା' କଥା ତୁ କିଛି ଶୁଣିବୁନାହିଁ ।

ଏକଥା ଚଞ୍ଚଳା ଶୁଣି ଚମକି ପଡ଼ିଲା । ସେ ଖୁସୀ ହେଲାକି ଦୁଃଖିତ ହୋଇଉଠିଲା ସେ ନିଜେ ମଧ୍ୟ ଜାଣିପାରିଲାନାହିଁ । ହଠାତ୍ ତା' ଭିତରେ ଭିତରେ କିଛିଗୋଟିଏ ସେ ଅନୁଭବ କଲା । ତା' ସ୍ନାୟୁଗ୍ରନ୍ଥିଗୁଡ଼ିକ ବୋଧହୁଏ ମନ୍ଥିହୋଇ ଯାଉଥିଲା । ଶଶୁରଙ୍କୁ ସେ ଆଜି ପର୍ଯ୍ୟନ୍ତ କିଛି ପଚାରିପାରେନାହିଁ । କାଶିନାଥର ସାନଭାଇ, ଯିଏ ଚଞ୍ଚଳାର ପାଦଧୂଳି ନେଇ ମଥାରେ ମାରେ, ତାକୁ କ'ଣ ବା ଇଏ ପଚାରିବ ? ମାତ୍ର, ତା'ର ସାନଭଉଣୀ ମଣ୍ଟୁକୀକୁ ଇଏ ଥରେ ପଚାରିଥିଲା – ମଣ୍ଟୁକୀ, ଯାହା ପଚାରିବି ତମେ ସତ କହିବ ।

ତମେ ତ ଆଉ ଛୋଟ ପିଲାଟିଏ ନୁହଁ । କଲେଜରେ ପଢୁଛ । କହିଲ, ତମ ଭାଇ କାହାକୁ ଭଲପାଉଥିଲେ କି ? ତମ ଭାଇକୁ କିଏ ଭଲପାଏ ?

ମଣ୍ଟୁକୀ ଫେଁଫେଁ ହସିଥିଲା । ଭାଇ ପୁଣି କାହାକୁ ଭଲପାଇବେ ? ଭାଇଙ୍କୁ ଏ ପୃଥିବୀରେ କିଏ ଅବା ଭଲ ପାଇଥିବ ମୁଁ ଜାଣେନା । ମାତ୍ର ମୁଁ ଭାଇଙ୍କି ଆଦୌ ଭଲପାଏନା ।

କିଛିଦିନପରେ ଚଞ୍ଚଳାକୁ ଫୋନକଲେ ତା' ଭାଉଜ -ଚଞ୍ଚଳା, ତମେ ଖୋଲିକି କୁହ । ତୁମର କ'ଣ ହୋଇଛି । କାଶିନାଥ ସହ ତୁମର ବୁଝାମଣା ଠିକ୍ ନାହିଁକି ? ସେ ମଣ୍ଟୁକୀ ମୋତେ ଫୋନକରି ପଚାରୁଥିଲା - ତୁମେ କାଲେ ଖୋଳିତାଡ଼ି ତାକୁ ପଚାରୁଥିଲ ତା' ଭାଇଙ୍କ କଥା । କାଶିନାଥ ଯେମିତି ସେ କାହାକୁ ଜୀବନରେ ଭଲ ପାଇବସିଥିବେ ଅଥବା ତାଙ୍କୁ କିଏ ଭଲପାଇଥିବ ଏମିତି ଭାବିବା ଆଦୌ ଠିକ୍ ନୁହେଁ । କାଶିନାଥ ବହୁତ ସୁନ୍ଦର ପିଲା । ବିବାହର ତିନିବର୍ଷ ବିତିଗଲାପରେ ତାଙ୍କର ସାର୍ଟିଫିକେଟ ତୁମେ ଖୋଜିବା ଆଦୌ ଠିକ୍ ନୁହେଁ ।

ଚଞ୍ଚଳା ଗୁମମାରି ବସିଲା । ଭାବିଲା, ଏମାନେ କେହି ଚନ୍ଦ୍ରକାନ୍ତକୁ ଦେଖିନାହାନ୍ତି କି ଜାଣିନାହାନ୍ତି । ଥରେ ଚନ୍ଦ୍ରକାନ୍ତକୁ ଦେଖିଲେ, ତା' ସହ କଥାହେଲେ ଜାଣି ଯାଆନ୍ତେ କାଶିନାଥଠାରୁ ସେ କେତେ ଉର୍ଦ୍ଧ୍ୱରେ । ଉଚ୍ଚତାରେ କାଶିନାଥଠୁଁ ଦୁଇତିନି ଇଞ୍ଚ୍ ନିଶ୍ଚୟ ବେଶି ହେବ । ଜ୍ଞାନ ଗରିମାରେ ତ ନିଶ୍ଚୟ ସେ ଉଚ୍ଚରେ । କାଶିନାଥଠୁଁ ସଫା ଆଉ ସୁନ୍ଦର । ରୋଜଗାର ମଧ୍ୟ କମ୍ ନୁହେଁ । କାଶିନାଥ ସାମାନ୍ୟ କିରାଣିଟିଏ ହେଲେ ଚନ୍ଦ୍ରକାନ୍ତ ତ ଜଣେ ଅଫିସର ।

ଦିନେ ଚଞ୍ଚଳା ଇଚ୍ଛାକଲା ଚନ୍ଦ୍ରକାନ୍ତର ବାଏଡ଼ାଟା ପ୍ରସ୍ତୁତ କରିବ ଏବଂ ଏଇ ବାଏଡ଼ାଟାଟିକୁ ହ୍ୱାଟର୍ସଆପରେ ତା ଶାଶୂଘରକୁ ଏବଂ ତା ବାପଘରକୁ ପଠାଇଦେବ । ଏମିତି କେବଳ ଚଞ୍ଚଳା ଭାବିଲାନାହିଁ -ଚନ୍ଦ୍ରକାନ୍ତଠୁଁ ତାର ବାଏଡ଼ାଟା ହାସଲ କରିନେଲା ହ୍ୱାଟସଆପରେ । ମାତ୍ର କାହାକୁ ପଠାଇନଥିଲା । ସେ ଜାଣେ, ଚନ୍ଦ୍ରକାନ୍ତର ଏଇ ସମ୍ଭ୍ରାନ୍ତ ପରିଚୟଟିଏ ପାଇଲେ ଯିଏ କେହି ତା'ର ପ୍ରଶଂସା କରିବେ ଏବଂ ତା' ତୁଳନାରେ କାଶିନାଥକୁ ଅତ୍ୟନ୍ତ ହେୟ ମନେକରିବେ ।

ଚଞ୍ଚଳା କାଶିନାଥ ପ୍ରତି ଧୀରେ ଧୀରେ ଉଦାସ ହୋଇଉଠିଲା । ଚନ୍ଦ୍ରକାନ୍ତ ଯେତେବେଳେ ପ୍ରବେଶକଲା - ସେ ତାକୁ ଅତି ଆଦରରେ ସ୍ୱାଗତ କଲା ଏବଂ ମନପ୍ରାଣ ଢାଳି ଦେଲା ତା ଉପରେ । ଚନ୍ଦ୍ରକାନ୍ତ ଆଦୌ ଭୟ କରୁନଥିଲା କାହାକୁ । କାଶିନାଥ ଯେ ଜଣେ ଦୁର୍ବଳ ମଣିଷ - ସେ ଭଲରୂପେ ବୁଝିନେଲା । ଦୁର୍ବଳଲୋକମାନେ ହିଁ ନୀରବତା ଅବଲମ୍ବନ କରନ୍ତି । ପଚାରିଲେ କଥା ହୁଅନ୍ତି । ଯେତେ ଜ୍ଞାନୀମାନୀ ହେଲେ ମଧ୍ୟ ଏଇ ଦୁର୍ବଳତା ପାଇଁ ସେମାନଙ୍କୁ ନିଜ ପତ୍ନୀମାନେ ଅନାଦର କରନ୍ତି ଏବଂ ଅନ୍ୟମାନଙ୍କ ପ୍ରତି ଆକର୍ଷିତ ହୋଇପଡ଼ନ୍ତି । ମାତ୍ର, ତେଇଶି ବର୍ଷ ବୟସର ଚପଳମତି ଚଞ୍ଚଳାର ମୁଣ୍ଡରେ ବେଳେବେଳେ ନାନା ଦୁର୍ବୁଦ୍ଧିମାନ ପ୍ରବେଶ କରୁଥିଲା । ରୋଷେଇଘରେ ପରିବା କାଟୁ କାଟୁ ପନିକି କି ଦାଢ଼ୁଆ ଛୁରି ଉପରେ ଢେରସମୟ ନଜର ଢାଳୁଥିଲା । ନାରୀମାନଙ୍କ ଅପରାଧଭୂମି ଉପରେ ସେ ମନକୁ ମନ ଅନେକ ତର୍ଜମା କରୁଥିଲା । ଖବର କାଗଜର ଏହି ପ୍ରକାର ଖବରଗୁଡ଼ିକୁ ମନେ ପକାଇ ପୁଣି ଥରେ ପଢ଼ିବାକୁ ଗଦା ହୋଇଥିବା ଖବରକାଗଜକୁ ତନ ତନ କରି ଦେଖୁଥିଲା । ସେ ମନେ କରୁଥିଲା ଚନ୍ଦ୍ରକାନ୍ତ ପ୍ରତି ତା'ର ଏଇ ଆକର୍ଷଣ ସ୍ୱର୍ଗୀୟ । କାଶିନାଥ ପ୍ରତି ତା'ର ଘୃଣାଭାବ ମଧ୍ୟ ଯୁକ୍ତିଯୁକ୍ତ । ସେ ଜଣେ ନିରପେକ୍ଷ ବ୍ୟକ୍ତିର ତଲାସ କରୁଥିଲା, ଯିଏ ତାକୁ ହିଁ ସମର୍ଥନ କରିବ । ତେଣୁ ସେ ତା'ର ଭାଉଜ ପାଖରେ

ଏବଂ ବେଳେବେଳେ ମଣ୍ଡୁକୀ ପାଖରେ ବାରଂବାର କାଶିନାଥ ବିଷୟରେ ନାନାଦି କୁତ୍ସାରଚନା କରୁଥିଲା ।

ହଠାତ ଦିନେ କାଶିନାଥ ଆବିଷ୍କାର କଲା ଚଞ୍ଚଳାର ଉଗ୍ରତା କେବଳ ଏଇ ଚନ୍ଦ୍ରକାନ୍ତ ସହ ତା'ର ଦୈହିକ ବ୍ୟାପାରରୁ । କାଶିନାଥ ଖୁବ ବ୍ୟଥିତ ହୋଇଉଠିଲା । ମାତ୍ର, ପରେ ପରେ କୌଣସି ଦର୍ଶନ ଆଡ଼କୁ ଅଗ୍ରସର ହୋଇ ପ୍ରକୃତିସ୍ଥ ହେଲା । ସେ ଦର୍ଶନରେ ସାରାଂଶ ଥିଲା – ମଣିଷ ଦୈହିକ ବ୍ୟାପାରରେ ଯେକୌଣସି ସମ୍ବନ୍ଧକୁ ଭାଙ୍ଗିଦେଇ ପାରିବ । ଏଥିରେ ମଣିଷକୁ ଦୋଷ ଦିଆଯାଇ ପାରେନା ବରଂ ଏଥିପାଇଁ ପ୍ରକୃତିଦାୟୀ ।

ଚଞ୍ଚଳା ଏହା ମଧ୍ୟରେ ତା ହ୍ୱାଟସଆପରେ ଥିବା ଚନ୍ଦ୍ରକାନ୍ତର ବାଏଡ଼ାଟାକୁ ତା' ଭାଉଜ ପାଖକୁ ପଠାଇଦେଇଥାଏ । ତା ଭାଉଜ ଏହାକୁ ମଣ୍ଡୁକୀ ହ୍ୱାଟସଆପରେ ପଠାଇ ଦେଇଥାଏ । ହ୍ୱାଟସଆପ ଆଦାନପ୍ରଦାନ ଦୁଇ ପରିବାର ମଧ୍ୟରେ ଚାଲିଥାଏ, ଯାହା ଚଞ୍ଚଳା କି କାଶିନାଥ ଆଦୌ ଜାଣି ନଥାନ୍ତି । ମଣ୍ଡୁକୀ ଏବଂ ତା'ର ବାପାମା'ଙ୍କ ସହ ସମ୍ପର୍କ ରଖିଥାଏ ଚଞ୍ଚଳାର ଭାଉଜ । ମଣ୍ଡୁକୀ ଆଦୌ ରାଜି ନଥାଏ ଏ ବାହାଘର ପ୍ରସ୍ତାବରେ । କାରଣ, ସେ ପି.ଜି କରିସାରିବା ପରେ ହିଁ ନିଜ ବାହାଘର ପାଇଁ ଚିନ୍ତା କରିବ ବୋଲି କହିଥାଏ ଚଞ୍ଚଳାର ଭାଉଜକୁ ।

ଚନ୍ଦ୍ରକାନ୍ତର ପ୍ରଶଂସା ଭାଉଜଙ୍କ ଠାରୁ ଶୁଣିବାକୁ ଅପେକ୍ଷା କରିଥାଏ ଚଞ୍ଚଳା । ଚନ୍ଦ୍ରକାନ୍ତର ସଂକ୍ଷିପ୍ତ ପରିଚୟ ପାଇ ଭାଉଜ ନିଶ୍ଚୟ ଉଲ୍ଲସିତ ହୋଇଉଠିବେ ଏବଂ ପ୍ରଶଂସାରେ ପୋତି ପକାଇବେ ତାକୁ । ଜଣେ ବୋକା, ଅଥର୍ବ ମଣିଷ ଏଇ ଉଦୀୟମାନ ଯୁବକଠାରୁ କେତେ ତୁଚ୍ଛ ତାହା ସମସ୍ତେ ଜାଣିପାରିବେ । ଚଞ୍ଚଳା ଅପେକ୍ଷାକରି ରହିଲା । ଦିନେ କଶିନାଥ ଖାଇବା ଟେବୁଲପାଖରେ ବସି ଅପେକ୍ଷା କଲା ଚଞ୍ଚଳାର ବ୍ୟଞ୍ଜନକୁ । ମାତ୍ର, ସେତେବେଳେ ଚଞ୍ଚଳା ରୋଷେଇଘରେ ନଥିଲା ବରଂ ବେଡ଼ରୁମରେ କବାଟ କିଳି ଶୋଇପଡ଼ିଥିଲା । ବିଳମ୍ବହେତୁ କାଶିନାଥ ନିଜେ ଉଠିଗଲା ରୋଷେଇଘରକୁ । ଦେଖିଲା ଖାଦ୍ୟ ପ୍ରସ୍ତୁତ ହୋଇନାହିଁ । ସେ ପୁଣି ବେଡ଼ରୁମକୁ ଯାଇ ଦେଖିଲା ଯେ ଚଞ୍ଚଳା ଶୋଇଛି । ତେଣୁ ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲା – ତୁମେ ଏପରି ଶୋଇ ରହିଛ ଯେ ? କ'ଣ ଦେହ ଭଲ ନାହିଁ ? ଚଞ୍ଚଳାଠୁଁ କୌଣସି ଉତ୍ତର ନପାଇ କାଶିନାଥ ତା'ଦେହରେ ହାତ ବୁଲାଇ ପଚାରିଲା – କ'ଣ ହୋଇଛି ତୁମର ? ଚଞ୍ଚଳା ଉଠିବସିଲା ଏବଂ ରୋକଠୋକ୍ ଜବାବ ଦେଲା ଯେ ତା'ର କିଛି ହୋଇନି ଏବଂ ସେ ଏମିତି ଶୋଇ ରହିଲେ କାହାର ଯଦି ଅସୁବିଧା ହେଉଛି ତେବେ ସେ ନିଜ ସୁବିଧା ପାଇଁ ଅନ୍ୟ ବ୍ୟବସ୍ଥା କରିବା ଉଚିତ୍ ।

ଏହା ଶୁଣି କାଶିନାଥ ଆଉ କିଛି କହିଲାନାହିଁ । ନିଜର ବୃତ୍ତିକୁ ସେ ଛାଡ଼ିପାରିବନି । ତେଣୁ ସେ ଆଉ ଚଞ୍ଚଳାକୁ କ'ଣ କହିବ ? ଘରୁ ସିଧା ତା ଅଫିସକୁ ଚାଲିଗଲା । ଅଫିସରୁ ଫେରି ସେ ମଧ୍ୟ ସେଇ ଏକା କଥା ଦେଖିଲା । ଚଞ୍ଚଳା ଶୋଇରହିଛି । କାଶିନାଥ ଗୋଡ଼ହାତ ଧୋଇ ରୋଷେଇଘରେ ପ୍ରବେଶ କଲା ଏବଂ ଖାଦ୍ୟ ପ୍ରସ୍ତୁତିରେ ଲାଗିପଡ଼ିଲା । ଠିକ୍ ରାତି ନଅଟାବେଳେ ପୁଣି ଯାଇ ଦେଖିଲା ଚଞ୍ଚଳା ସେମିତି ମୁହଁମାଡ଼ି ଶୋଇଛି । କାଶିନାଥ ଡାକିଲା – ଚଞ୍ଚଳା, ଉଠ, ଦିନସାରା ତ କିଛି ଖାଇନଥିବ । ଚଞ୍ଚଳା ସକାଳଭଳି ଉଠିପଡ଼ି ବସି ରହିଲା ବିଛଣା ଉପରେ । କହିଲା – ମଣିଷ କେବଳ ଖାଇବାକୁ ବଞ୍ଚେନା । ତା'ର ମନ ଅଛି ଓ ସେ ସ୍ୱାଧୀନ ମଧ୍ୟ । ମୁଁ ତୁମ ହାତ ଧରିଛି ସତ ମାତ୍ର, ତୁମର ଅଧୀନରେ ରହିବାକୁ ଇଚ୍ଛା କରେନା । ମୁଁ ତୁମକୁ ଘୃଣା କରେ ।

କାଶିନାଥ କହିଲା – ଠିକ୍ ଅଛି । ତୁମେ ତୁମ ସ୍ୱାଧୀନତା ବଳରେ ଯାହା ନାହିଁ ତାହା କରିପାର । ମାତ୍ର ଖାଇବାରେ ଅସୁବିଧା କେଉଁଠି ? ଖାଇବାକୁ ତ ପଡ଼ିବ ନା । ଚଞ୍ଚଳା କହିଲା – ନା, ମୁଁ ଖାଇବି ନାହିଁ । ମୋତେ ତୁମେ ବିଦା କରିଦିଅ ।

କାଶିନାଥ କହିଲା – କେଉଁଠିକି ବିଦା କରିବି ? ବରଂ ତୁମେ ତୁମ ନିଜ ଇଚ୍ଛାରେ କେଉଁଠିକି ଯାଇପାର । ଚଞ୍ଚଳା ଆଉ କିଛି ନକହି ନୀରବ ରହିଲା । ତା ପରଦିନ ସକାଳେ କାଶିନାଥ ଦେଖିଲା ଚଞ୍ଚଳା ଗାଧୋଇ ସାରି ତା'ର କିଛି ଜିନିଷ ବ୍ୟାଗରେ ଭର୍ତ୍ତି କରୁଛି । କାଶିନାଥ ଏହା ଦେଖି ପୁଣି ପ୍ରଶ୍ନକଲା – ସକାଳୁ ସକାଳୁ ବହାରି ପଡ଼ିଛ ! କୁଆଡ଼େ ଯିବ ? ଚଞ୍ଚଳା କହିଲା – ମୁଁ ଯୁଆଡ଼େ ବି ଯାଏ ତୁମର କିଛି ଜାଣିବା ଦରକାର ନାହିଁ । କାରଣ, ମୁଁ ମୋ ଖୁସୀ ପାଇଁ ମୋ ଭବିଷ୍ୟତ ପାଇଁ, ଗୋଟିଏ ରାସ୍ତା ତ ବାହାର କରିବି ନା ?

କାଶିନାଥ ସମ୍ମୁଖରେ ଗାଡ଼ିଟିଏ ଆସି ତା' ଦୁଆରେ ଠିଆହେଲା । ସେହି ଗାଡ଼ିରେ ବସି ଚଞ୍ଚଳା ବାହାରି ଗଲା ତା' ବାପା, ମା'ଙ୍କ ପାଖକୁ ।

ହତୋତ୍ସାହ ହୋଇଉଠିଲା କାଶିନାଥ । ସେ ଗୁମମାରି ବସିରହିଲା । ସେଦିନ ସେ ଅଫିସଗଲା ସତ ଅଫିସରେ ତା ମନ ଲାଗିଲାନାହିଁ । ଏ ଘଟଣାଟିକୁ ଜଣାଇଦେବାକୁ ଫୋନ ଉପରେ ଯେତେଥର ହାତ ମାରିଲା, ତା ହାତ ପୁଣି ଫେରି ଆସିଲା । ସେ କାହାକୁ କ'ଣ କହିବ କିଛି ବୁଝିପାରିଲାନାହିଁ । ସେ ଖୁବ ଅପମାନବୋଧ ମନେକଲା ଏବଂ ଧୈର୍ଯ୍ୟର ସହ ମଣ୍ଟୁକୀକୁ ଫୋନ୍ ଲଗାଇଲା । ସେ କିଛି କହିବା ପୂର୍ବରୁ ମଣ୍ଟୁକୀ କହିଲା – ଭାଇ, ଏ ପାଲା କାହିଁକି ଲାଗିଛି ? ମୁଁ ପି.ଜି କରିବି ନା ବାହାହୋଇ ଘରସଂସାର କରିବି ? ଭାଉଜଙ୍କର ଧନ୍ଦା ନାହିଁ । ସେ ବସି ବସି ଗୋଟାଏ ପାଲା ଲଗେଇଛନ୍ତି । ପୁଣି ଏକ ଆଶ୍ଚର୍ଯ୍ୟ ବଳୟ ଭିତରେ ପ୍ରବେଶ କଲା କାଶିନାଥ । କହିଲା – ମୁଁ କିଛି ଜାଣେନା ମଣ୍ଟୁକୀ, କାହା ସହ ତୋର ବାହାଘର ପ୍ରସ୍ତାବ ପଡ଼ିଛି । ଆମେ ତ ଆଦୌ ଏଇନେ ପ୍ରସ୍ତୁତ ନାହୁଁ ତୋ ବାହାଘର ପାଇଁ । ମଣ୍ଟୁକୀ କହିଲା – ଠିକ ଅଛି ଭାଇ, ତମେ ଜାଣି ସିଆଣିଆ ଭଳି ବ୍ୟବହାର କରିପାର । ମୁଁ ପଠାଉଛି ରୁହ । ମଣ୍ଟୁକୀ ଫୋନ କାଟି ଦେଲା ଏବଂ ହ୍ୱାଟସଆପରେ ଥିବା ଚନ୍ଦ୍ରକାନ୍ତର ବାଏଡ଼ାଟା ଫରୱାର୍ଡ କରିଦେଲା ତା ଭାଇ ନିକଟକୁ ।

କାଶିନାଥ ସ୍ତମ୍ଭୀଭୂତ ହୋଇଗଲା । ଏ କ'ଣ ସବୁ ଘଟିଯାଉଛି ତା' ଆଗରେ ? ଆଶ୍ଚର୍ଯ୍ୟର ସୀମା ରହିଲାନାହିଁ ତା'ର । ସେ ମଣ୍ଟୁକୀକୁ ଫୋନ ଲଗାଇ କହିଲା – ଏ ବାହାଘର ପ୍ରସ୍ତାବ ଯିଏ ଦେଇଥାଉନା କାହିଁକି ମୁଁ ତ ଆଦୌ ଏ ପ୍ରସ୍ତାବରେ ରାଜି ନାହିଁ । ତୋ ପଢ଼ାପଢ଼ି ଉପରେ ମୁଁ ଗୁରୁତ୍ୱ ଦେଉଛି । ତୁ ମନଲଗାଇ ପାଠ ପଢ଼, ଯେତେଦିନ ପାରୁଛୁ ତୋ ପଢ଼ାପଢ଼ିରେ ମନଧ୍ୟାନ ଦେ । ମଣ୍ଟୁକୀର ଖୁସୀର ସୀମା ରହିଲାନାହିଁ ତା' ଭାଇର କଥାରେ ।

ଚଞ୍ଚଳା ତା ଆସିବାର କାରଣ କାହାକୁ କିଛି କହିନଥାଏ । ତାକୁ ଯିଏ ଯେତେ ପଚାରିଲେ ମଧ୍ୟ ସେ ଚୁପଚାପ ରହୁଥାଏ । ମା' ବୁଝିଗଲେ ଯେ ଜ୍ୱାଇଁ ସହ କୌଣସି କଥାରେ ମନୋମାଳିନ୍ୟ ପାଇଁ ଝିଅ ରାଗି ଚାଲିଆସିଛି । ମନ ବୁଝିଗଲେ ପୁଣି ସେ ଚାଲିଯିବ । ଭାଉଜ ମଧ୍ୟ ପ୍ରଥମେ ଏହାହିଁ ବୁଝିଥିଲେ । ମାତ୍ର, ଚଞ୍ଚଳା ଫୋନ୍‌ରେ କାହା ସହ ଗପୁଥାଏ । ଦିନେ ଚଞ୍ଚଳା କଥା ହେଉଥିବାବେଳେ ଇଏ ତା' ଠୁଁ ଫୋନ୍ ଛଡ଼ାଇ ଆଣିଲେ ଏବଂ ରାଗରେ ନିଆଁବାଣ ହୋଇ ତାକୁ ତିରସ୍କାର କରିବାରେ ଲାଗିଲେ । ଘରେ ସମସ୍ତେ ଜାଣିଗଲେ ଯେ ଚଞ୍ଚଳା ହିତାହିତ ଜ୍ଞାନ ହରେଇବସିଛି । ଉଗ୍ର ହୋଇଉଠିଛି ଏବଂ କାଶିନାଥକୁ ଘୃଣା କରୁଛି । ସେ ଯେଉଁ ବାଏଡ଼ାଟା ପଠାଇଥିଲା ତା ଭାଉଜ ପାଖକୁ, ତାହାକୁ ଏମାନେ ମଣ୍ଟୁକୀ ପାଇଁ ବାହାଘରର ପ୍ରସ୍ତାବ ମନେ କରିଥିଲେ । ମାତ୍ର, ଏ ସମ୍ବନ୍ଧରେ ଚଞ୍ଚଳାର

ନୀରବତା ସେମାନେ ଲକ୍ଷ୍ୟକଲେ । କେବଳ ଭାଉଜ ନୁହେଁ, ଚଞ୍ଚଳାର ବାପା, ଭାଇ ମଧ୍ୟ ତାକୁ ତିରସ୍କାର କରିବାରେ ଲାଗିଲେ । ଶେଷରେ ମା ତାକୁ ପୋଡ଼ାମୁହାଁ, ଅଲାଜୁକୀ କହି ଗାଳି ଦେଲେ । ସୁଖର ସଂସାରରେ ନିଆଁଲଗାଇ କି ଫଳ ଭୋଗିବୁ ତୁ ଜାଣିପାରୁଛୁ ବୋଲି କହି ଗାଳିଗୁଲଜ କଲେ ।

ସେ ଭିତରେ ଭିତରେ କ୍ରୋଧାନ୍ଧ ହୋଇଉଠିଲା । ତା ବ୍ୟବହାରରେ ଅନ୍ୟମାନେ ଅଶାନ୍ତ ହୋଇଉଠିଲେ । ଚନ୍ଦ୍ରକାନ୍ତର ଫୋନ ଆସିଲେ ସେ ନିରୋଳା ସ୍ଥାନରେ ଯାଇ କଥା ହେଉଥିଲା ଏବଂ ତା ମନକଥା ବାରଂବାର କହି ତାକୁ ଉସ୍‌କାଉଥିଲା ।

ହଠାତ ଦିନେ ତା ବାପା, ମା, ଭାଇ, ଭାଉଜଙ୍କ ନିକଟରୁ ସେ ଅନ୍ତର୍ଦ୍ଧାନ ହୋଇଗଲା । କାଶିନାଥର ସ୍ଥିତପ୍ରଜ୍ଞତା ଓ ଚଞ୍ଚଳାର ବୁଦ୍ଧିନାଶରେ ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହୋଇଉଠୁଥିଲେ ।

ଚଞ୍ଚଳା ଜାଣିନଥିଲା, ସେ ଠିକ୍ ମାଟିର ଦୁବଘାସଟିଏ ଯିଏ ଉପୁଡ଼ାହୁଏ ଏବଂ ଦେବତାର ପାଦତଳେ ସିନ୍ଦୂର, ଚାଉଳ ସହିତ ମିଶି ଶୋଭାପାଏ । ଚଞ୍ଚଳା ଭୁଲି ଯାଇଥିଲା କାଶିନାଥର ହାତ ଧରିବାବେଳେ ଯଜ୍ଞହୋମରେ ମନ୍ତ୍ରୋଚାରଣରେ ସେ ତା' ଭବିଷ୍ୟତ ପାଇଁ ଶପଥପାଠ କରୁଥିଲା । ମାଟି ଉପର ଘାସ ଥାଇ ସେ ନିର୍ମୂଳି ଲଟାପରି ମାଡ଼ିଯିବାକୁ ଚାହିଁଲା କେଉଁଏକ ଫୁଟନ୍ତା ଫୁଲ ଗଛରେ । ଚନ୍ଦ୍ରକାନ୍ତକୁ ଯେତେବେଳେ ନିବିଡ଼ ବାହୁବନ୍ଧନରେ ବାନ୍ଧିବାକୁ ଚେଷ୍ଟା କରୁଥିଲା ସେତେବେଳେ ଚନ୍ଦ୍ରକାନ୍ତ ଭାବିଲା ଏହାର ଆଦୌ ମୂଳନାହିଁ । ଇଏ ଆଦୌ ମାଟିଉପରେ ନାହିଁ । ନିର୍ମୂଳି ଲଟା ପରିକା ଚଞ୍ଚଳା କେବଳ ତା ଉପରେ ପଡ଼ି ତାକୁ ଶୋଷି ଚାଲୁଛି । ତେଣୁ ସେ ତା ବନ୍ଧନରୁ ମୁକୁଳିବାକୁ ଚେଷ୍ଟା କଲା । ସମୟକ୍ରମେ ନିଜ ବାଡ଼ିର ଶାଗ କହି ଅଭିଭାବକମାନେ ନିଜ ନିଜ ସୁନ୍ଦର କନ୍ୟାମାନଙ୍କୁ ତାକୁ ଦେଖାଇଲେ । ଦିନେ ଚଞ୍ଚଳା କାନ୍ଦକାନ୍ଦ ହୋଇ ଚନ୍ଦ୍ରକାନ୍ତକୁ କହିଲା - ମୁଁ ତୁମକୁ ଘୃଣାକରେ । ସମସ୍ତେ ତୁମକୁ ଘୃଣା କରିବା ଉଚିତ୍ । ଚନ୍ଦ୍ରକାନ୍ତ ଏକଥା ଶୁଣିଲା ଏବଂ ସାମାନ୍ୟ ହସିଦେଇ ବାହାରିଗଲା ତା ପାଖରୁ । କାରଣ, ସେ ଜାଣିଥିଲା ତାକୁ କେହି ଘୃଣା ନକରିବାକୁ ସେ ବର୍ତ୍ତମାନ ନିଜେ ନିଜକୁ ମାଜୁଛି ଏବଂ ଖରାତରାରେ ଠିଆହୋଇ ନିଜକୁ ସିଝେଇ ଚାଲିଛି । ସେ ଜାଣିଛି ପୁଣି ବର୍ଷା ଆସିବ ଏବଂ ସେ ଏଇ ବର୍ଷାରେ ନିଜକୁ କଅଁଳେଇ ନେବ ।

କିଛିଦିନପରେ ଚଞ୍ଚଳା ପହଞ୍ଚିଗଲା କାଶିନାଥ ପାଖରେ । ହଠାତ ଚଞ୍ଚଳାକୁ ଦେଖି କାଶିନାଥ ଆଶ୍ଚର୍ଯ୍ୟ ହେଲା । ସେ ସଂଗେ ସଂଗେ ଏ ଖୁସି ଖବରକୁ ଟେଲିଫୋନଯୋଗେ ଜଣାଇଦେଲା ଚଞ୍ଚଳାର ବାପା, ମା, ଭାଇ, ଭାଉଜଙ୍କୁ ଏବଂ ନିଜ ବାପା, ମା, ଭାଇଭଉଣୀଙ୍କୁ । ମାତ୍ର, ତା ଖୁସୀ ବେଶି ସମୟ ତିଷ୍ଠି ରହିପାରିଲାନାହିଁ । ତା ଦ୍ୱାରଖଟଖଟ ହେବାରୁ ସେ ଦ୍ୱାର ଖୋଲିଦେଲା । ତା ଘର ଭିତରକୁ ଧସେଇ ପଶିଆସିଲେ ପୁଲିସ । ତନ୍ନତନ୍ନ କରି ଖୋଜି ଚାଲିଲେ କ'ଣ ସବୁ ।

ଲଜ୍ଜାରେ ହତବୁଦ୍ଧି ହୋଇ ପଡ଼ିଲା କାଶିନାଥ । ସେ ଏହି ଖବରକୁ ମଧ୍ୟ ଟେଲିଫୋନ୍ ଯୋଗେ ଜଣାଇଦେଲା ଚଞ୍ଚଳାର ବାପା, ମା, ଭାଇଭାଉଜଙ୍କୁ ଏବଂ ନିଜ ବାପା, ମା, ଭାଇଭଉଣୀଙ୍କୁ ।

୧୯୧, ମହାନଦୀବିହାର, କଟକ - ୪
ମୋ - ୯୪୩୭୬୮୪୩୭୪



CBSE XII
2018 RESULT
ROUT CLASSES
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube

# IBMS No.1 INSTITUTE

# IBM'S

SINCE-2005



## BANK | SSC | RLY | OAS

PO/CLERK | +2/GRADUATE | Tech./Non Tech. | BED

**CALCULATE 763X592 IN SECONDS**
**Charge your Brain**
**With the power of VEDIC MATHS.**

**Free Registration For the**
**MATHS (QA) SPEED TECHNIQUE WORK SHOP**
**AT Our Badambari Branch**
By Praharaj Sir .Con:0671-6540190

## 0671-6540190 M-9238500190

## Register Your Name For Free Class

All India Topper



Lopa Mudra Mohanty

**EXCLUSIVE FEATURES**

- COMPLETE SIGN-UP SYSTEMS
- ENTRY BY 20 MINUTE PRE INTERVIEW & FREE CLASSES.
- WITH YOU SCORING OF 65%
- STUDENT FORUM CLASSES
- COMMON TEST STARTS FROM THE DATE OF ENTRY WITH COMPLETE EXPLANATION.

**101 SPEED TEST**
**25 COMMON TEST**
**25 COMPLETE TEST &**
**IT CONTINUES TILL**
**YOU SCORE 65%**



"I Get 6 job in 7 Month" Joined IOB PO. Calcutta.

Ankita Bhawani
Indian Overseas Bank PO



NARESH BARIK
VIJAYA BANK PO



Ruchi Smita Behera
Corporation Bank



Sandeep Mohanty
Bank Of India PO

Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)

**IBM'S CHANDI CHHAK & PALAMANDAP(Near Barabati Gas)CTC**

# ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖୁଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ